ଆମର ପ୍ରତିବଦ୍ଧତା
ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ ନିଷ୍କର୍ଷ
Approved by DAVP Govt. of India

# ନିଷ୍କର୍ଷ
# NISHKARSHA

RNI REGD. No. : ODIODI/2020/78909
QR Code Scan for Play NTv(24X7) Channel on Your Mobile Phone
Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Ntv Nishkarsha @Ntv_Nishkarsha
www.nishkarsha.com
www.nishkarsha.site
www.nishkarsha.in
YouTube
NISHKARSHA MEDIA ENTERTAINMENT & PUBLICATION

♦ VOLUME - 07 ♦ ISSUE- 05 ♦ CUTTACK ♦ WEEKLY ♦ 02 TO 08 - FEBRUARY 2026 ♦ 8 PAGE ♦ RATE- 5/- ■ ବର୍ଷ - ୦୭ ♦ ସଂଖ୍ୟା -୦୫ ♦ କଟକ ♦ ସାପ୍ତାହିକ ♦ ୦୨ ରୁ ୦୮ - ଫେବୃୟାରୀ ୨୦୨୬ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା

# ଛାତ୍ରୀମାନଙ୍କୁ ନିର୍ମଳା ସୀତାରମଣଙ୍କ ଉପହାର : ପ୍ରତ୍ୟେକ ଜିଲ୍ଲାରେ ବାଳିକା ହଷ୍ଟେଲ



**ନୂଆଦିଲ୍ଲୀ(ଏଜେନ୍ସି) :** ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ରେକର୍ଡ ୯ମ ଥର ପାଇଁ ଆଜି ବଜେଟ ଉପସ୍ଥାପନ କରିଛନ୍ତି । ପ୍ରାୟ ୧ ଘଣ୍ଟା ୨୫ ମିନିଟର ବଜେଟ ଭାଷଣରେ ସେ ସବୁ ବର୍ଗଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରିଛନ୍ତି । ୨୦୪୭ ବିକଶିତ ଭାରତ ଲକ୍ଷ୍ୟରେ ଭିତ୍ତିଭୂମିକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ମୋଟ ବଜେଟ ୫୩ ଲକ୍ଷ କୋଟି ଟଙ୍କା ଟପିଛି । ତେବେ ଏତେ ପରିମାଣର ବଜେଟକୁ ସାଧାରଣ ଲୋକ ବୁଝିବା ବେଶ ମୁସ୍କିଲ । ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ କେନ୍ଦ୍ରୀୟ ବଜେଟ୍ ଶିକ୍ଷାଗତ ବିକାଶ ଏବଂ ସାମାଜିକ ଭିତ୍ତିଭୂମି ଉପରେ ଧ୍ୟାନ ଦିଆଯାଇଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଦେଶବ୍ୟାପୀ ପ୍ରମୁଖ ଶିଳ୍ପ ଏବଂ ଲଜିଷ୍ଟିକ୍ସ ହବ୍ ନିକଟରେ ପଞ୍ଚଟି ବିଶ୍ୱବିଦ୍ୟାଳୟ ଟାଉନସିପ୍ ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଥିଲେ। ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ବାଳିକା ହଷ୍ଟେଲ୍ ରହିବ, ଯାହା ମହିଳା ଛାତ୍ରୀଙ୍କ ଶିକ୍ଷା ଏବଂ ସୁରକ୍ଷାକୁ ଉନ୍ନତ କରିବ । ରବିବାର ଲୋକସଭାରେ ବଜେଟ୍ ଉପସ୍ଥାପନ କରି ସୀତାରମଣ କହିଛନ୍ତି ଯେ ଏହି ପଦକ୍ଷେପର ଲକ୍ଷ୍ୟ ଶିକ୍ଷା-ଶିଳ୍ପ ସମ୍ପର୍କକୁ ଆହୁରି ଦୃଢ଼ କରିବା ଏବଂ ଉଦୀୟମାନ ଅଭିବୃଦ୍ଧି କରିଡରରେ ଦକ୍ଷ ପ୍ରତିଭାକୁ ପ୍ରୋତ୍ସାହିତ କରିବା ।

## 'ପ୍ରତ୍ୟେକ ଜିଲ୍ଲାରେ ଏକ ବାଳିକା ଛାତ୍ରାବାସ'



ଅର୍ଥମନ୍ତ୍ରୀ ଏହା ମଧ୍ୟ ଘୋଷଣା କରିଛନ୍ତି ଯେ ମହିଳା ଶିକ୍ଷା ଏବଂ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ପ୍ରତ୍ୟେକ ଜିଲ୍ଲାରେ ଏକ ବାଳିକା ଛାତ୍ରାବାସ ନିର୍ମାଣ କରିବେ । ବର୍ତ୍ତମାନ ଭାରତରେ ୭୦୦ରୁ ଅଧିକ ଜିଲ୍ଲା ଅଛି । ବଜେଟରେ ସ୍କୁଲ ସ୍ତରରେ ଛାତ୍ରୀଙ୍କ ସୃଜନଶୀଳ, ଡିଜିଟାଲ୍ ଏବଂ ମିଡିଆ ସମ୍ବନ୍ଧୀୟ ଦକ୍ଷତାକୁ ସୁଦୃଢ଼ କରିବା ପାଇଁ ୧୫,୦୦୦ ମାଧ୍ୟମିକ ବିଦ୍ୟାଳୟରେ ବିଷୟବସ୍ତୁ ପ୍ରୟୋଗଶାଳା ପ୍ରତିଷ୍ଠା କରିବା ପାଇଁ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସୃଜନଶୀଳ ପ୍ରଯୁକ୍ତିବିଦ୍ୟା (ଓଓଉଞ), ମୁମ୍ବାଇକୁ ସମର୍ଥନ କରିବାର ପ୍ରସ୍ତାବ ମଧ୍ୟ ଦିଆଯାଇଛି । ଏହା ମହିଳା ଛାତ୍ରୀମାନଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବାରେ ଏକ ପ୍ରମୁଖ ପଦକ୍ଷେପ ହୋଇପାରେ ଏବଂ ଏହା ମହିଳା ସାକ୍ଷରତା ହାରକୁ ବୃଦ୍ଧି କରିବ ବୋଲି ମଧ୍ୟ ଆଶା କରାଯାଉଛି ।

### ଦୁଇଟି କ୍ଷେତ୍ରର ଏକକାଳୀନ ଅଭିବୃଦ୍ଧି

ଏହି ସମସ୍ତ ପଦକ୍ଷେପ ସରକାରଙ୍କର ଶିଳ୍ପ ଅଭିବୃଦ୍ଧି ସହିତ ଶିକ୍ଷା ଭିତ୍ତିଭୂମିକୁ ସମନ୍ୱିତ କରିବା, ମହିଳା ଏବଂ ଯୁବ ଶିକ୍ଷାର୍ଥୀମାନଙ୍କ ପାଇଁ ସୁଯୋଗ ଏବଂ ପ୍ରବେଶକୁ ବିସ୍ତାର କରିବାର ଉଦ୍ଦେଶ୍ୟକୁ ପ୍ରତିଫଳିତ କରେ । ଯଦି ଶିଳ୍ପ ଏବଂ ଶିକ୍ଷା କ୍ଷେତ୍ରଗୁଡ଼ିକୁ ସମନ୍ୱିତ କରାଯାଏ, ତେବେ ଏହା ଉଭୟ କ୍ଷେତ୍ର ପାଇଁ ପାରସ୍ପରିକ ଅଭିବୃଦ୍ଧିକୁ ସକ୍ଷମ କରିବ ।

### ଟେଲିସ୍କୋପ୍ ଭିତ୍ତିଭୂମି

ଚଳିତ ବଜେଟରେ ଏହା ମଧ୍ୟ କୁହାଯାଇଛି, "ନିମଜ୍ଜିତ ଅଭିଜ୍ଞତା ମାଧ୍ୟମରେ ଜ୍ୟୋତିର୍ବିଜ୍ଞାନ ଏବଂ ଜ୍ୟୋତିର୍ବିଜ୍ଞାନକୁ ପ୍ରୋତ୍ସାହିତ କରିବା ପାଇଁ, ଚାରୋଟି ଟେଲିସ୍କୋପ୍ ଭିତ୍ତିଭୂମି ସୁବିଧା ପ୍ରତିଷ୍ଠା କିମ୍ବା ଅପଗ୍ରେଡ୍ କରାଯିବ, ଯେଉଁଥିରେ ନ୍ୟାସନାଲ୍ ଲାର୍ଜ ସୋଲାର୍ ଟେଲିସ୍କୋପ୍, ନ୍ୟାସନାଲ୍ ଲାର୍ଜ ଅପ୍ଟିକାଲ୍ ଇନଫ୍ରାରେଡ୍ ଟେଲିସ୍କୋପ୍, ହିମାଳୟାନ୍ ଚନ୍ଦ୍ର ଟେଲିସ୍କୋପ୍ ଏବଂ ଉଙଝ-ଗଙଝ-୨ ପ୍ଲାନେଟାରିୟମ୍ ଅନ୍ତର୍ଭୁକ୍ତ ରହିଥିବା ଅର୍ଥମନ୍ତ୍ରୀ ସୀତାରମଣ ସୂଚନା ଦେଇଛନ୍ତି ।




### ୧ ଟଙ୍କାରେ ପୂରା ବଜେଟର ହିସାବ ଟଙ୍କାଟିଏ ଆସିବ କେଉଁଠୁ

ଋଣ ଓ ଅନ୍ୟାନ୍ୟ ଦାତା-- ୨୪ ପ., କର୍ପୋରେସନ ଟିକସ- ୧୮ ପ., ଆୟକର- ୨୧ ପ. , ସୀମା ଶୁଳ୍କ- ୪ ପ. , କେନ୍ଦ୍ରୀୟ ଉତ୍ପାଦନ ଶୁଳ୍କ – ୬ ପ., ଜିଏସଟି ଓ ଅନ୍ୟାନ୍ୟ ଟିକସ – ୧୫ ପ. , ଅଣ ଟିକସ – ୧୦ ପ. , ଅଣ ପୁଞ୍ଜି ଋଣ- ୨ ପ. ,

### ଟଙ୍କାଟିଏ ଯିବ କୁଆଡ଼େ

ଟିକସ ଓ ଶୁଳ୍କରୁ ରାଜ୍ୟର ଭାଗ- ୨୨ ପ. , ସୁଧ ଦେୟ- ୨୦ ପ., କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା – ୮ ପ. , ଫାଇନାନ୍ସ କମିଶନ ଓ ଅନ୍ୟ ଟ୍ରାନ୍ସଫର- ୭ ପ. , କେନ୍ଦ୍ରୀୟ ଯୋଜନା – ୧୭ ପ. , ପ୍ରତିରକ୍ଷା- ୧୧ ପ. , ପ୍ରମୁଖ ସବସିଡି- ୬ ପ. , ସାଧାରଣ ପେନସନ- ୨ ପ. , ଅନ୍ୟାନ୍ୟ ଖର୍ଚ୍ଚ – ୭ ପ. ପାଇଁ ଉଦ୍ଦିଷ୍ଟ ରହିଛି ।

୨୦୨୬-୨୦୨୭ ପୂର୍ଣ୍ଣାଙ୍ଗ ବଜେଟରେ ଭିତ୍ତିଭୂମିକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଭିତ୍ତିଭୂମିର ବିକାଶ ପାଇଁ ୧୨.୨ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି । ହାଇସ୍ପିଡ ରେଳ ଠାରୁ ଆରମ୍ଭ କରି, ଜଳମାର୍ଗ ଓ ଗ୍ରୀନ କାର୍ଗୋର ବିକାଶ ପାଇଁ ପୁଞ୍ଜି ନିବେଶ କରାଯିବ । ସେହପରି ପ୍ରଥମ ପର୍ଯ୍ୟାୟରେ ଜାତୀୟ ରାଜପଥ ୱାଟରୱେଜ-୫ ଓଡ଼ିଶାରୁ ଆରମ୍ଭ ହେବ ବୋଲି ଅର୍ଥମନ୍ତ୍ରୀ ସୀତାରମଣ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ଚୌଦ୍ୱାର ମଣ୍ଡଳକାରାଗାରରେ ପୁଣି ଜଣେ କଏଦୀଙ୍କ ଆତ୍ମହତ୍ୟା !




**ଚୌଦ୍ୱାର(ଏନ୍.ଏମ୍.) :** ଚୌଦ୍ୱାର ମଣ୍ଡଳ କାରାଗାରରେ ଆଜି ପୁଣି ଜଣେ କଏଦୀଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଚୌଦ୍ୱାର ଜେଲ ଭଳି ଗୋଟିଏ ସମ୍ବେଦନଶୀଳ କାରାଗାରରେ କଏଦୀଙ୍କ ଆତ୍ମହତ୍ୟା, ଫେରାର ହେବା ଘଟଣା ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ କର୍ମତତ୍ପରତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ଜେଲରେ ଜଣେ କଏଦୀ ଆତ୍ମହତ୍ୟା କରିବା ଘଟଣାକୁ ୩ମାସ ନପୁରୁଣୁ ପୁଣି ଜଣେ କଏଦୀ ଆତ୍ମହତ୍ୟା କରିବା ଘଟଣା ଜେଲର ସୁରକ୍ଷା ନେଇ ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଛି । ଅସମର୍ଥିତ ସୂତ୍ର ଅନୁଯାୟୀ ଆଜି ସଂଧ୍ୟା ବେଳେ ଲକ୍ଅପ ସମୟରେ ଜଣେ ବିଚାରଧୀନ କଏଦୀ ବେକରେ ଗାମୁଛା ଲଗାଇ ଝୁଲିପଡ଼ିଥିଲେ । ମୃତ କଏଦୀଜଣକ କଟକ ମହାନଗର ନିଗମ ଅନ୍ତର୍ଗତ ହାତୀ ପୋଖରୀ ଅଞ୍ଚଳର ହୋଇଥିବାବେଳେ ତାଙ୍କର ନାମ ମହମ୍ମଦ କଲିମ (୩୨) ବୋଲି ଜଣାପଡ଼ିଛି । ସେ ଜେଲର ୬ନମ୍ବର ସେଲରେ ବନ୍ଦୀଥିଲେ । ଆଜି ସଂଧ୍ୟା ସମୟରେ ସେଲର ଝରକାରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ତେବେ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ସରିଲା କ୍ୟାବିନେଟ୍ ବୈଠକ

# ୧୦ ବିଭାଗର ୧୨ ପ୍ରସ୍ତାବକୁ ମଞ୍ଜୁରି



**ଭୁବନେଶ୍ୱର(ଏନ୍.ଏମ୍.) :** ସରିଲା ରାଜ୍ୟ କ୍ୟାବିନେଟ୍‌ରେ ଗୁରୁତ୍ୱପୂର୍ଣ୍ଣ ବୈଠକ । ୧୦ ବିଭାଗର ୧୨ଟି ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି । ଏନେଇ ସୂଚନା ଦେଇଛନ୍ତି ରାଜ୍ୟ ମୁଖ୍ୟ ଶାସନ ସଚିବ । ରାଜ୍ୟ ସମବାୟ ନୀତିକୁ କ୍ୟାବିନେଟ୍‌ରେ ମଞ୍ଜୁରୀ ମିଳିଛି । ଜାତୀୟ ଢାଞ୍ଚାରେ ହେବ ନୀତି । ଦୁବାଇ ସିଙ୍ଗାପୁର ପାଇଁ ମାର୍ଚ୍ଚ ଯାଏଁ ବିମାନ ସେବା ଜାରି ରହିବ ।

ମାର୍ଚ୍ଚ ଯାଏଁ ଦୁବାଇ ଏବଂ ସିଙ୍ଗାପୁରକୁ ଜାରି ରହିବ ବିମାନ ଉଡାଣ କ୍ୟାବିନେଟ ବୈଠକରେ ନିଷ୍ପତ୍ତି । ପରବର୍ତ୍ତୀ ସମୟରେ ଏହା ଚାଲୁ ରହିବ କି ନାହିଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେବେ । କ୍ୟାବିନେଟ ବୈଠକ ପରେ ମୁଖ୍ୟ ଶାସନ ସଚିବଙ୍କ ସୂଚନା । ଏହାସହ ଓଡ଼ିଶାରେ ନିର୍ମାଣ ହେବ ପ୍ରତିରକ୍ଷା ଏବଂ ଏରୋସ୍ପେଶ ସାମଗ୍ରୀ । ଏନେଇ କ୍ୟାବିନେଟ ବୈଠକରେ ବାଜିଛି ମୋହର ।ଶିଳ୍ପ ବିଭାଗର କଲ୍ୟାଣୀ ଗ୍ରୁପ ତରଫରୁ ଇଣ୍ଟିଗ୍ରେଟେଡ଼ ନ୍ୟୁ ଏଜ ମାନୁଫେକଚର କମ୍ପ୍ଲେକ୍ସ ଢେଙ୍କାନାଳର ଗଜମରା ଠାରେ ୧୧ ସହ ଏକର ଜମିରେ ନିର୍ମାଣ ହେବ । ୧୭ ହଜାର ୨୫୦ କୋଟି ଟଙ୍କାର ନିବେଶ ହେବ । ୨୦ ହଜାର ନିଯୁକ୍ତି ସୃଷ୍ଟି ହେବ । ଟାଇଟନିୟମ, ସ୍ପେଶାଲ ଷ୍ଟିଲ, ଅଟୋ କମ୍ପନେଟ, ଏରୋସ୍ପେଶ, ପ୍ରତିରକ୍ଷା ସାମଗ୍ରୀ ପ୍ରସ୍ତୁତ ହେବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି । ଅପରପକ୍ଷରେ ୧୭ତମ ବିଧାନସଭାର ବଜେଟ ଅଧିବେଶନ ଫେବୃଆରୀ ୧୭ ତାରିଖରୁ ଆରମ୍ଭ ହେବ । ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ସରକାରଙ୍କ ପକ୍ଷରୁ ୨୦ ତାରିଖରେ ପୂର୍ଣ୍ଣାଙ୍ଗ ବଜେଟ୍ ଆଗତ କରାଯିବ । ଫେବୃଆରୀ ୧୭ରୁ ଆରମ୍ଭ ହେବାକୁ ଥିବା ଏହି ଅଧିବେଶନ ଏପ୍ରିଲ ୮ ତାରିଖ ପର୍ଯ୍ୟନ୍ତ ଚାଲିବ । ୨ଟି ପର୍ଯ୍ୟାୟରେ ହେବାକୁ ଥିବା ଏହି ଅଧିବେଶନରେ ମୋଟ୍ ୨୯ଟି କାର୍ଯ୍ୟ ଦିବସ ରହିଛି । ୧୭ରେ ଗୃହକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ସମ୍ବୋଧିତ କରିବେ । ଏହାପରେ ରାଜ୍ୟପାଳଙ୍କ ସମ୍ବୋଧନ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ । ୨୦ ତାରିଖରେ ଗୃହରେ ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିବେ । ଠିକ୍ ସେହିପରି ଓଡ଼ିଆରେ ପଢିବେ ଏକାଦଶ ଶ୍ରେଣୀ ବିଜ୍ଞାନ ଛାତ୍ରଛାତ୍ରୀ । ଆଜି ଲୋକସେବା ଭବନରେ ଏକାଦଶ ଶ୍ରେଣୀ ବିଜ୍ଞାନ ସନ୍ଦର୍ଭ ପୁସ୍ତକ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତ ଏହି ପୁସ୍ତକ ଗୁଡିକ ମଧ୍ୟରେ ଗଣିତ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଜୀବ ବିଜ୍ଞାନ ରହିଛି ।

### ଏକାଦଶ ଶ୍ରେଣୀ ବିଜ୍ଞାନ ଛାତ୍ରଛାତ୍ରୀ ଓଡ଼ିଆରେ ପଢ଼ିବେ ଉନ୍ମୋଚନ ହେଲା ବିଜ୍ଞାନ ସନ୍ଦର୍ଭ ପୁସ୍ତକ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ମୌଳିକ ସୁବିଧାରୁ ବଞ୍ଚିତ ଗନ୍ଧି ଗୁଡା ଗ୍ରାମବାସୀ



**ମାଲକାନଗିରି(ଏନ୍.ଏମ୍.) :** ଜନସାଧାରଣଙ୍କୁ ସରକାର ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବାରେ ବିଫଳ ହୋଇଥିବା ଅଭିଯୋଗ ଉଠୁଛି । ସରକାର ବିକାଶର ଡିଣ୍ଡିମ ପିଟୁଥିବାବେଳେ ବିଭିନ୍ନ ସ୍ଥାନରେ ବିନାଶର ବିକଳ ଚିତ୍ର ଦେଖିବାକୁ ମିଳିଛି ।ଗୋଟିଏ ପଟେ ସରକାର ଶିକ୍ଷା, ଗମନାଗମନ, ସ୍ୱାସ୍ଥ୍ୟ, ଖାଦ୍ୟ, ପାନୀୟ ଆଦି ଯୋଗାଇଦେବା ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଥିଲେ ମଧ୍ୟ ଆଜିବି ସେସବୁ ଜନସାଧାରଣଙ୍କ ପାଇଁ ଅପହଞ୍ଚ ହୋଇ ରହିଛି । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ମଧ୍ୟ କୁହୁଳିବାରେ ଲାଗିଛି । ଉପାନ୍ତ ଅଞ୍ଚଳର କଥା ନକହିବା ଭଲ । କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମାଳମାଳ ଯୋଜନା ଓ ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ ଆଜି ବି ଲୋକଙ୍କ ସମସ୍ୟା ଉପରେ ସମସ୍ୟା ଉପୁଜିବାରେ ଦେଖାଦେବା ସହ ସମସ୍ତ ପ୍ରକାର ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି । ଏହା ମାଲକାନଗିରି ଜିଲ୍ଲା କରକୋଣ୍ଡା ବ୍ଲକ ଅନ୍ତର୍ଗତ ନାକାମାମୁଡି ପଞ୍ଚାୟତ ନିକଟସ୍ଥ ଗାନ୍ଧୀଗୁଡା ଗ୍ରାମର ଦୃଶ୍ୟ । ଉକ୍ତ ଗ୍ରାମରେ ପ୍ରାୟ ୫୭ ରୁ ଅଧିକ ପରିବାର ବାସ କରନ୍ତି ଜନସଂଖ୍ୟା କହିଲେ ୩୫୦ ରୁ ଉର୍ଦ୍ଧ ହେବେ । ନିଜ ପଞ୍ଚାୟତକୁ ଚାଉଳ ଆଣିବାକୁ ହେଲେ ୨୫କିଲମିଟର ଯିବାକୁ ପଡିଥାଏ ଏବଂ ବଜାର ପନିପରିବା ଆଣିବାକୁ ହେଲେ ୨୦ କିଲୋମିଟରେ ପଡିଥାଏ । ଏହି ଗ୍ରାମ ର ଛାତ୍ର ଛାତ୍ରୀ ଯଦି ପାଠ ପଢିବାକୁ ହେଲେ ୭ରୁ ୮ କିଲୋମିଟର ଯିବାକୁ ପଡିଥାଏ । ସମସ୍ୟାର ବିଷୟ ଛାତ୍ର ଛାତ୍ରୀ ପାଠ ପଢିବାକୁ ଗଲେ ଝରଣା କୂଳରେ ପାଣିର ଭୟ ସହିତ ବଣ ଜଙ୍ଗଲ ପଡିଥାଏ ବାଟରେ ବନ୍ୟ ଜନ୍ତୁ ଭୟରେ ନିହାତି ସାହାରା ପାଲଟି ଥାନ୍ତି ବାପା କିମ୍ବା ମା । କହିବାକୁ ଗଲେ ଗାଁକୁ ଯିବାକୁ ହେଲେ ଭଲ ରାସ୍ତା ଖଣ୍ଡେ ନାହିଁ,ଅଙ୍ଗନ ୱାଡି କେନ୍ଦ୍ର, ବିଦ୍ୟାଳୟ, ପିଇବା ପାଣି, ଏମିତି ପ୍ରାୟ ସମସ୍ୟା ରୁ ବଂଚିତ ଏହି ଗ୍ରାମବାସୀ । ଏମିତି ପିଇବା ପାଣି ସମସ୍ୟା ଯୋଗୁଁ ବର୍ଷାଦିନେ ଏହି ନାଳ ପାଣି ପିଇ ଅନେକ ରୋଗ ରେ ଆକ୍ରାନ୍ତ ହେଇଥାନ୍ତି ଯଥା ଅଇଯା ନାଳ ଝାଡା, ଏବଂ ବହୁ ଲୋକେ ଥଣ୍ଡା ଖାସ ଲେସନ ପୁଲିଆ,ଏମିତି ସିକିସିତ ପାଇଁ ଯିବାକୁ ହେଲେ ଆମ୍ବୁଲାନ୍ସ ସୁବିଧା ନପାଇଁ ଏମିତି ଗାଁ ରେ ମଧ୍ୟ ମୃତ୍ୟୁ ବର୍ଣ୍ଣ କରିଥାନ୍ତି ଏବଂ କିଡ୍ନୀ ରୋଗରେ ମଧ୍ୟ ଆକ୍ରାନ୍ତ ହେଇଥାନ୍ତି । ଯାହା ଫଳରେ ସମସ୍ୟା ଉପରେ ସମସ୍ୟା ଦେଖାଦେଉଛି, ଏମିତି ପ୍ରତେକ ଇଲେକ୍ସନ ସମୟରେ ଆସନ୍ତି ଅନେକ ନେତା ନେତ୍ରୀ ସବୁ ସମସ୍ୟା ରୁ ଦୁରେଇ ଯିବେ କହି ପ୍ରତି ସୃତି ଦେଇଥାନ୍ତି ହେଲେ ଇଲେକ୍ସନ ସରିଗଲେ ଆଉ କେହି ଆସନ୍ତି ନାହିଁ ଏହା ବଡ଼ ବିଡମ୍ବନା ର ବିଷୟ । ସରକାରୀ ପ୍ରଶାସନିକ ଅଧିକାରୀ ମଧ୍ୟ କେହି ଏହି ଗାଁକୁ ଆସିବା ସ୍ୱପ୍ନର ବିଷୟ କ୍ଷ ଯଦ୍ୱି କିଏ କେବେ ଆସନ୍ତି ତା ହେଲେ କଥା ବୁଲେଇ ଚାଲିଯାଆନ୍ତି । ତେଣୁ ଆମ ର କଣ ବଂଚିବାର ଅଧିକାର ନାହିଁ ଆମେ କଣ ଭୋଟ ଦେଉନାହୁଁ କି ବୋଲି ଗନ୍ଧି ଗୁଡା ଗ୍ରାମବାସୀ ଅଭିଯୋଗ

# ଆମେରିକାରୁ ଭାରତକୁ ଫେରିବ ପ୍ରାଚୀନ ବ୍ରୋଞ୍ଜ ପ୍ରତିମା



**ନୂଆଦିଲ୍ଲୀ (ଏଜେନ୍ସି) :** ସ୍ମିଥସୋନିଆନ ଇନଷ୍ଟିଚ୍ୟୁସନ୍‌ର ଜାତୀୟ ଏସିଆନ୍ କଳା ସଂଗ୍ରହାଳୟ ଘୋଷଣା କରିଛି ଯେ ଏହା ଭାରତ ସରକାରଙ୍କୁ ତିନୋଟି ବିରଳ ପ୍ରାଚୀନ ବ୍ରୋଞ୍ଜ ମୂର୍ତ୍ତି ଫେରାଇବ । ଏକ ସମ୍ପୂର୍ଣ୍ଣ ତଦନ୍ତ ଏବଂ ବିସ୍ତୃତ ଉତ୍ପତ୍ତି ଅନୁସନ୍ଧାନ ପରେ, ମୂର୍ତ୍ତିଗୁଡ଼ିକ ତାମିଲନାଡୁର ମନ୍ଦିରଗୁଡ଼ିକରୁ ଚୋରି ହୋଇଥିବା ପ୍ରମାଣିତ ହୋଇଥିଲା । ଏହି ପଦକ୍ଷେପ ସାଂସ୍କୃତିକ ଐତିହ୍ୟକୁ ଫେରାଇ ଆଣିବା ପାଇଁ ଏକ ବର୍ଦ୍ଧିତ ବିଶ୍ୱସ୍ତରୀୟ ପ୍ରୟାସର ଏକ ଅଂଶ । ଏହି ମୂର୍ତ୍ତିଗୁଡ଼ିକ କଳାର ଉତ୍କୃଷ୍ଟ ନମୁନା । ଏହି ତିନୋଟି ମୂର୍ତ୍ତି ଦକ୍ଷିଣ ଭାରତୀୟ କାଂସ୍ୟ କଳାର ଉତ୍କୃଷ୍ଟ ନିଦର୍ଶନ, ଯାହା ପାରମ୍ପରିକ ଭାବରେ ମନ୍ଦିର ପୂଜା ଏବଂ ଶୋଭାଯାତ୍ରା

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ପୁଣି ଗୀତ ଗାଇବେ ସିଙ୍ଗର ଅରିଜିତ ସିଂହ



**ମୁମ୍ବାଇ(ଏଜେନ୍ସି):** ବଲିଉଡରୁ ପୁଣି ଆସିଛି ବଡ଼ ଖବର। ପୁଣି ଥରେ ଗୀତ ଗାଇବେ ସିଙ୍ଗର ଅରିଜିତ ସିଂହ। ଏମିତି କିଛି ଖବର ବର୍ତ୍ତମାନ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସେ ସମସ୍ତଙ୍କର ଫେବରାଇଟ୍ ସିଙ୍ଗର। ଘରେ ଘରେ ଖୁବ ଫେମସ। ପ୍ରତିଟି କଣ୍ଠରେ ଶୁଣିବାକୁ ମିଳେ ତାଙ୍କର ଗୀତ। ହେଲେ ନିକଟରେ କୋଟି କୋଟି ଦର୍ଶକଙ୍କୁ କରିଥିଲେ ନିରାଶ। ପ୍ଲେ ବ୍ୟାକ୍ ସିଙ୍ଗିଙ୍ଗକୁ କହିଥିଲେ ଅଲବିଦା। ଯାହା ଫଳରେ ହତାଶ ହୋଇଥିଲେ ଦର୍ଶକ। ସୋମବାର, ଅମିର ଖାନ ମୁର୍ଶିଦାବାଦର ଜିଆଗଞ୍ଜରେ ଥିବା ଗାୟକ ଅରିଜିତଙ୍କ ଘରକୁ ପରିଦର୍ଶନ କରୁଥିବା ସମୟରେ ନଜର ଆସିଥିଲେ। ଅରିଜିତ ଓ ଅମିରଙ୍କ ମଧ୍ୟରେ ହୋଇଥିବା ସାକ୍ଷାତ ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି। କେହି କେହି କହୁଛନ୍ତି ଦୁହେଁ ଏକାଠି ଏକ ନୂଆ ପ୍ରୋଜେକ୍ଟ ଯୋଜନା କରୁଛନ୍ତି କି ? ଅମିର ଖାନଙ୍କ ମୁମ୍ବାଇରୁ ଜିଆଗଞ୍ଜ ଯାତ୍ରାକୁ ପ୍ରଶଂସା କରାଯାଉଛି। ଅମିର ଖାନଙ୍କ ଅନେକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି ।ବଲିଉଡରେ ମୋଷ୍ଟ ଡିମାଣ୍ଡିଂ ସିଙ୍ଗର ହେଉଛନ୍ତି ଅରିଜିତ୍। ଅନେକ ବି ନିଷ୍ପତ୍ତିର ପୁନଃ ବିଚାର କରିବାକୁ ମତ ବାଢିଥିଲେ। ଏବେ ବଲିଉଡର ମିଷ୍ଟର ପରଫେକ୍ସନିଷ୍ଟ, ଅମିର ଖାନ ବି ପହଞ୍ଚିଛନ୍ତି ଅରିଜିତ ଜିଆଗଞ୍ଜଙ୍କ ଘରେ । ଯାହାକୁ ଦେଖି ଅନେକ ଅନୁମାନ ବଢିଛି । କେହି କେହି କହୁଛନ୍ତି ଅରିଜିତ୍‌ଙ୍କୁ ବୁଝାଇବେ ଅମିର ଖାନ୍। ଅମିର ଖାନଙ୍କର ଆଉ ଏକ ଭିଡିଓ ଭାଇରାଲ ହେଉଛି । ଯେଉଁଥିରେ ସେ ଅରିଜିତଙ୍କ ଟେରାସରେ ତାଙ୍କ ଦଳ ସହିତ ଗୁଡ଼ି ଉଡ଼ାଉଥିବା ଦେଖାଯାଉଛି। ପ୍ରଶଂସକମାନେ ବିଶ୍ୱାସ କରନ୍ତି ଯେ ସେମାନେ ନିଶ୍ଚିତ ଭାବରେ ଏକ ପ୍ରୋଜେକ୍ଟ ସୁଟିଂ କରୁଛନ୍ତି। ଅରିଜିତ ଓ ଅମିରଙ୍କ ମଧ୍ୟରେ ଏକ ଦୀର୍ଘକାଳୀନ ସମ୍ପର୍କ ଅଛି। କାରଣ ସେ ଗାୟକଙ୍କୁ ତାଙ୍କ ଘରେ ଭେଟିବା ପାଇଁ ପ୍ରାୟ ୨,୦୦୦ କିଲୋମିଟର ଯାତ୍ରା କରିଥିଲେ। ଗୋଟିଏ କ୍ଲିପରେ, ଅଭିନେତା ଏକ କାରରୁ ଓହ୍ଲାଇ ଫଟୋଗ୍ରାଫରମାନଙ୍କୁ ହାତ ହଲାଇ ଦେଖାଉଛନ୍ତି। ଅନ୍ୟ ଏକ ଭିଡିଓରେ, ସେ କାର ଭିତରେ ବସିଥିବା ଦେଖାଯାଇଛି। ସୁପରଷ୍ଟାରଙ୍କ ଏକ ଝଲକ ଦେଖିବା ପାଇଁ ବାହାରେ ଏକ ଭିଡ଼ ଜମା ହୋଇଥିଲା। ଭିଡିଓ ସାମ୍ନାକୁ ଆସିବା ପରେ, ଲୋକମାନେ ଅନୁମାନ କରୁଛନ୍ତି। ଜାନୁଆରୀ ୨୭ ତାରିଖରେ, ଅରିଜିତ ଏକ ଭାବପ୍ରବଣ ନୋଟରେ ଲେଖିଥିଲେ, 'ନମସ୍କାର। ସମସ୍ତଙ୍କୁ ନୂତନ ବର୍ଷର ଶୁଭେଚ୍ଛା। ବର୍ଷ ବର୍ଷ ଧରି ସମସ୍ତ ପ୍ରେମ ପାଇଁ ଧନ୍ୟବାଦ। ମୁଁ ଘୋଷଣା କରି ଖୁସି ହେଉଛି ଯେ ମୁଁ ପ୍ଲେବ୍ୟାକ୍ କଣ୍ଠଶିଳ୍ପୀ ଭାବରେ କୌଣସି ନୂତନ କାର୍ଯ୍ୟ ଗ୍ରହଣ କରିବି ନାହିଁ।

# ଆସୁଅଛି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଲଙ୍କାଗଡ'




**ଭୁବନେଶ୍ୱର(ଏନ୍.ଏମ୍.):** ଉପକୂଳ ଅଞ୍ଚଳର ଜଣେ ଯୁବକ ଶିକ୍ଷା ନିଯୁକ୍ତି ପାଇଁ ମାଓବାଦୀ ପ୍ରବଣ ଅଞ୍ଚଳକୁ ଯାଆନ୍ତି। ସେଠାରେ ସେ ଯେଉଁ ପରିବେଶ ଦେଇ ଗତି କରୁଛନ୍ତି ଓ ସଂଘର୍ଷ କରୁଛନ୍ତି ତାହା କାହାଣୀରେ ରୂପାୟିତ ହୋଇଛି ଓ ବଡ଼ ପରଦାକୁ ନେଇକି ଆସୁଛନ୍ତି ଲଙ୍କାଗଡ ସିନେମାରେ ମୁଖ୍ୟ ଅଭିନେତା ଓ ସିନେମାର ପ୍ରୋଯୋଜକ ରମେଶ ନାୟକ(ରାବଣ)। ରମେଶ ଆଗରୁ ଓଡ଼ିଆ ତିନୋଟି ବାଓଡ଼ିଆ ଚଳଚ୍ଚିତ୍ର ରେ ଓଡ଼ିଆ ସିନେମା ଇଣ୍ଡଷ୍ଟ୍ରିରେ କାମ କରିସାରିଛନ୍ତି ହେଲେ ଏହି ସିନେମା ତାଙ୍କ ନିଜ ବ୍ୟାନର୍ ଏସ୍.ଡି ପ୍ରଡକ୍ସନ ରେ ନିର୍ମାଣ ହୋଇଥିବା ଓ ନିଜେ ରମେଶ ପ୍ରଯୋଜକ ଓ ମୁଖ୍ୟ ଅଭିନେତା ଭାବେ ଦର୍ଶକଙ୍କ ସାମ୍ନାକୁ ବଡ ପରଦାକୁ ଆସିବେ ଏକ ନିଆରା ମାଓବାଦୀ ଚରିତ୍ର ଭୂମିକାରେ । ଏଥିରେ ନବାଗତ ନାୟକ ଶୁଭେନ୍ଦୁ ନାୟକ ପ୍ରଥମଥର ପାଇଁ ବଡ ପରଦାକୁ ଆସିବାକୁ ଯାଉଛନ୍ତି ଓ ତାଙ୍କ ବିପକ୍ଷରେ ନାୟିକା ଭୂମିକାରେ ଅଛନ୍ତି ନେହା ପାଣିଗ୍ରାହୀ ଓ ଦିପାସା ମାୟେଟି । ଲଙ୍କାଗଡ ସିନେମାର ସମ୍ପୁର୍ଣ୍ଣ ଚଳଚ୍ଚିତ୍ରର ସୁଟିଂ ଭବାନୀପାଟଣା ରେ ଶେଷ ହୋଇଥିବାବେଳେ ଏବେ ଏହାର ଏଡିଟିଙ୍ଗ କାମ ବ ସମ୍ପୁର୍ଣ୍ଣ ହୋଇସରିଛି ଯାହା ସୂତ୍ରରୁ ଜଣା ପଡ଼ିଛି । ଏହି ଚଳଚ୍ଚିତ୍ରରେ ହରିହର ମହାପାତ୍ର , ରମେଶ ନାୟକ ଓ ପ୍ରଦୀପ ଦେବତା ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଅଭିନୟ କରୁଥିବେଳେ କିଛି ନୂଆ ପୁରୁଣା ପ୍ରମୁଖ ଚରିତ୍ର କୁ ମଧ ପ୍ରଥମଥର ଦେଖିବାକୁ ପାଇବେ ଦର୍ଶକ ବଡପରଦାରେ। ଏହାର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ରେ ଆନନ୍ଦ କୁମାର ଥିବାବେଳେ ସଂଳାପ ଲେଖିଛନ୍ତି ଆଶୁତୋଷ ବାରିକ। ବିଷ୍ଣୁମୋହନ କବି ଓ ସର୍ବେଶ୍ୱର ଭୋଇ ଏହାର ସଙ୍ଗୀତକାର ଏବଂ ଗୀତ ରଚନା କରିଛନ୍ତି ସର୍ବେଶ୍ୱର ଭୋଇ, ଜିତେନ୍ଦ୍ର ଶେଠ୍ ଓ ଡକ୍ଟର ନିର୍ମଳ ନାୟକ। ସୂଚନାଯୋଗ୍ୟ ଅନୁଯାଇ ଆନନ୍ଦ କୁମାରଙ୍କ ନିର୍ଦ୍ଦେଶିତ 'ଅପେକ୍ଷା' ଓ 'କେମିତି ପ୍ରେମ' ଦୁଇଟି ସିନେମା ମୁକ୍ତି ପ୍ରତୀକ୍ଷାରେ ରହିଛି।

# ବଡ଼ ପରଦାରୁ ଦୂରରେ ରହୁଛନ୍ତି ନମ୍ବର ୱାନ ହିରୋ ଗୋବିନ୍ଦା !





**ମୁମ୍ବାଇ(ଏଜେନ୍ସି):** ବଲିଉଡ ଜଗତର ନମ୍ବର ୧ ହିରୋ ଗୋବିନ୍ଦା ବର୍ତ୍ତମାନ ମାନ୍ଦାବସ୍ଥାର ସମ୍ମୁଖୀନ ହେଉଛନ୍ତି। ତାଙ୍କୁ ଶେଷ ଥର ପାଇଁ ୨୦୧୯ର ଫିଲ୍ମ ରଙ୍ଗିଲା ରାଜାରେ ଦେଖିବାକୁ ମିଳିଥିଲା। ସେବେଠାରୁ ପରଦାରେ ଦେଖିବାକୁ ମିଳୁନାହିଁ। କିନ୍ତୁ ଏବେ ସେ ଅନେକ ରିଆଲିଟି ଶୋ' ଏବଂ ଇଭେଣ୍ଟରେ ନଜର ଆସୁଛନ୍ତି । କିଛି ଦିନ ହେବ ତାଙ୍କୁ ବାହାଘର ଫଙ୍କସନରେ ନାଚୁଥିବାର ମଧ ଦେଖିବାକୁ ମିଳୁଛି। ଏହା ବ୍ୟତୀତ ସେ ଏବେ ରାଜନୀତିରେ ପାଦ ଦେଇଛନ୍ତି। ତାଙ୍କ କ୍ୟାରିଅରରେ ଏପରି ଡାଉନଫଲ୍ ଦେଖିବା ପରେ ଫ୍ୟାନ୍ସ ବିରକ୍ତି ହେଉଛନ୍ତି। ପ୍ରଶଂସକମାନେ ଗୋବିନ୍ଦାଙ୍କ ଗ୍ରେଟ୍ କମବ୍ୟାକ୍ ପାଇଁ ଅପେକ୍ଷା କରି ରହିଛନ୍ତି । ଏବେ ତାଙ୍କୁ ନେଇ ଏକ ଆଶ୍ଚର୍ଯ୍ୟଜନକ ଖବର ସାମ୍ନାକୁ ଆସିଛି। ଏଥିରେ ଦାବି କରାଯାଇଛି ଯେ, ହିଟ୍ ଫିଲ୍ମ ଭାଗମ୍ ଭାଗ ସିକ୍ୱେଲରୁ ଗୋବିନ୍ଦାଙ୍କୁ ବାଦ୍ ଦିଆଯାଇଛି। ସେହି ଫିଲ୍ମର ପାର୍ଟ ୧ରେ ଗୋବିନ୍ଦା ଏକ ଅଂଶ ଥିଲେ। ସିକ୍ୱେଲରେ ଗୋବିନ୍ଦାଙ୍କ କମେଡ଼ି ଦେଖିବା ପାଇଁ ଫ୍ୟାନ୍ସ ଆଶାବାଦୀ ଥିଲେ। କିନ୍ତୁ ଏପରି କୌଣସି ଘଟଣା ଦେଖିବାକୁ ପାଇବେ ନାହିଁ ଦର୍ଶକ। ଏଥିରେ ଗୋବିନ୍ଦାଙ୍କ ବଦଳରେ ମନୋଜ ବାଜପେୟୀଙ୍କୁ ନିଆଯାଇଛି। ଭାଗମ ଭାଗ ଫିଲ୍ମର ନିର୍ମାତା ମନୋଜ ବାଜପେୟୀଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନେଇଛନ୍ତି ବୋଲି କୌଣସି ଏକ ସୂତ୍ରରୁ ସୂଚନା ମିଳିଛି। ଏଥିରେ ନୂଆ କାହାଣୀ ଦେଖିବାକୁ ମିଳିବ। ଯାହାର ନିର୍ଦ୍ଦେଶନା ଦେବେ ରାଜ ଶାଣ୍ଡିଲ୍ୟ। ଏଥିସହିତ ଏଥିରେ ମୀନାକ୍ଷୀ ଚୌଧୁରୀ ଫିମେଲ୍ ଲିଡରେ ଅଭିନୟ କରିବେ। ଆସନ୍ତା ମାସରେ ମୁମ୍ବାଇରେ ଏହି ଫିଲ୍ମର ସୁଟିଂ ଆରମ୍ଭ ହେବ। ଏପର୍ଯ୍ୟନ୍ତ ସୁଦ୍ଧା ମନୋଜ ବାଜପେୟୀଙ୍କ ବିପକ୍ଷରେ ହିରୋଇନଙ୍କୁ ଫିଲ୍ମ ପାଇଁ ଚୟନ କରାଯାଇନାହିଁ। ଏପରି ଖବର ସାମ୍ନାକୁ ଆସିବା ପରେ ଗୋବିନ୍ଦାଙ୍କ ଫ୍ୟାନ୍ସ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି। ଏହା ପରେ ପ୍ରଶଂସକମାନେ ମଧ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେବା ମଧ ଆରମ୍ଭ କରିଛନ୍ତି। ଭାଗମ୍ ଭାଗର ପ୍ରଥମ ପାର୍ଟଟି ୨୦୦୬ ମସିହାରେ ରିଲିଜ୍ ହୋଇଥିଲା। ଯାହା ପ୍ରିୟଦର୍ଶନଙ୍କ ନିର୍ଦ୍ଦେଶନାରେ ହୋଇଥିଲା। ସେଥିରେ ଅକ୍ଷୟ କୁମାର, ଗୋବିନ୍ଦା, ପରେଶ ରାଓ୍ୱଲ, ଲାରା ଦତ୍ତା, ଜ୍ୟାକି ଶ୍ରଫ, ମନୋଜ ଯୋଶୀ, ଶରଦ ସାକ୍ସେନା, ଅସରାନୀ ଏବଂ ଅରବାଜ ଖାନ ପ୍ରମୁଖ ଅଭିନୟ କରିଥିଲେ। ତେବେ ଗୋବିନ୍ଦା ଆଉ ବଡ଼ ପରଦାକୁ ଫେରିବେ କି ନାହିଁ ସେ ନେଇ ମଧ ଜଣାପଡ଼ିନାହିଁ। ଗୋବିନ୍ଦାଙ୍କୁ ଫ୍ୟାନ୍ସମାନେ ଅପେକ୍ଷା କରିଛନ୍ତି।

## ଏ ସପ୍ତାହର ଭାଗ୍ୟବିଚାର

**ମେଷ:** ସୋମବାର: ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ। ଶୁକ୍ର ଓ ଶନିବାର: ଶିକ୍ଷକଙ୍କର ସହଯୋଗ ପାଇବେ। ରବିବାର ପାରିବାରିକ ସୁଖ ମିଳିବ।

**ବୃଷ:** ସୋମବାର: ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ। ଶୁକ୍ର ଓ ଶନିବାର: ଘରର ପରିବେଶ ଭଲ ରହିବ। ରବିବାର: ଲାଭବାନ ହେବେ।

**ମିଥୁନ:** ସେମାବାର: ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ। ଶୁକ୍ର ଓ ଶନିବାର: ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି। ରବିବାର:ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ।

**କର୍କଟ:** ସୋମବାର: ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ। ଶୁକ୍ର ଓ ଶନିବାର: ବ୍ୟବସାୟରେ ବିକ୍ରୀ ବଢ଼ିବ। ରବିବାର: ମନବାଞ୍ଛା ପୂର୍ଣ୍ଣ ହେବ।

**ସିଂହ:** ସୋମବାର: ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ମନ ଆଧାତ୍ମିକ ଦିଗରେ ଲାଗି ରହିବ। ଶୁକ୍ର ଓ ଶନିବାର: କିଛିନା କିଛି ଇଚ୍ଛା ପୂରା ହେବ। ରବିବାର: ନୂତନ କାର୍ଯ୍ୟରେ ଯୋଗଦେବେ।

**କନ୍ୟା:** ସୋମବାର: କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ। ଶୁକ୍ର ଓ ଶନିବାର: ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ। ରବିବାର: କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ।

**ତୁଳା:** ସୋମବାର: ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ। ମଙ୍ଗଳ, ବୁଧ ଓ ଗୁରୁବାର: ବେକାରଙ୍କୁ ରୋଜଗାର ମିଳିବ। ଶୁକ୍ର ଓ ଶନିବାର: ବିଶେଷ କାମରେ ବାଧା ଉପୁଜିପାରେ। ରବିବାର: ହଠାତ୍ ଅସୁସ୍ଥ ଅନୁଭବ କରିବେ।

**ବିଛା:** ସୋମବାର: ବ୍ୟବସାୟରେ ସବୁ ଭଲ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ। ଶୁକ୍ର ଓ ଶନିବାର: ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ। ରବିବାର: ବ୍ୟବସାୟରେ ଲାଭବାନ ହେବେ।

**ଧନୁ:** ସୋମବାର: କୌଣସି କାମରେ ଅଧିକ ସମୟ ବ୍ୟୟ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ନୂଆ ଲୋକଙ୍କ ସହିତ ସଂପର୍କ ହେବ। ଶୁକ୍ର ଓ ଶନିବାର: କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ। ରବିବାର: ଅଯଥାରେ ସମୟ ଅତିବାହିତ ହେବ।

**ମକର:** ସୋମବାର: ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଉପାର୍ଜନ ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: କାରବାରରେ ସଫଳତା ପାଇବେ। ରବିବାର: କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ।

**କୁମ୍ଭ:** ସୋମବାର: ସାମାଜିକ କାର୍ଯ୍ୟରେ ସମୟ ଦେବେ। ମଙ୍ଗଳ, ବୁଧ ଓ ଗୁରୁବାର: ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: ନୂଆ କାର୍ଯ୍ୟରେ ରୁଚି ବଢ଼ିବ। ରବିବାର: ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ।

**ମୀନ:** ସୋମବାର: ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ। ଶୁକ୍ର ଓ ଶନିବାର: ଆୟ ବୃଦ୍ଧି ହେବ। ରବିବାର: ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ।

## ପାଳଙ୍ଗ କେତେ ପୁଷ୍ଟିକର ?

ପାଳଙ୍ଗ ଏକ କମ୍ କ୍ୟାଲୋରୀ ଏବଂ ଅଧିକ ପୁଷ୍ଟିକର ସବୁଜ ପରିବା। ଏହାର ଅଧିକାଂଶ କାର୍ବୋହାଇଡ୍ରେଟ୍ ଫାଇବର ଆକାରରେ ଥାଏ, ଯାହା ପାଚନ ପ୍ରକ୍ରିୟାକୁ ଉନ୍ନତ କରେ ଏବଂ କୋଷ୍ଠକାଠିନ୍ୟକୁ ରୋକିବାରେ ସାହାଯ୍ୟ କରିଥାଏ। ଏଥିରେ ପ୍ରାୟ କୌଣସି ଚିନି ନାହିଁ। ପାଳଙ୍ଗର ଅଦ୍ରବଣୀୟ ଫାଇବର ମଳରେ ପରିମାଣ ବୃଦ୍ଧି କରେ ଏବଂ ଅନ୍ତନଳୀ ସ୍ୱାସ୍ଥ୍ୟକୁ ସମର୍ଥନ କରିଥାଏ।

ପାଳଙ୍ଗରେ କେଉଁ ଭିଟାମିନ୍ ଏବଂ ମିନେରାଲ୍ସ ଅଛି ?

ଏଥିରେ କ୍ୟାରୋଟିନୋଏଡ୍ସ ଥାଏ, ଯାହାକୁ ଶରୀର ଭିଟାମିନ୍ ଏ ରେ ପରିଣତ କରେ। ଏହା ଦୃଷ୍ଟିଶକ୍ତି ଏବଂ ଚର୍ମ ପାଇଁ ଲାଭଦାୟକ। ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍ ସି ଥାଏ, ଯାହା ରୋଗ ପ୍ରତିରୋଧକ ଶକ୍ତି ଏବଂ ଚର୍ମ ସ୍ୱାସ୍ଥ୍ୟକୁ ସମର୍ଥନ କରିଥାଏ।

ପାଳଙ୍ଗ ଖାଇଲେ ସ୍ୱାସ୍ଥ୍ୟ ପ୍ରତି କ'ଣ ଲାଭ ?

ପାଳଙ୍ଗ ଖାଇବା ଦ୍ୱାରା ଶରୀରକୁ ଅନେକ ଲାଭ ପ୍ରଦାନ କରେ। ଏଥିରେ ଥିବା ଭିଟାମିନ୍ ଏ ଆଖି ଏବଂ ଚର୍ମ ସ୍ୱାସ୍ଥ୍ୟକୁ ଉନ୍ନତ କରିଥାଏ, ଯେତେବେଳେ ଭିଟାମିନ୍ ସି ରୋଗ ପ୍ରତିରୋଧକ ଶକ୍ତିକୁ ଶକ୍ତିଶାଳୀ କରିଥାଏ। ଏହାର ଅଦ୍ରବଣୀୟ ଫାଇବର ହଜମ ପ୍ରକ୍ରିୟାକୁ ଉନ୍ନତ କରିଥାଏ ଏବଂ କୋଷ୍ଠକାଠିନ୍ୟକୁ ରୋକିଥାଏ।

ପାଳଙ୍ଗ ଶାଗରେ କେଉଁ ଔଷଧୀୟ ଗୁଣ ଅଛି ?

ପାଳଙ୍ଗ ଶାଗରେ ଅନେକ ଔଷଧୀୟ ଗୁଣ ଅଛି ଯାହା ଶରୀରକୁ ସୁସ୍ଥ କରିବା ଏବଂ ସୁରକ୍ଷା ଦେବାରେ ସାହାଯ୍ୟ କରେ। ଭିଟାମିନ୍ ଏ ଏବଂ ସି ରୋଗ ପ୍ରତିରୋଧକ ଶକ୍ତିକୁ ଶକ୍ତିଶାଳୀ କରିଥାଏ। ଏହାର ଫାଇବର ଅନ୍ତନଳୀ ସ୍ୱାସ୍ଥ୍ୟକୁ ଉନ୍ନତ କରିଥାଏ ଏବଂ ହଜମ ହେବାରେ ସହାୟକ ହୋଇଥାଏ ।

ହିମୋଗ୍ଲୋବିନ୍ ଏବଂ ଆଇରନ୍ ଅଭାବ ଦୂର କରିବାରେ ସାହାଯ୍ୟ କରିପାରେ ?

ପାଳଙ୍ଗ ହିମୋଗ୍ଲୋବିନ୍ ବୃଦ୍ଧି କରିବାରେ ସାହାଯ୍ୟ କରିପାରେ। ତଥାପି, ଏହାର ଆଇରନ୍ ଶରୀର ଦ୍ୱାରା ସହଜରେ ଶୋଷିତ ହୁଏ ନାହିଁ କାରଣ ଏଥିରେ ଅକ୍ସାଲେଟ୍ (ଏକ ଜୈବିକ ଯୌଗିକ) ଥାଏ। ଏହା ସତ୍ତ୍ୱେ, ନିୟମିତ ପାଳଙ୍ଗ ଖାଇବା ଦ୍ୱାରା ଆଇରନ୍ ବୃଦ୍ଧି ପାଏ। ଲେମ୍ବୁ ଏବଂ ଟମାଟୋ ପରି ଭିଟାମିନ୍ ସି-ଯୁକ୍ତ ଖାଦ୍ୟ ସହିତ ଏହାକୁ ଖାଇବା ଦ୍ୱାରା ଆଇରନ୍ ଶୋଷଣ ଉନ୍ନତ ହୁଏ।

## ମା'ରାଣ ଦେହକୁ ନେବେନି...



ଜୟ ଖଣ୍ଡପଡା ଦିଶେ କି ସୁନ୍ଦର
ମାଳ ମାଳ ଖାଲି ମୁଣ୍ଡ...
ବିଧିର ବିଧାନ କେମେତେ ଗଢିଲା
ଦେଖିବାକୁ ମେଳା ରୁଣ୍ଡ...
ଏ ତ ସାମନ୍ତଙ୍କ କୁଣ୍ଡ...
ଏ ଭିତରେ ଯିଏ ପ୍ରବେଶ କରିଛି
ରହିନି ତାହାର ଶୁଣ୍ଢ...

- ସମ୍ବିତ ସେନାପତି

## ବୋଉର ରୋଷେଇ ଘର

# ଫୁଲକୋବି କୁରୁମା



**ଆବଶ୍ୟକ ସାମଗ୍ରୀ:** ଫୁଲ କୋବି, ବିନ୍ସ, ଗ୍ରୀନ୍ ମଟର, ଗାଜର, ଆଳୁ, ତେଲ, ପନିର, ଜିରା, ଗୋଟା ଧନିଆ, ଗୋଟା ଗରମ ମସଲା, କଟା ପିଆଜ, ଗୋଟା ରସୁଣ, ଅଦା, ଟମାଟୋ, କାଜୁ, ମଗଜ, ପୋସ୍ତ, କସ୍ତୁରୀ ମେଥି ଓ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ଫୁଲ କୋବି, ବିନ୍ସ, ଗାଜର ଓ ଆଳୁକୁ କାଟି ଭଲ ଭାବେ ଧୋଇ ଏକ ପାତ୍ରରେ ରଖନ୍ତୁ। ଏବେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଗଲେ ଫୁଲ କୋବି, ବିନ୍ସ, ଗାଜର ଓ ଆଳୁକୁ ପକାଇ ଅଳ୍ପ ଭାଜି ଦିଅନ୍ତୁ। ସେଥିରେ ଗ୍ରୀନ୍ ମଟର ମଧ ପକାନ୍ତୁ। ଏ ସବୁ ଭାଜି ହେଲା ପରେ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପରେ କଟା ପନିରକୁ ମଧ ଭାଜି ଏକ ପାତ୍ରକୁ କାଢ଼ି ଦିଅନ୍ତୁ। କରେଇରେ ପୁଣି ତେଲ ଗରମ କରନ୍ତୁ। ସେଥିରେ ଜିରା, ଗୋଟା ଧନିଆ ଓ ଗୋଟା ଗରମ ମସଲା ପକାଇ ଦିଅନ୍ତୁ। ତା'ପରେ କଟା ପିଆଜ, ଗୋଟା ରସୁଣ ଓ ଅଦାକୁ ପକାଇ ଭାଜି ଦିଅନ୍ତୁ। କିଛି ସମୟ ପରେ ସେଥିରେ କଟା ଟମାଟୋ ପକାନ୍ତୁ। ଭଲ ଭାବେ ଭାଜି ପରେ ଏହି ମସଲାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ଏବେ ଏହି ମସଲାରେ କାଜୁ, ମଗଜ ଓ ପୋସ୍ତ ମିଶାଇ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ତା'ପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ସେଥିରେ ହଳଦି ଗୁଣ୍ଡ ଓ ଲଙ୍କା ଗୁଣ୍ଡ ପକାଇ ଗୋଳାଇ ଦିଅନ୍ତୁ। ଏହା ପରେ ସେଥିରେ ଗ୍ରାଇଣ୍ଡିଂ କରିଥିବା ମସଲାକୁ ପକାଇ ଅଳ୍ପ ସମୟ ପାଇଁ କଷନ୍ତୁ। କଷିଲା ବେଳେ ଅଳ୍ପ କସ୍ତୁରୀ ମେଥି ପକାଇ ଦିଅନ୍ତୁ। ପରେ ଭାଜି ରଖିଥିବା ପରିବାକୁ ସେଥିରେ ପକାଇ ଗୋଳାଇ ଦିଅନ୍ତୁ। ଆବଶ୍ୟକ ଅନୁସାରେ ପାଣି ଦେଇ ଦିଅନ୍ତୁ। ତା'ସହିତ ସ୍ୱାଦ ଅନୁସାରେ ଲୁଣ ପକାଇ କରେଇକୁ ଢାଙ୍କି ଦିଅନ୍ତୁ। ପରିବା ସିଝି ଗଲା ପରେ କରେଇକୁ ତଳକୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଭେଜ୍ କୋରମା।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର । ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା' ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି । ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ ।



### ବିହାର ସରକାରଙ୍କ ବଡ଼ ନିଷ୍ପତ୍ତି

## ସରକାରୀ କର୍ମଚାରୀ ଡ୍ୟୁଟି ସମୟରେ ରିଲ୍ସ କରିପାରିବେନି

ପାଟନା(ଏନ୍.ଏମ୍.): ସୋସିଆଲ ମିଡିଆର ଅପବ୍ୟବହାର ରୋକିବାକୁ ବିହାର ସରକାର ଏକ ବଡ଼ ପଦକ୍ଷେପ । ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି ଯେ ଫେସବୁକ୍, ଟ୍ୱିଟର, ଟେଲିଗ୍ରାମ ଏବଂ ଅନ୍ୟାନ୍ୟ ଡିଜିଟାଲ ପ୍ଲାଟଫର୍ମରେ ଅନୁପଯୁକ୍ତ ମନ୍ତବ୍ୟ କିମ୍ବା ଖରାପ ବ୍ୟବହାର କରୁଥିବା ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ଏବେ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସରକାର କହିଛନ୍ତି ଯେ, ପ୍ରଶାସନିକ ଶୃଙ୍ଖଳା ବଜାୟ ରଖିବା ଏବଂ ସରକାରଙ୍କ ଭାବମୂର୍ତ୍ତିକୁ ସୁରକ୍ଷା ଦେବା ପାଇଁ ଏହି ନିୟମ ଆବଶ୍ୟକ । କ୍ୟାବିନେଟ୍ ଦ୍ୱାରା ଅନୁମୋଦିତ ମାର୍ଗଦର୍ଶିକା ଅନୁଯାୟୀ, ବିହାରର ଯେକୌଣସି ସରକାରୀ କର୍ମଚାରୀଙ୍କୁ ଏବେ ସୋସିଆଲ ମିଡିଆ ଆକାଉଣ୍ଟ ତିଆରି କରିବା ପୂର୍ବରୁ ସେମାନଙ୍କୁ ଉଚ୍ଚପଦସ୍ଥ ଅଧିକାରୀଙ୍କଠାରୁ ଅନୁମତି ନେବାକୁ ପଡ଼ିବ । ଏହାର ଅର୍ଥ, ବିଭାଗୀୟ ଅନୁମତି ବିନା କୌଣସି କର୍ମଚାରୀ ସୋସିଆଲ ମିଡିଆ ଆକାଉଣ୍ଟ ପରିଚାଳନା କରିପାରିବେ ନାହିଁ । ସରକାର ସ୍ପଷ୍ଟ ଭାବରେ କହିଛନ୍ତି ଯେ, ବେନାମୀ କିମ୍ବା ନକଲି ଆକାଉଣ୍ଟ ବ୍ୟବହାରକୁ କଡ଼ା ନିଷେଧ କରାଯିବ । ଯଦି କୌଣସି କର୍ମଚାରୀ ଏପରି କରୁଥିବାର ଦେଖାଯାଏ, ତେବେ ତାଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସରକାର ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, କୌଣସି କର୍ମଚାରୀ ସରକାରୀ ନୀତି, ଯୋଜନା, କିମ୍ବା ସୁପ୍ରିମକୋର୍ଟ କିମ୍ବା ହାଇକୋର୍ଟର ନିଷ୍ପତ୍ତି ଉପରେ ସାର୍ବଜନୀନ ଭାବରେ ସେମାନଙ୍କର ବ୍ୟକ୍ତିଗତ ମତାମତ ପ୍ରକାଶ କରିବେ ନାହିଁ । ଏହି କାର୍ଯ୍ୟ, ଅନୁଶାସନହୀନତା ଭାବରେ ବିବେଚିତ, ସେବା ନିୟମର ଉଲ୍ଲଙ୍ଘନ ଭାବରେ ବିବେଚିତ ହେବ ଏବଂ କଠୋର ଦଣ୍ଡ ଭୋଗିବ । ଡ୍ୟୁଟି ସମୟରେ କଣ୍ଟେଣ୍ଟ କରିବା ସମ୍ପୂର୍ଣ୍ଣ ନିଷେଧ: ଡ୍ୟୁଟି ସମୟରେ କିମ୍ବା କର୍ମକ୍ଷେତ୍ର ସହିତ ଜଡ଼ିତ କଣ୍ଟେଣ୍ଟ ସୃଷ୍ଟି କରିବା ମଧ୍ୟ 'କଠୋର ନିଷିଦ୍ଧ' ହେବ । ଯେକୌଣସି ପ୍ରକାରର ରିଲ୍, ଭିଡିଓ, ଫଟୋ କିମ୍ବା ଲାଇଭ୍ କଥାବାର୍ତ୍ତା ପ୍ରସାରଣ ନିୟମର ସିଧାସଳଖ ଉଲ୍ଲଙ୍ଘନ ବୋଲି ବିବେଚନା କରାଯିବ । ସରକାର କହିଛନ୍ତି ଯେ, ଏପରି ଭିଡିଓ ପ୍ରାୟତଃ ଏକ ନକାରାତ୍ମକ ବାର୍ତ୍ତା ପଠାଏ ଏବଂ କର୍ମକ୍ଷେତ୍ରର ଗୋପନୀୟତାକୁ ଉଲ୍ଲଙ୍ଘନ କରେ । ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ, ସରକାରୀ କର୍ମଚାରୀମାନେ ସୋସିଆଲ ମିଡିଆରେ କୌଣସି ସମ୍ବେଦନଶୀଳ ସୂଚନା, ବିଭାଗୀୟ ଡକ୍ୟୁମେଣ୍ଟ କିମ୍ବା ସରକାରୀ ଚାଟ୍ ସେୟାର କରିପାରିବେ ନାହିଁ । କର୍ମଚାରୀମାନଙ୍କୁ ସୋସିଆଲ ମିଡିଆରେ କୌଣସି ଆପତ୍ତିଜନକ, ଉତ୍ତେଜନାପୂର୍ଣ୍ଣ କିମ୍ବା ଅନୁପଯୁକ୍ତ ମନ୍ତବ୍ୟ ପୋଷ୍ଟ କରିବାରୁ ନିବୃତ୍ତ ରହିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟ ସରକାର ବିଶ୍ୱାସ କରନ୍ତି ଯେ, ଇଣ୍ଟରନେଟ୍ ଏବଂ ସୋସିଆଲ ମିଡିଆର ଦ୍ରୁତ ପ୍ରସାର ପ୍ରାୟତଃ ସରକାରୀ କର୍ମଚାରୀଙ୍କ ମନ୍ତବ୍ୟ ଯୋଗୁଁ ବିବାଦ ଏବଂ ଦ୍ୱନ୍ଦ୍ୱ ସୃଷ୍ଟି କରିଛି । ତେଣୁ ଏହି ନୂତନ ନୀତିକୁ 'ଡିଜିଟାଲ୍ ଶୃଙ୍ଖଳା' ସୁନିଶ୍ଚିତ କରିବା ଦିଗରେ ଏକ ଆବଶ୍ୟକୀୟ ପଦକ୍ଷେପ ଭାବରେ ବର୍ଣ୍ଣନା କରାଯାଉଛି । ଏହି କଠୋର ନିର୍ଦ୍ଦେଶାବଳୀ ସ୍ପଷ୍ଟ ଭାବରେ ସୂଚିତ କରେ ଯେ, ବିହାର ସରକାର ଡିଜିଟାଲ୍ ଆଚରଣକୁ କର୍ମଚାରୀ ଆଚରଣ ସଂହିତାର ଏକ ଅଂଶ ଭାବରେ ବିବେଚନା କରି ଏକ ଜିରୋ ଟୋଲାରାନ୍ସ ଅର୍ଥାତ୍ ଶୂନ୍ୟ-ଅବହେଳା ନୀତି ଗ୍ରହଣ କରୁଛନ୍ତି ।

### ଅର୍ଥନୀତିକ ସର୍ଭେ ରିପୋର୍ଟ

## ଭାରତର ଜିଡିପି ଅଭିବୃଦ୍ଧି ୬.୮ରୁ ୭.୨% ରହିବ



ନୂଆଦିଲ୍ଲୀ (ଏଜେନ୍ସି) : ଭାରତର ଅର୍ଥନୀତି ୬.୮%ରୁ ୭.୨% ଅଭିବୃଦ୍ଧି ହାରରେ ଦୌଡ଼ିବ । ୨୦୨୭ ଆର୍ଥିକ ବର୍ଷରେ ଭାରତର ଜିଡିପି ଅଭିବୃଦ୍ଧାର ହାର ୬.୮ରୁ ୭.୨% ମଧ୍ୟରେ ରହିବ । ବିଶ୍ୱ ଅର୍ଥନୀତିକ ଦୁର୍ବଳ ଅବସ୍ଥାରେ ଥିଲେ ହେଁ ଭାରତର ଅଭିବୃଦ୍ଧି ଆଶାତୀତ ଭାବେ ଭଲ ରହିବ । ସେହିପରି ୨୦୨୬ରେ ଡିଜିପି ଅଭିବୃଦ୍ଧି ହାର ୭.୪% ରହିବ ବୋଲି ଆଜି ସଂସଦରେ ଉପସ୍ଥାପନ ହୋଇଥିବା ଅର୍ଥନୀତିକ ସର୍ଭେ ରିପୋର୍ଟ ରେ ଆକଳନ କରାଯାଇଛି । ଆଜି ସଂସଦରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୬ ଆର୍ଥିକ ବର୍ଷ ପାଇଁ ଅର୍ଥନୀତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରିଛନ୍ତି । ଏଥିରେ ଆକଳନ କରାଯାଇଛି ଯେ ଭାରତର ଜିଡିପି ଅଭିବୃଦ୍ଧି ଆର୍ଥିକ ବର୍ଷ ୨୦୨୭ରେ ୬.୮%ରୁ ୭.୨% ମଧ୍ୟରେ ରହିବ । ଏହା ୨୦୨୪-୨୦୨୫ ଅର୍ଥନୀତିକ ସର୍ଭେରେ ୨୦୨୬ ଆର୍ଥିକ ବର୍ଷ ପାଇଁ କରାଯାଇଥିବା ଅଭିବୃଦ୍ଧି ଆକଳନ ଠାରୁ ଅଧିକ । ୨୦୨୪-୨୫ ଅର୍ଥନୀତିକ ସର୍ଭେ ରିପୋର୍ଟରେ ୨୦୨୬ରେ ଅଭିବୃଦ୍ଧି ହାର ୬.୩%ରୁ ୬.୮% ରହିବ ବୋଲି କୁହାଯାଇଥିଲା । କିନ୍ତୁ ୨୦୨୭ ଆର୍ଥିକ ବର୍ଷରେ ଅଭିବୃଦ୍ଧି ହାର ପୂର୍ବବର୍ଷ ତୁଳନାରେ ଅଧିକ ରହିବ ବୋଲି ସର୍ଭେ ରିପୋର୍ଟରେ ଆକଳନ କରାଯାଇଛି । ବିଶ୍ୱ ଅର୍ଥନୀତିକୁ ନେଇ ଚିନ୍ତା ରହିଥିଲେ ହେଁ ସର୍ଭେ ରିପୋର୍ଟରେ ଏପରି ମତ ରଖାଯାଇଛି । ରିପୋର୍ଟରେ କୁହାଯାଇଛି ଯେ ଚଳିତ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ହାର ୭.୩% ଓ ୭.୨% ରହିବ ବୋଲି ଯଥାକ୍ରମେ ଆଇଏମଏଫ ଓ ବିଶ୍ୱବ୍ୟାଙ୍କ ଆକଳନ କରିଥିଲେ । ସେହି ଅନୁସାରେ ଅଭିବୃଦ୍ଧି ହାର ୭.୪% ରହିବା ଏକ ପ୍ରକାରର ନିଶ୍ଚିତ ହୋଇଛି । ଆର୍ଥିକ ବର୍ଷ ୨୦୨୭ ପାଇଁ ଦୁଇ ସଂସ୍ଥା ଭାରତର ଅଭିବୃଦ୍ଧି ହାରକୁ ସାମାନ୍ୟ ହ୍ରାସ କରିଛନ୍ତି । ଦୁଇ ବହୁମୁଖୀ ସଂସ୍ଥା ୬.୪% ଓ ୬.୫% ରହିବ ବୋଲି ଯଥାକ୍ରମେ ପୂର୍ବାନୁମାନ କରିଛନ୍ତି । ତେଣୁ ୨୦୨୭ ଆର୍ଥିକ ବର୍ଷରେ ଭାରତର ଜିଡିପି ଅଭିବୃଦ୍ଧି ୬.୮%ରୁ ୭.୨% ମଧ୍ୟରେ ରହିପାରେ । ଅର୍ଥନୀତିକ ସର୍ଭେ ରିପୋର୍ଟ ୨୦୨୬ରେ ସତର୍କ କରାଯାଇଛି ଯେ ବିଶ୍ୱ ଅର୍ଥନୀତିକ ଅଭିବୃଦ୍ଧି ଅତ୍ୟନ୍ତ ବିପଦଜନକ ଅବସ୍ଥାରେ ରହିଛି । ଯଦି କୃତିମ ବୁଦ୍ଧିମତାରୁ ଆଶା ଅନୁସାରେ ଉତ୍ପାଦନ ଲାଭ ନ ମିଳିବ, ତା'ହେଲେ ପରିସଂଖ୍ୟାନର ଉଚ୍ଚ ମୂଲ୍ୟାଙ୍କନରେ ସଂଶୋଧନ ହେବ ଓ ବ୍ୟାପକ ବିତ୍ତୀୟ ସଙ୍କଟର ସାମ୍ନା କରିବାକୁ ହେବ । ଦୀର୍ଘକାଳୀନ ବାଣିଜ୍ୟ ବିବାଦ ସମ୍ଭବତଃ ନିବେଶକୁ ପ୍ରଭାବିତ କରିବ ଓ ବିଶ୍ୱ ଅଭିବୃଦ୍ଧିକୁ ଆହୁରି ଦୁର୍ବଳ କରିବ । ବର୍ତ୍ତମାନ ଯଦିଓ କିଛି ପରିମାଣର ସ୍ଥିରତା ରହିଛି । କିନ୍ତୁ ଅର୍ଥନୀତି ଉପରେ ଥିବା ବିପଦ ବଳବତ୍ତ ରହିପାରେ ବୋଲି ରିପୋର୍ଟରେ ଅନୁମାନ କରାଯାଇଛି । ରିପୋର୍ଟରେ ଆହୁରି କୁହାଯାଇଛି ଯେ ଅନେକ ବଡ଼ବଡ଼ ଅର୍ଥନୀତି ଉପରୁ ମୁଦ୍ରାସ୍ଫୀତିର ପ୍ରଭାବ ହଟିଛି । ଏହା ନିଶ୍ଚିତ ଭାବେ ଆଗାମୀ ଦିନରେ ମୁଦ୍ରାନୀତିକୁ ଅଧିକ ଉଦାର ଓ ବିକାଶ ପାଇଁ ସହାୟକ କରିପାରେ ।

## ହିନ୍ଦୁ ଓ ପୁଲିସଙ୍କ ହତ୍ୟାକାରୀ ଛାଡ଼ ପାଇବେ

**ଢାକା (ଏଜେନ୍ସି)** : ବାଂଲାଦେଶରେ ମହମ୍ମଦ ୟୁନୁସଙ୍କ ମଧ୍ୟବର୍ତ୍ତିକାଳୀନ ସରକାର ଜୁଲାଇ-ଅଗଷ୍ଟ ବିକ୍ଷୋଭକାରୀଙ୍କ ବିରୋଧରେ କୌଣସି ଅଭିଯୋଗ ଆଣିବାକୁ ରୋକିବା ପାଇଁ ଏକ ଅଧାଦେଶ ଜାରି କରିଛନ୍ତି । ଶେଖ ହସିନା ଓ ତାଙ୍କ ସହଯୋଗୀଙ୍କ ବିରୋଧରେ ବିଭିନ୍ନ ଅଦାଲତରେ ମାମଲା ଚାଲିଥିବାବେଳେ ଏହି ଅଧାଦେଶର ଅର୍ଥ ହେଉଛି, ଅନେକ ପୁଲିସ କର୍ମଚାରୀ, ହିନ୍ଦୁ ସଂଖ୍ୟାଲଘୁ ଓ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କ ହତ୍ୟା ଘଟଣା ପାଇଁ ଅପରାଧୀମାନଙ୍କୁ ଦଣ୍ଡିତ କରାଯିବ ନାହିଁ । ୟୁନାଇଟେଡ୍ ନ୍ୟୁଜ୍ ଅଫ୍ ବାଂଲାଦେଶ (ୟୁଏନ୍‌ବି) ରିପୋର୍ଟ ଅନୁଯାୟୀ, ମଧ୍ୟବର୍ତ୍ତିକାଳୀନ ସରକାର ଜୁଲାଇ ବିଦ୍ରୋହ (ସୁରକ୍ଷା ଓ ଦାୟିତ୍ୱ ନିର୍ଣ୍ଣୟ) ଅଧାଦେଶ, ୨୦୨୬ ଜାରି କରିଛନ୍ତି, ଯାହା ଜୁଲାଇ ବିଦ୍ରୋହରେ ଅଂଶଗ୍ରହଣ କରିଥିବା ଲୋକଙ୍କୁ ସୁରକ୍ଷା ପ୍ରଦାନ କରିବ । ରବିବାର ରାତିରେ ଆଇନ ମନ୍ତ୍ରାଳୟ ପକ୍ଷରୁ ଏକ ଗେଜେଟ୍ ବିଜ୍ଞପ୍ତି ଜାରି କରାଯାଇଛି ବୋଲି ୟୁଏନ୍‌ବି ରିପୋର୍ଟ କରିଛି । ଏହି ଅଧାଦେଶ ବିଦ୍ରୋହ ସହ ଜଡିତ ସମସ୍ତ ଆପରାଧିକ ମାମଲା ପ୍ରତ୍ୟାହାର କରିବାକୁ ସୁନିଶ୍ଚିତ କରିବା ସହ ଅଂଶଗ୍ରହଣକାରୀଙ୍କ ବିରୋଧରେ କୌଣସି ନୂତନ ମାମଲା ଦାଖଲ କରିବାକୁ ବାରଣ କରିଛି । ଏହାଦ୍ୱାରା ପୁଲିସ କର୍ମଚାରୀ, ହିନ୍ଦୁଙ୍କ ସମେତ ସଂଖ୍ୟାଲଘୁ ଏବଂ ଆୱାମୀ ଲିଗ୍ କାର୍ଯ୍ୟକର୍ତ୍ତାଙ୍କ ହତ୍ୟାକାରୀମାନେ ଦଣ୍ଡବିଧାନରୁ ରକ୍ଷା ପାଇବେ । ହତ୍ୟାକାରୀମାନଙ୍କ ମଧ୍ୟରେ ଇସଲାମବାଦୀ ଓ ଉଗ୍ରବାଦୀ ଅନ୍ତର୍ଭୁକ୍ତ ହେବାର ସମ୍ଭାବନା ରହିଛି, ଯେଉଁମାନଙ୍କ ପ୍ରତି ମହମ୍ମଦ ୟୁନୁସ୍ ଶାସନ ନରମ ବ୍ୟବହାର କରିଆସୁଛି । ଏହି ଅଧାଦେଶ ବାଂଲାଦେଶର ବର୍ତ୍ତମାନର ସମ୍ବିଧାନରୁ କୌଣସି ସମର୍ଥନ ପାଇବ ନାହିଁ ଏବଂ ଆଇନଗତ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇପାରେ । ତଥାପି ଦେଶର ନମନୀୟ ଆଇନ ବ୍ୟବସ୍ଥା ହେତୁ ଏହି ଅଧାଦେଶ ଏକ ଆଇନଗତ ଚ୍ୟାଲେଞ୍ଜରୁ ବର୍ତ୍ତିପାରେ ବୋଲି କୁହାଯାଉଛି ।

## ଋଷ-ୟୁକ୍ରେନ୍ ଯୁଦ୍ଧରେ ଲାଗିବ ବ୍ରେକ୍ ?



**ୱାଶିଂଟନ୍ (ଏଜେନ୍ସି)** :ଦୀର୍ଘ ମାସ ଧରି ଜାରି ରହିଥିବା ଋଷ-ୟୁକ୍ରେନ୍ ଯୁଦ୍ଧରେ ଲାଗିବ ବ୍ରେକ୍ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏପରି ଦାବି କରିଛନ୍ତି । କଠୋର ଶୀତରେ ଥରୁଛି ୟୁକ୍ରେନ୍, ହଇରାଣ ହେଉଛନ୍ତି ସେଠାକାର ସାଧାରଣ ଲୋକ । ତେଣୁ ଏହାକୁ ଦୃଷ୍ଟିରେ ରଖି କିଛିଦିନ ପାଇଁ ଯୁଦ୍ଧ ବିରତି କରିବାକୁ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଅନୁରୋଧ କରିଥିଲେ ଟ୍ରମ୍ପ, ଆଉ ତାଙ୍କର ଏହି ଅନୁରୋଧକୁ ପୁଟିନ୍ ରକ୍ଷା କରିଛନ୍ତି ବୋଲି ଦାବି କରିଛନ୍ତି ଆମେରିକା ରାଷ୍ଟ୍ରପତି । ଗୁରୁବାର ଦିନ ହ୍ୱାଇଟ୍ ହାଉସରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି, ସେ ବ୍ୟକ୍ତିଗତ ଭାବରେ ରାଷ୍ଟ୍ରପତି ପୁଟିନଙ୍କୁ ଅନୁରୋଧ କରିଛନ୍ତି ଯେ ସେ କଠୋର ଶୀତ ସମୟରେ କିଭ୍ ଓ ଅନ୍ୟାନ୍ୟ ସହର ଉପରେ ଆକ୍ରମଣକୁ ଗୋଟିଏ ସପ୍ତାହ ପାଇଁ ସ୍ଥଗିତ ରଖନ୍ତୁ । ଟ୍ରମ୍ପଙ୍କ ଏହି ବୟାନ ଏପରି ଏକ ସମୟରେ ଆସିଛି ଯେତେବେଳେ ଋଷ ବାରମ୍ବାର ୟୁକ୍ରେନର ବିଦ୍ୟୁତ୍ ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉପରେ ଆକ୍ରମଣ କରୁଛି, ଯାହା ଫଳରେ ସାରା ଦେଶରେ ବ୍ୟାପକ ବିଦ୍ୟୁତ୍ ବିଭ୍ରାଟ ହେଖାଦେଇଛି । ଟ୍ରମ୍ପ ଦାବି କରିଛନ୍ତି ଯେ ରାଷ୍ଟ୍ରପତି ପୁଟିନ୍ ତାଙ୍କ ଅନୁରୋଧରେ ରାଜି ହୋଇଛନ୍ତି, କିନ୍ତୁ ଋଷ ପକ୍ଷରୁ କୌଣସି ସରକାରୀ ପ୍ରତିକ୍ରିୟା ମିଳିପାରିନାହିଁ । ଅନ୍ୟପଟେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସକି ଚେତାବନୀ ଦେଇ କହିଛନ୍ତି ଋଷ ଆଉ ଏକ ବଡ଼ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଛି । ୟୁକ୍ରେନର ଗୁଇନ୍ଦା ସଂସ୍ଥାଗୁଡ଼ିକରୁ ମିଳିଥିବା ରିପୋର୍ଟ ଅନୁଯାୟୀ, ଋଷ ବଡ଼ ଧରଣର ବିମାନ ଆକ୍ରମଣ ପାଇଁ ଅସ୍ତ୍ରଶସ୍ତ୍ର ଏବଂ ସମ୍ବଳ ସଂଗ୍ରହ କରୁଛି । ଜେଲେନ୍ସକି ଏହା ମଧ୍ୟ ମନେ ପକାଇଛନ୍ତି ଯେ ଋଷ ପ୍ରାୟ ୮୦୦ ଡ୍ରୋନ୍, କ୍ରୁଜ୍ ମିସାଇଲ୍ ଏବଂ ବାଲିଷ୍ଟିକ୍ ମିସାଇଲ୍ ସହିତ ୟୁକ୍ରେନ୍ ଉପରେ ଆକ୍ରମଣ କରିଥିଲା, ବିଶେଷ କରି ଦେଶର ପାୱାର ଗ୍ରୀଡ୍ ଉପରେ ଟାର୍ଗେଟ କରିଥିଲା । ତେବେ ଏହି ସମସ୍ତ ଘଟଣା ଏପରି ସମୟରେ ଘଟୁଛି ଯେତେବେଳେ ଆମେରିକାର ମଧ୍ୟସ୍ଥତାରେ ଋଷ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧବିରତି ଆଲୋଚନା ଚାଲିଛି ।

# ଆଇନ ଅଦାଲତ

## ଅନୁଭବଙ୍କ ବିରୋଧରେ ବର୍ଷାଙ୍କ ଯୌତୁକ ନିର୍ଯାତନା ମାମଲା : ଡିସ୍‌ଚାର୍ଜ ପିଟିସନ୍ ଖାରଜ

### ନିମ୍ନ ଅଦାଲତରେ ଚାଲିବ ମାମଲା-ହାଇକୋର୍ଟ



**କଟକ(ଏନ୍.ଏମ୍.)** : ଓଡିଆ ସିନେ ତାରକା ଅନୁଭବ ମହାନ୍ତିଙ୍କ ବିରୋଧରେ ବର୍ଷା ପ୍ରିୟଦର୍ଶିନୀ କରିଥିବା ଯୌତୁକ ନିର୍ଯାତନା ମାମଲାର ଆଜି ହାଇକୋର୍ଟରେ ଶୁଣାଣି ହୋଇଯାଇଛି । ଏହି ମାମଲାରେ ଅନୁଭବଙ୍କ ବିରୋଧରେ ନିମ୍ନ ଅଦାଲତ ଯେଉଁ ଚାର୍ଜଫ୍ରେମ୍ କରିଥିଲେ ହାଇକୋର୍ଟ ତାକୁ କାଏମ ରଖିଛନ୍ତି । ଅନ୍ୟପକ୍ଷରେ ଅନୁଭବ ନିର୍ଦ୍ଦୋଷ ଦର୍ଶାଇ ଯେଉଁ ଡିସ୍‌ଚାର୍ଜ ପିଟିସନ୍ ଦାଖଲ କରିଥିଲେ ହାଇକୋର୍ଟ ତାକୁ ଖାରଜ କରି ଦେଇଛନ୍ତି । ଅନ୍ୟ ପକ୍ଷରେ ଅନୁଭବଙ୍କ ବିରୋଧରେ ନିମ୍ନ ଅଦାଲତରେ ମାମଲା ଚାଲିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି । ସେହିପରି ଅନୁଭବ ଓ ତାଙ୍କର ଅନ୍ୟ ଦୁଇ କର୍ମଚାରୀ ସୁଜିତ ଦଳେଇ ଏବଂ ଖଗେନ୍ଦ୍ର ସାହୁଙ୍କ ବିରୋଧରେ ମଧ୍ୟ ଚାର୍ଜ ଫ୍ରେମ କରିବା ସହ ବିଚାର ଚାଲିବ ବୋଲି ହାଇକୋର୍ଟ ଆଦେଶ ଦେଇଛନ୍ତି । ହାଇକୋର୍ଟଙ୍କ ଏପରି ଆଦେଶ ପରେ ଅନୁଭବଙ୍କ ପାଇଁ ଅଡୁଆ ବଢିଛି । ସୂଚନାଥାଉକି ବର୍ଷା ଅନୁଭବଙ୍କ ଘରେ ରହୁଥିବା ସମୟରେ ଅନୁଭବ ଏବଂ ତାଙ୍କ କର୍ମଚାରୀ ସୁଜିତ ଦଳେଇ ଏବଂ ଖଗେନ୍ଦ୍ର ସାହୁ ବର୍ଷାଙ୍କୁ ମାନସିକ ନିର୍ଯାତନା ଦେଉଥିବା ସହ ଭିଡିଓ ସୁଟିଂ କରିବା ନେଇ ପୁରୀଘାଟ ଥାନାରେ ଅଭିଯୋଗ କରିଥିଲେ । ବର୍ଷାଙ୍କ ଅଭିଯୋଗ ଆଧାରରେ ପୁରୀଘାଟ ପୁଲିସ୍ ଅନୁଭବ ମହାନ୍ତି, ସୁଜିତ ଦଳେଇ ଏବଂ ଖଗେନ୍ଦ୍ର ସାହୁ ବିରୋଧରେ ବିଭିନ୍ନ ଦଫାରେ ଲଗାଇ ମାମଲା ରୁଜୁ କରିଥିଲା । ଏହି ମାମଲାରେ ନିମ୍ନ ଅଦାଲତ ସେମାନଙ୍କ ବିରୋଧରେ ଚାର୍ଜଫ୍ରେମ୍ କରିଥିଲେ । ତେବେ ନିମ୍ନ ଅଦାଲତଙ୍କ ଚାର୍ଜଫ୍ରେମ୍ ଆଦେଶ ବିରୋଧରେ ଅନୁଭବ ହାଇକୋର୍ଟରେ ଆବେଦନ କରିଥିଲେ । ଏହି ମାମଲାରେ ଅନୁଭବଙ୍କୁ ବାଦ୍ ଦେବାକୁ ସେ ପ୍ରାର୍ଥନ କରିବା ସହ ଡିସ୍‌ଚାର୍ଜ ପିଟିସନ୍ ଦାଖଲ କରିଥିଲେ । ତେବେ ହାଇକୋର୍ଟ ଅନୁଭବଙ୍କ ସମେତ ସୁଜିତ ଦଳେଇ ଏବଂ ଖଗେନ୍ଦ୍ର ସାହୁଙ୍କ ବିରୋଧରେ ଚାର୍ଜ ଫ୍ରେମ କରିବା ସହ ନିମ୍ନ ଅଦାଲତରେ ମାମଲାର ବିଚାର ଚାଲିବ ବୋଲି ହାଇକୋର୍ଟ ରାୟ ଶୁଣାଇଛନ୍ତି ।

## ଓପିଏସସି ଦନ୍ତ ଚିକିତ୍ସକ ନିଯୁକ୍ତିରେ ଗୁରୁତର ଅନିୟମିତତା

### ରାଜ୍ୟ ସରକାରଙ୍କୁ ନୋଟିସ ଜାରି କଲେ ହାଇକୋର୍ଟ



କଟକ(ଏନ୍.ଏମ୍.): ଓପିଏସସି (ଓଡ଼ିଶା ଲୋକସେବା ଆୟୋଗ ) ଦନ୍ତ ଚିକିତ୍ସକ ନିଯୁକ୍ତିରେ ଗୁରୁତର ଅନିୟମିତତା ହୋଇଥିବା ଅଭିଯୋଗ କରି ଆଗତ ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି । ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ୨୦୧୮ ମସିହାରେ କରାଯାଇଥିବା ଦନ୍ତ ଚିକିତ୍ସକ ନିଯୁକ୍ତି ପ୍ରକ୍ରିୟାରେ ଗୁରୁତର ଅନିୟମିତତା ଥିବା ଦର୍ଶାଇ ଓଡ଼ିଶା ହାଇକୋର୍ଟ କଠୋର ମନୋଭାବ ପ୍ରକାଶ କରିଛନ୍ତି । ବିଚାରପତି ଦୀକ୍ଷିତ କୃଷ୍ଣ ଶ୍ରୀପଦ ଏବଂ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କ ଖଣ୍ଡପୀଠ ୨୦୧୮ ମସିହାର ନିଯୁକ୍ତି ପ୍ରକ୍ରିୟାରେ "ଗୁରୁତର ତ୍ରୁଟି" ରହିଥିବା ମତ ଦେଇଛନ୍ତି । ମାମଲାଟି ବିଜ୍ଞାପନ ସଂଖ୍ୟା ୧୫/୨୦୧୭-୧୮ ସହିତ ସଂପୃକ୍ତ, ଯେଉଁଠାରେ ୧୯୮ଟି ଦନ୍ତ ଚିକିତ୍ସକ ପଦବୀ ପାଇଁ ଚୟନ ପ୍ରକ୍ରିୟା ହୋଇଥିଲା । ଅଭିଯୋଗ ଅନୁଯାୟୀ, ଚୂଡ଼ାନ୍ତ ଚୟନ ତାଲିକା ପ୍ରକାଶ ପରେ ବେଆଇନ ଭାବେ କଟ୍-ଅଫ୍ ମାର୍କ ବୃଦ୍ଧି କରାଯାଇଥିଲା । ହାଇକୋର୍ଟ ଗୁରୁତ୍ୱ ଦେଇ କହିଛନ୍ତି ଯେ ଗତ ୨୦୧୮ ମସିହା ଅଗଷ୍ଟ ୬ ତାରିଖରେ ଉତର ପ୍ରକାଶ କରିବାକୁ ଦିଆଯାଇଥିବା ନିର୍ଦ୍ଦେଶ ସତ୍ତ୍ୱେ କାହିଁକି ତରବରିଆ ଭାବେ ସରକାରଙ୍କୁ ଚୟନ ତାଲିକା ପଠାଇଥିଲା । ଏହି ପ୍ରସଙ୍ଗରେ କୌଣସି ସନ୍ତୋଷଜନକ ଉତର ମିଳିନାହିଁ ।

## ଜନତା ତୁମକୁ ପ୍ରତ୍ୟାଖ୍ୟାନ କରିଛନ୍ତି...

### ପ୍ରଶାନ୍ତ କିଶୋରଙ୍କୁ ସୁପ୍ରିମକୋର୍ଟରୁ ବଡ଼ ଝଟକା

**ନୂଆଦିଲ୍ଲୀ(ଏଜେନ୍ସି)** : ଜନ ସୂରଜ ପାର୍ଟିର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋରଙ୍କୁ ସୁପ୍ରିମକୋର୍ଟରୁ ଏକ ବଡ଼ ଝଟକା ଲାଗିଛି । କୋର୍ଟ ତାଙ୍କ ଆବେଦନର ଶୁଣାଣି କରିବାକୁ ମନା କରିଦେଇଛନ୍ତି । ତାଙ୍କ ବିରୁଦ୍ଧରେ କଠୋର ମନ୍ତବ୍ୟ ମଧ୍ୟ ଦେଇଛନ୍ତି । ପ୍ରଶାନ୍ତ କିଶୋର ବିହାର ନିର୍ବାଚନରେ ଏକ ବଡ଼ ପରାଜୟ ବରଣ କରିଥିଲେ, ଯାହା ତାଙ୍କୁ ବିହାରରେ ପୁନଃନିର୍ବାଚନ କରିବାକୁ ଦାବି କରିଥିଲେ । ସୁପ୍ରିମକୋର୍ଟ ଏବେ କିଶୋରଙ୍କ ସ୍ଥିତି ଉପରେ ପ୍ରଶ୍ନ ଉଠାଇ ତାଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି । ନିକଟରେ ବିହାରରେ ବିଧାନସଭା ନିର୍ବାଚନ ସମ୍ପ୍ରତି ଅନୁଷ୍ଠିତ ହୋଇଥିଲା । ରାଜନୈତିକ ପରାମର୍ଶଦାତା ଭାବରେ ଜଣାଶୁଣା ପ୍ରଶାନ୍ତ କିଶୋର ଏଥିରେ ଅଂଶଗ୍ରହଣ କରିବା ପାଇଁ ନିଜସ୍ୱ ଦଳ, ଜନ ସୂରଜ ପାର୍ଟି ଗଠନ କରିଥିଲେ । ସେ ବିହାରର ସମସ୍ତ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ କିନ୍ତୁ ଗୋଟିଏ ବି ଜିତିପାରି ନଥିଲେ । ଏହା ତାଙ୍କୁ ଯଥେଷ୍ଟ ସମାଲୋଚନା ଆଣିଥିଲା । ସେ ନିର୍ବାଚନୀ ଅଭ୍ୟାସ ଉପରେ ତାଙ୍କର ପରାଜୟକୁ ଦାୟୀ କରିଥିଲେ । ପ୍ରଶାନ୍ତ କିଶୋର ଅଭିଯୋଗ କରିଛନ୍ତି ଯେ ବିହାରରେ ନିର୍ବାଚନ ଅବୈଧ ଉପାୟରେ କରାଯାଇଥିଲା । ସେ ଏହି ବିଷୟରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସେ ନିର୍ବାଚନ ବାତିଲ କରି ପୁଣି ଥରେ ନିର୍ବାଚନ କରିବାକୁ ଦାବି କରିଥିଲେ । ଫେବୃଆରୀ ୬ ତାରିଖରେ ସୁପ୍ରିମକୋର୍ଟରେ ଏହି ମାମଲାର ଶୁଣାଣି ହୋଇଛି । ସୁପ୍ରିମକୋର୍ଟ ପ୍ରଶାନ୍ତ କିଶୋରଙ୍କ ବିରୋଧରେ କଠୋର ମନ୍ତବ୍ୟ ଦେଇଛନ୍ତି । ଶୁଣାଣି ସମୟରେ ମୁଖ୍ୟ ବିଚାରପତି ପଚାରିଥିଲେ, "ଆପଣଙ୍କ ଦଳ କେତେ ଭୋଟ ପାଇଲା ? ଜନସାଧାରଣ ଆପଣଙ୍କୁ ପ୍ରତ୍ୟାଖ୍ୟାନ କରିଛନ୍ତି, ତଥାପି ଆପଣ ଲୋକପ୍ରିୟତା ହାସଲ କରିବା ପାଇଁ ନ୍ୟାୟିକ ମଞ୍ଚ ବ୍ୟବହାର କରୁଛନ୍ତି ।" ଏହା ଉଲ୍ଲେଖଯୋଗ୍ୟ ଯେ ପ୍ରଶାନ୍ତ କିଶୋରଙ୍କ ଜନ ସୂରଜ ପାର୍ଟି ୨୦୨୫ ବିହାର ବିଧାନସଭା ନିର୍ବାଚନ ବାତିଲ କରିବାକୁ ଦାବି କରିଛି ।ରାଜ୍ୟରେ ଆଦର୍ଶ ଆଚରଣ ସଂହିତା ଲାଗୁ ହୋଇଥିବା ସମୟରେ, ମହିଳା ଭୋଟରଙ୍କ ନିକଟକୁ ୧୦,୦୦୦ ସିଧାସଳଖ ସ୍ଥାନାନ୍ତର କରାଯାଇଥିଲା ।

## ସୁପ୍ରିମକୋର୍ଟରେ ନିଜେ ପକ୍ଷ ରଖିଲେ ମମତା: 'ନ୍ୟାୟ' କବାଟ ପଛରେ କାନ୍ଦୁଛି

ନୂଆଦିଲ୍ଲୀ(ଏଜେନ୍ସି): ଭାରତୀୟ ନ୍ୟାୟିକ ଇତିହାସରେ ଏକ ବିରଳ ଘଟଣା ଦେଖିବାକୁ ମିଳିଛି । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆଜି ସୁପ୍ରିମକୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇ ନିର୍ବାଚନ କମିସନଙ୍କ ବିରୋଧରେ ଗର୍ଜିଛନ୍ତି । ଜଣେ ଆଇନଜୀବୀ ଭାବେ ସେ ନିଜେ ମାମଲା ପରିଚାଳନା କରି ନିର୍ବାଚନ କମିସନଙ୍କ ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା (ଏସ୍‌ଆଇଆର)କୁ ଚ୍ୟାଲେଞ୍ଜ କରିଛନ୍ତି । ମମତା ଅଦାଲତରେ ଆବେଗପୂର୍ଣ୍ଣ ଶୈଳୀରେ କହିଥିଲେ, ଯେତେବେଳେ ନ୍ୟାୟ କବାଟ ପଛରେ କାନ୍ଦେ, ସେତେବେଳେ ଆମେ ଅନୁଭବ କଲୁ ଯେ ଆମକୁ କେଉଁଠି ହେଲେ ନ୍ୟାୟ ମିଳୁନାହିଁ । ସେ ଅଭିଯୋଗ କରିଛନ୍ତି ଯେ ୨୦୨୬ ବିଧାନସଭା ନିର୍ବାଚନ ପୂର୍ବରୁ ପଶ୍ଚିମବଙ୍ଗର ଲକ୍ଷ ଲକ୍ଷ ବୈଧ ଭୋଟରଙ୍କ ନାମ ତାଲିକାରୁ କାଟିବା ପାଇଁ ଏହା ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର । ପ୍ରଥମ ପର୍ଯ୍ୟାୟରେ ୫୮ ଲକ୍ଷ ଓ ଚୂଡ଼ାନ୍ତ ପ୍ରକ୍ରିୟାରେ ପ୍ରାୟ ୧.୩୦ କୋଟି ଲୋକଙ୍କୁ ଭୋଟର ତାଲିକାରୁ ବାଦ୍ ଦେବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଦର୍ଶାଇ ମମତା ନିର୍ବାଚନ କମିସନଙ୍କୁ 'ହ୍ୱାଟ୍ସଆପ୍ କମିସନ' କହି କଟାକ୍ଷ କରିଥିଲେ । ସେ ପ୍ରଶ୍ନ କରିଥିଲେ, କେବଳ ପଶ୍ଚିମବଙ୍ଗକୁ କାହିଁକି ଟାର୍ଗେଟ୍ କରାଯାଉଛି । ଏ ବାବଦ ସଙ୍କଟ ନେଇ କମିସନଙ୍କୁ ୬ ଥର ପତ୍ର ଲେଖିଥିଲେ ମଧ୍ୟ କେ ?ଣସି ଜବାବ ମିଳିନାହିଁ । କମିସନଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣି ମମତା କହିଥିଲେ, ନିର୍ବାଚନ କମିସନଙ୍କ ଦ୍ୱାରା ଲଦା ଯାଇଥିବା ଅତ୍ୟଧିକ କାର୍ଯ୍ୟଭାର ଓ ମାନସିକ ଚାପ ଯୋଗୁଁ ରାଜ୍ୟରେ ଏ ପର୍ଯ୍ୟନ୍ତ ୧୫୦ରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଲାଣି । କେନ୍ଦ୍ର ସରକାର ଏବଂ ବିଭିନ୍ନ କେନ୍ଦ୍ରୀୟ ଏଜେନ୍ସିର ଚାପ ଯୋଗୁ ମୁଁ ମୋ ଇଚ୍ଛାରେ କିଛି କରି ପାରୁନାହିଁ ଏବଂ ଗୋଟି ଶ୍ରମିକ ଭଳି କାମ କରିବାକୁ ବାଧ ହେଉଛି । ମମତାଙ୍କ ଏହି ସଙ୍ଗିନ ଅଭିଯୋଗର ଦୃଢ଼ ଜବାବ ରଖିଥିଲେ ସଲିସିଟର ଜେନେରାଲ ତୁଷାର ମେହେଟା । ସରକାରଙ୍କ ପକ୍ଷରୁ ଯୁକ୍ତି ବାଢ଼ି ମେହେଟା କହିଥିଲେ, ପଶ୍ଚିମବଙ୍ଗରେ ନିର୍ବାଚନ କମିସନଙ୍କ ଅଧିକାରୀମାନଙ୍କ ପାଇଁ ଏକ 'ଶତ୍ରୁତାପୂର୍ଣ୍ଣ ପରିବେଶ' ସୃଷ୍ଟି କରାଯାଇଛି । ରାଜ୍ୟ ସରକାର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ଆଦୌ ସହଯୋଗ କରୁନାହାନ୍ତି । ବିଶେଷ କରି ସଂଶୋଧନ କାର୍ଯ୍ୟ ପାଇଁ ଆବଶ୍ୟକ ହେଉଥିବା ଅଧିକାରୀମାନଙ୍କୁ ଉପଲବ୍ଧ କରାଉନାହାନ୍ତି । ସ୍ୱାଭାବିକ କାର୍ଯ୍ୟ ସଂପାଦନରେ ରାଜ୍ୟ ସରକାର ବାଧା ସୃଷ୍ଟି କରୁଥିବାରୁ ସମସ୍ୟା ଜଟିଳ ହେଉଛି । ପଶ୍ଚିମବଙ୍ଗରେ ନିର୍ବାଚନ ଅଧିକାରୀମାନଙ୍କ ସୁରକ୍ଷାକୁ ନେଇ ମଧ୍ୟ ଚିନ୍ତା ବଢ଼ିଛି । ଲଗାତାର ଧମକ ଓ ଭୟର ବାତାବରଣ ସୃଷ୍ଟି କରାଯାଉଛି । ଏସ୍‌ଆଇଆର୍ ପ୍ରକ୍ରିୟା କୌଣସି ରାଜନୈତିକ ଉଦ୍ଦେଶ୍ୟରେ ନୁହେଁ, ବରଂ ମୃତ, ସ୍ଥାନାନ୍ତରିତ ଏବଂ ନକଲି ଭୋଟରଙ୍କୁ ଚିହ୍ନଟ କରି ଭୋଟର ତାଲିକାକୁ ସ୍ୱଚ୍ଛ କରିବା ପାଇଁ ଉଦ୍ଦିଷ୍ଟ ବୋଲି ଶ୍ରୀ ମେହେଟା କହିଥିଲେ । ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ଏହି ମାମଲାକୁ ଅତ୍ୟନ୍ତ ଗମ୍ଭୀର ବୋଲି ଦର୍ଶାଇଛନ୍ତି । କୋର୍ଟ କହିଛନ୍ତି, ଏତେ ବଡ଼ ସଂଖ୍ୟାରେ ଭୋଟରଙ୍କ ନାମ କଟାଯାଉଥିବା ଅଭିଯୋଗ ଯଦି ସତ୍ୟ ହୋଇଥାଏ, ତେବେ ଏହା ଗଣତନ୍ତ୍ର ପାଇଁ ଏକ ବଡ଼ ପ୍ରଶ୍ନବାଚୀ । ଅନ୍ୟପଟେ ନିର୍ବାଚନ ଅଧିକାରୀଙ୍କୁ ସହଯୋଗ ନ ମିଳିବା ଅଭିଯୋଗର ମଧ୍ୟ ତଦନ୍ତ ହେବା ଆବଶ୍ୟକ । ଏ ସଂକ୍ରାନ୍ତରେ ନିର୍ବାଚନ କମିସନଙ୍କୁ ସବିଶେଷ ସତ୍ୟପାଠ ଦାଖଲ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଯେଉଁଥିରେ ଏସ୍‌ଆଇଆର ପ୍ରକ୍ରିୟାର ସମ୍ପୂର୍ଣ୍ଣ ତଥ୍ୟ ଏବଂ ସେଥିରେ ଅବଲମ୍ବନ କରାଯାଇଥିବା ସ୍ୱଚ୍ଛତା ସମ୍ପର୍କରେ ସ୍ପଷ୍ଟୀକରଣ ଦେବାକୁ କୁହାଯାଇଛି । ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୯ ତାରିଖକୁ ଧାର୍ଯ୍ୟ କରାଯାଇଛି ।

ନିଷ୍କର୍ଷ
NISHKARSHA



## ସମ୍ପାଦକୀୟ

### 'ଆଉ ଚାରା ନାହିଁ'

ଓଡ଼ିଆରେ କଥା ଅଛି 'ଆଉ ଚାରା ନାହିଁ'। ଅର୍ଥାତ୍, ଆଉ କିଛି ଉପାୟ ନ ଥିଲେ ବାଧ ହେବା ସ୍ଥିତିକୁ ଲକ୍ଷ୍ୟ କରାଯାଇ ଏଭଳି କୁହାଯାଇଥାଏ। ଗୋଟିଏ ସପ୍ତାହରେ ଦୁଇଟି ଘଟଣା ସାମ୍ନାକୁ ଆସିଛି। ପ୍ରଥମଟି ହେଲା କୋରାପୁଟ ଜିଲାପାଳ ୭୭ତମ ସାଧାରଣତନ୍ତ୍ର ଦିବସ ପୂର୍ବରୁ ଜିଲାରେ ଆମିଷ ବିକ୍ରି ବନ୍ଦ କରିବା ସଂକ୍ରାନ୍ତରେ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ସେଥିରେ ନିର୍ଦ୍ଦେଶ ଦିଆଯାଇଥିଲା ଯେ ଜିଲାର ସମସ୍ତ ତହସିଲଦାର, ବିଡିଓ ଏବଂ ନିର୍ବାହୀ ଅଧିକାରୀ ନିଜ କାର୍ଯ୍ୟ କ୍ଷେତ୍ରାଞ୍ଚଳରେ ଏହାକୁ କଡ଼ାକଡ଼ି ଲାଗୁ କରାଇବେ। ହେଲେ ଗଣମାଧ୍ୟମ ଓ ବିଶେଷକରି ସୋସିଆଲ ମିଡିଆରେ ବିରୋଧ କରାଯାଇ ଚାପ ପଡ଼ିବା ପରେ ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ଜିଲାପାଳ ଖସିବାର ବାଟ ନପାଇ ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରିନେଇଥିଲେ। ଦ୍ୱିତୀୟ ଘଟଣାଟି ହେଲା ହାଓଡାରୁ କାମାକ୍ଷାକୁ ଚାଲୁଥିବା ବନ୍ଦେ ଭାରତ ସ୍ଲିପର ଟ୍ରେନ୍‌ର ଖାଦ୍ୟ ତାଲିକାରେ ଏବେ ଆମିଷକୁ ସାମିଲ କରାଯିବା ନେଇ ନିଷ୍ପତ୍ତି ନିଆଯିବା। ପ୍ରସଙ୍ଗର ଟିକେ ପଛକୁ ଗଲେ ବୁଝାପଡ଼େ ଯେ, ଜାନୁଆରୀ ୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗର ମାଲ୍‌ଦାରୁ ହାଓଡା-ଗୁଆହାଟୀ (କାମାକ୍ଷା) ବନ୍ଦେ ଭାରତ ସ୍ଲିପର ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ନିରାମିଷ ଖାଦ୍ୟ କେବଳ ପରଷା ଯିବ ବୋଲି ବ୍ୟବସ୍ଥା ଥିଲା। ହେଲେ ପଶ୍ଚିମବଙ୍ଗରେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପକ୍ଷରୁ ଏଭଳି ନିଷ୍ପତ୍ତିକୁ ବିରୋଧ କରାଯାଇଥିଲା। ବଙ୍ଗାଳୀ ଲୋକଙ୍କ ଖାଦ୍ୟାଭ୍ୟାସ ଉପରେ ଜାଣିଶୁଣି ଆକ୍ରମଣ କରାଯାଉଛି ବୋଲି ଜୋର ପ୍ରତିବାଦ ମଧ୍ୟ ହେଲା। ଶେଷରେ ଅନନ୍ୟୋପାୟ ହୋଇ ରେଳ ମନ୍ତ୍ରଣାଳୟ ତା'ର ନିଷ୍ପତ୍ତି ବଦଳାଇଥିବା ଜଣାପଡ଼ିଛି। ଅର୍ଥାତ୍ ଏଣିକି ଏହି ଟ୍ରେନ୍ ଯାତ୍ରୀଙ୍କ ପାଇଁ ଖାଦ୍ୟ ତାଲିକାରେ ଆମିଷ ରହିବ ବୋଲି କୁହାଯାଇଛି। ଏଥିରୁ ଜଣାପଡୁଛି, ଏବକାର କେନ୍ଦ୍ର ସରକାର ନାଗରିକଙ୍କ ଦୈନନ୍ଦିନ ଜୀବନଶୈଳୀକୁ ବଦଳାଇବାର ଉଦ୍ୟମ କରିଚାଲୁଛନ୍ତି। ସ୍ୱୀକାର କରିବାକୁ ହେବ ଯେ, ହିନ୍ଦୀଭାଷୀ ଅଞ୍ଚଳଗୁଡ଼ିକରେ ଯଥା ଉତ୍ତରପ୍ରଦେଶ, ବିହାର, ହରିୟାଣା, ରାଜସ୍ଥାନ ଏପରିକି ଗୁଜରାଟ ଓ ମହାରାଷ୍ଟ୍ରରେ ସରକାର ମୁଣ୍ଡ ପୂରାଉଛନ୍ତି ଏବଂ ସେହିସବୁ ରାଜ୍ୟରେ ସଫଳତା ମଧ୍ୟ ପାଇପାରୁଛନ୍ତି। ତେବେ ଗୋଆ, ଉତ୍ତର-ପୂର୍ବାଞ୍ଚଳର ଅନେକ ରାଜ୍ୟରେ ଭାଜପା କ୍ଷମତାସୀନ ଥାଇ ମଧ୍ୟ ଖୋଲାରେ ଗୋମାଂସ ବିକ୍ରିକୁ ବନ୍ଦ କରିବାର ସତ୍ ସାହସ କରିପାରିନାହିଁ। ସେହିଭଳି ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ସାଧାରଣ ଜୀବନଶୈଳୀରେ ଆଙ୍ଗୁଠି ଗେଞ୍ଜିବାର ଉଦ୍ୟମ ଏପର୍ଯ୍ୟନ୍ତ ସଫଳତା ପାଇପାରିନାହିଁ। ଦେଖିବାକୁ ଗଲେ ନିରାମିଷ ଖାଉଥିବା ବ୍ୟକ୍ତି ସାତ୍ତ୍ୱିକ ଜୀବନଯାପନ କରିବାର ସମ୍ଭାବନା ଅଧିକ। କିନ୍ତୁ ମଣିଷ ଜାତି ମାଂସାଶୀ। ମଣିଷ ଦ୍ୱାରା ଚାଷ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ କେବଳ ଫଳମୂଳ ଓ ମାଛମାଂସ ଖାଇ ମଣିଷଜାତି ବଞ୍ଚୁଥିଲା। ଚାଷ ପଦ୍ଧତି ଶିଖିବା ପାଇଁ ଅନେକ ହଜାର ବର୍ଷ ବିତିଯାଇଥିଲା। ଗୋଟେ ପଟେ ଆମିଷ ଖାଇବାକୁ ପ୍ରୋତ୍ସାହନ ଦେବା ଉଚିତ ନୁହେଁ। ଅନ୍ୟପଟେ ପ୍ରତ୍ୟେକ ନାଗରିକ ବ୍ୟକ୍ତିଗତ ସ୍ୱାଧୀନତା ବଳରେ ଖାଇବା, ପିଇବା, ପୋଷାକ ପିନ୍ଧିବା, ଗମନାଗମନ ସହିତ ପାରିବାରିକ ଜୀବନଶୈଳୀରେ ସରକାରଙ୍କର କୌଣସି ପ୍ରକାରର କଟକଣା ବା ନିୟମାବଳୀ କେବେ ହେଲେ ଗ୍ରହଣୀୟ ହୋଇପାରିବ ନାହିଁ। ଏହାର ମୂଳ କାରଣ ହେଲା ଭାରତ ଏକ ବିରାଟ ଦେଶ।

* * *

## କବିତା ଗୁଚ୍ଛ

### ତୁମେ ଥିଲ ନୀରବତାର ଅନ୍ତର୍ଲୀନ ସଂଗୀତ

ତୁମେ ଥିଲ ତପ୍ତ ନିଶ୍ୱାସର ଅନ୍ତରୀକ୍ଷରେ
ଜମି ରହିଥିବା ବୁନ୍ଦାଏ ଅଶ୍ରୁ
ଅଲୌକିକ ଦିଗନ୍ତ ପ୍ଲାବୀ
ତୁମର ନରହିବା ଭାରେ ନକ୍ଷତ୍ର ପୁଞ୍ଜ ଆଜି ବାକ ଶୂନ୍ୟ
ପ୍ରଜ୍ଞାର ଅଗଣାରେ ଲାଗିଛି ଦହନ ପ୍ରବାହ
ତୁମର ପ୍ରସ୍ଥାନ ଏକ ଅନାହୂତ ଅସ୍ତିତ୍ୱଚ୍ୟୁତି
ଯେଉଁଠି ଶବ୍ଦ ସବୁ ମ୍ଳାନ, ଚିନ୍ତାସବୁ କ୍ଳାନ୍ତ
ଏବଂ ହୃଦୟର ଗଭୀର ପ୍ରଦେଶେ
ଜନ୍ମନିଏ ମୌନ ବିଷାଦ।
କିଏ ଯେମିତି କୁହେ; ତୁମେ ନାହଁ ଅଥଚ
ଛାଇ ହୋଇ ରହିଗଲ
ପ୍ରତିଟି ଅନୁଚ୍ଚାରିତ ବାକ୍ୟାଂଶେ
ତୁମର ଅବୟବ ଥିଲା ସୃଷ୍ଟିର ଅନ୍ୱିତ ସ୍ୱରୂପ
ତୁମର କଣ୍ଠରୁ ଝରି ପଡୁଥିଲା
ଦାର୍ଶନିକ ମୌନତାର ବ୍ୟାଖ୍ୟା
ତୁମେ ଥିଲ ଅସ୍ତିତ୍ୱର ଏକ ଅନ୍ତଲୀନ ପ୍ରଶ୍ନ
ଯାହାର ଉତ୍ତର କେବଳ ସମୟ ଜାଣେ
ଅଥବା, ଜାଣେନା କେହି ବି।
ଅଧୁନା ଦିନରାତ୍ରିର ବିଭାଜନରେ
ତୁମର ଛାଇ ଖୋଜେ ଅନ୍ଧ
ଅଥଚ ପ୍ରାଜ୍ଞ ଆତ୍ମା
କ୍ଳାନ୍ତ ପ୍ରହର ସବୁ ମଥାନତ କରନ୍ତି
ତୁମର ରଦ୍ଧ ନିସ୍ପୃହତା ସାମ୍ନାରେ।

ଡକ୍ଟର ନୀଳମଣୀ ସୂତାର
ଖାନନଗର, କଟକ

# ଇସଲାମରେ ମହିଳାଙ୍କ ସ୍ୱାଧୀନତା : ସତ୍ୟ, ଭ୍ରାନ୍ତି ଓ ଭବିଷ୍ୟତ

ଅନେକ ସମୟରେ ପରମ୍ପରାଗତ ଧାରଣା, ସାଂସ୍କୃତିକ ଅଭ୍ୟାସ ଓ ରାଜନୈତିକ ଚିନ୍ତାଧାରାକୁ କେନ୍ଦ୍ରକରି ଇସଲାମ ଧର୍ମରେ ମହିଳା ମାନଙ୍କ ବିଷୟରେ ଆଲୋଚନା ହୁଏ। ପ୍ରକୃତରେ ଏହି ଧର୍ମ କଣ ଶିକ୍ଷା ଦିଏ ତାହା ଅନେକ ଲୋକ ଜାଣନ୍ତି ନାହିଁ। ଯେତେବେଳେ ଆମେ ଇସଲାମର ଉତ୍ସକୁ ସିଧାସଳଖ ଦେଖୁ, ଏକ ସ୍ପଷ୍ଟ ଚିତ୍ର ଆଗକୁ ଆସେ, ଅର୍ଥାତ, ଯେତେବେଳେ ମହିଳା ମାନଙ୍କର କୌଣସି ଅସ୍ୱୀକାର ନଥିଲା ସେତେବେଳେ ଇସଲାମ ମହିଳା ମାନଙ୍କୁ ସ୍ୱତନ୍ତ୍ର ଅଧିକାର ପ୍ରଦାନ କରିଥିଲା। ଯେତେବେଳେ କୁରାନ୍ ପ୍ରକାଶିତ ହେଲା ଆରବରେ ମହିଳା ମାନଙ୍କର ସ୍ୱଳ୍ପ ସୁରକ୍ଷା ଥିଲା, ଯେଉଁଥିରେ ଉତ୍ତରାଧିକାର ବ୍ୟବସ୍ଥାକୁ ପ୍ରତ୍ୟାଖାନ କରାଯାଇଥିଲା। କିନ୍ତୁ ଇସଲାମ ଉଭୟ ମହିଳା ଓ ପୁରୁଷଙ୍କ ସମାନତାକୁ ଦୃଷ୍ଟିରେ ରଖି ଏହି ପ୍ରଥାକୁ ଭଙ୍ଗ କରିଥିଲା। ଏହି ସିଦ୍ଧାନ୍ତ ମହିଳା ମାନଙ୍କର ଅଧାକାର, ପାରିବାରିକ ଜୀବନ, ଶିକ୍ଷା ଏବଂ ସାମାଜିକ ଜୀବନ ପାଇଁ ମୂଳଦୁଆ ସଦୃଶ କାମ କରିଥିଲା। ବିବାହ ସମୟରେ ମହିଳା ମାନେ ଏକ ନିଶ୍ଚିତ ଧନ (ମହର)ପାଆନ୍ତି, ଯାହା ଉପରେ ସଂପୂର୍ଣ୍ଣ ଭାବେ ସେମାନଙ୍କର ଅଧିକାର ରୁହେ ଏବଂ ପରିବାରର ରକ୍ଷଣାବେକ୍ଷଣା ପାଇଁ ସେମାନେ ଏହି ବ୍ୟକ୍ତିଗତ ସମ୍ପତ୍ତି ଖର୍ଚ୍ଚ କରିବା ପାଇଁ ବାଧ ନୁହନ୍ତି। ଏହି ଆର୍ଥିକ ସହାୟତା ତାଙ୍କ ବ୍ୟକ୍ତିଗତ ସ୍ୱାଧୀନତାକୁ ସୁରକ୍ଷିତ ରଖେ। ଏହା ନିଶ୍ଚିତ କରେ ଯେ ଅପମାନଜନକ କିମ୍ବା ଅନାବଶ୍ୟକ ପରିସ୍ଥିତି ସେମାନଙ୍କୁ ବାଧତାମୂଳକ ଭାବେ ରଖିପାରିବ ନାହିଁ। ଶିକ୍ଷା କେବଳ ଏକ ସାମାଜିକ ସ୍ୱାଧୀକାର ନୁହେଁ ବରଂ ଏକ ଧାର୍ମିକ କର୍ତ୍ତବ୍ୟ ମଧ୍ୟ। ପୈଗମ୍ବର ମହମ୍ମଦ କହିଛନ୍ତି ଯେ ଲିଙ୍ଗ ନିର୍ବିଶେଷରେ ଜ୍ଞାନ ଅନ୍ୱେଷଣ ପ୍ରତ୍ୟେକ ମୁସଲମାନଙ୍କର କର୍ତ୍ତବ୍ୟ। ଇତିହାସରେ ଏପରି ଅନେକ ଉଦାହରଣ ଅଛି ଯେଉଁଠି ମୁସଲିମ୍ ମହିଳା ମାନେ ଏହି ସ୍ୱାଧୀନତାର ଲାଭ ଉଠାଇ ବିଦ୍ୱାନ, ଆଇନିଜ୍ଞ ଏବଂ ଆନୁଷ୍ଠାନିକ ପ୍ରତିଷ୍ଠାତା ହୋଇଥିଲେ। ଅଲ କାରାଓ୍ୱିୟିନ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଫତିମା ଅଲ ଫିହିର ହେଉଛନ୍ତି ଏହାର ଏକ ଅନ୍ୟତମ ଉଦାହରଣ। ସାମାଜିକ କ୍ଷେତ୍ରରେ ଚୟନ କରିବାର ସ୍ୱାଧୀନତା ଇସଲାମିକ ନ୍ୟାୟଶାସ୍ତ୍ରର ଏକ ଅପରିବର୍ତ୍ତନୀୟ ନୀତି। ବିଶ୍ୱର ବିଭିନ୍ନ ଅଂଶରେ ସାଂସ୍କୃତିକ ପ୍ରଥା, ଯେପରିକି ବଳ ପୂର୍ବକ ବିବାହ ଏବଂ ମହିଳା ଶିକ୍ଷା ଉପରେ କଟକଣା କେତେକ ସମୟରେ ଧାର୍ମିକ ପରମ୍ପରା ସହ ଭ୍ରମାତ୍ମକ ଭାବରେ ମିଶ୍ରିତ ହୋଇଯାଇଥାଏ। କିନ୍ତୁ ବିବାହ ଓ ଶିକ୍ଷା କ୍ଷେତ୍ରରେ ଇସଲାମର ମତ ଅତି ସ୍ପଷ୍ଟ। ମହିଳାଙ୍କ ସାଧନ ଏବଂ ସ୍ପଷ୍ଟ ସମ୍ମତି ବିନା ଏହା ଅବୈଧ। ପିତା, ଭାଇ କିମ୍ବା ସ୍ୱାମୀ ଭୂମିକାରେ ପୁରୁଷ ମାନେ ଧାର୍ମିକ ଦାୟିତ୍ୱ ପୂରଣ କରିବା ପରିବର୍ତ୍ତେ ପ୍ରତିବନ୍ଧକ ଲଗାଇବା ଉଦ୍ଦିଷ୍ଟ ନୁହେଁ। ଏକ ମୁସଲିମ ମହିଳା ପାଇଁ ଯଦି ବିବାହ ଅପମାନଜନକ ହୋଇଯାଏ ତେବେ ଇସଲାମର ନୀତି ମହିଳାଙ୍କୁ ଛାଡ଼ପତ୍ର ମଧ୍ୟ ନବାର ଅଧିକାର ଦେଇଥାଏ। ଯଦିଓ ଇତିହାସରେ ଏହି ଆଇନ ଗୁଡ଼ିକର ନିର୍ଦ୍ଦିଷ୍ଟତାକୁ ଭିନ୍ନ ଭିନ୍ନ ଭାବରେ ବ୍ୟାଖ୍ୟା କରାଯାଇଛି, କିନ୍ତୁ ମୂଳ ଲକ୍ଷ ହେଉଛି ମୁସଲିମ ମହିଳାଙ୍କ ମଙ୍ଗଳ ଏବଂ ମ୍ୱାଦ୍ଦା ଓ ରହମା (ପ୍ରେମ ଏବଂ ଦୟା) ଦ୍ୱାରା ତାଙ୍କର ଜୀବନ ଅଧିକାରର ସୁରକ୍ଷା। ଇସଲାମରେ ମହିଳାମାନଙ୍କ ସ୍ୱାଧୀନତା ବିଷୟରେ ସଚ୍ଚୋଟ ଆଲୋଚନା ଆଦର୍ଶ ଏବଂ ବାସ୍ତବତା ମଧ୍ୟରେ ଥିବା ବ୍ୟବଧାନକୁ ବୁଝିବା ଆବଶ୍ୟକ। ଅନେକ ସମସାମୟିକ ସମାଜରେ ଧାର୍ମିକ ଗ୍ରନ୍ଥଗୁଡ଼ିକର ପୁରୁଷବାଦୀ ବ୍ୟାଖ୍ୟା ଏବଂ ପ୍ରତିବନ୍ଧକବାଦୀ ସାଂସ୍କୃତିକ ମାନଦଣ୍ଡକୁ ଥୋପାଯାଇ, ଧର୍ମ ମୂଳତଃ ଯେଉଁ ସ୍ୱାଧୀନତା ପ୍ରଦାନ କରିବାକୁ ଚାହୁଁଥିଲା ତାହାକୁ ଦମନ କରିବା ପାଇଁ ବ୍ୟବହାର କରାଯାଇଛି। ଏହାର କାରଣ ହେଉଛି ଇସଲାମକୁ ଏକ ଦିବ୍ୟ ପ୍ରେରଣାଦାୟକ ପଥ ଏବଂ ମୁସଲିମ ସଂସ୍କୃତିକୁ ଏକ ମାନବ ନିର୍ମିତ ନିର୍ମାଣ ଭାବିବାରେ ଥିବା ଦ୍ୱନ୍ଦ। ରାଜନୈତିକ ଅସ୍ଥିରତା ଉପନିବେଶବାଦ ଏବଂ କିଛି ଅଞ୍ଚଳରେ ଆକ୍ଷରିକ ଆର୍ଦଶବାଦ ଉତ୍ଥାନ ମହିଳାଙ୍କ ଅଧିକାରକୁ ପଛକୁ ପଛକୁ ଠେଲି ଦେଇ ଏପରି ଏକ ପରିବେଶ ସୃଷ୍ଟି କରିଛି ଯେଉଁଠାରେ ମାହିଳାମାନଙ୍କୁ ଶିକ୍ଷାରୁ ବଞ୍ଚିତ କରାଯାଇଛି, ସେମାନଙ୍କ ଗତିବିଧିରେ ପ୍ରତିବନ୍ଧକ ଲଗାଯାଇଛି ଏବଂ ସାର୍ବଜନୀନ କ୍ଷେତ୍ରରୁ ବାଦ୍ ଦିଆଯାଇଛି। ତେଣୁ ଯୁବ ଶିକ୍ଷିତ ମୁସଲମାନ, ବିଦ୍ୱାନ ଏବଂ ମୁସଲମାନ ମହିଳାମାନେ କୁରାନର ଏବଂ ମହମ୍ମଦଙ୍କର ବାଣୀ ମାଧ୍ୟମରେ ଏହି ଧାରାକୁ ପ୍ରତିହତ କରି ଇସଲାମର ସମାନତାବାଦୀ ଆତ୍ମାକୁ ଫେରାଇ ଆଣିବା ପାଇଁ ଚେଷ୍ଟା କରିବାକୁ ପଡ଼ିବ। ସେମାନେ ଏହା ଜାଣିବା ଦରକାର ଯେ ମହିଳାମାନଙ୍କର ସ୍ୱାଧୀନତା ଏକ ପାଶ୍ଚାତ୍ୟ ନୀତି ନୁହେଁ ବରଂ ନିଜସ୍ୱ ଧାର୍ମିକ ପରିଚୟର ଏକ ମୌଳିକ ଆବଶ୍ୟକତା। ଏହି ଚିନ୍ତାନାୟକ ମାନଙ୍କୁ ଇଜତିହାଦ କିମ୍ବା ସ୍ୱାଧୀନ ଆଇନଗତ ଯୁକ୍ତିରେ ନିୟୋଜିତ ହେବାକୁ ପଡ଼ିବ, ଯାହାର ଲକ୍ଷ୍ୟ ହେଲା ପୁରୁଷପ୍ରଧାନ ପରମ୍ପରାକୁ ଭାଙ୍ଗି ନ୍ୟାୟ ଏବଂ ସମାନତାର ଅତ୍ୟାବଶ୍ୟକ ଇସଲାମିକ ମୂଲ୍ୟବୋଧକୁ ଉଜ୍ଜଳ କରିବା। ଇସଲାମିକ ପରମ୍ପରାରେ ମହିଳା ମାନଙ୍କର ରାଜନୈତିକ ଚେତନା ସେମାନଙ୍କ ସ୍ୱାଧୀନତାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ଧର୍ମବିଶ୍ୱାସର ପ୍ରାରମ୍ଭିକ ଦିନରୁ ମାହିଳାମାନେ ସାମୁଦାୟିକ ବ୍ୟାପାରରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଇସଲାମିକ ଇତିହାସରେ ମହିଳାମାନେ ନେତାଙ୍କୁ ପରାମର୍ଶ ଦେବା ଏବଂ ଆବଶ୍ୟକ ହେଲେ ଯୁଦ୍ଧରେ ଅଂଶ ଗ୍ରହଣ କରିବାର ଉଦାହରଣ ମଧ୍ୟ ଅଛି। ଆଜି ଏହି ଐତିହ୍ୟ ବିଶ୍ୱବ୍ୟାପୀ ରାଜନୈତିକ, ବୈଜ୍ଞାନିକ ଏବଂ କଳାତ୍ମକ କ୍ଷେତ୍ରରେ ମୁସଲିମ ମହିଳାମାନଙ୍କର ପ୍ରବେଶରେ ପରିଣତ ହେବା ଆବଶ୍ୟକ। ସାର୍ବଜନୀନ ସମାଜରେ ସେମାନଙ୍କର ଉପସ୍ଥିତି ସେମାନଙ୍କ ବିଶ୍ୱାସରୁ ବିମୁଖତା ନୁହେଁ ବରଂ ଏହାର ଏକ ପ୍ରକାଶନ ଅଟେ। ଭାରତର ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମୁସଲିମ ମହିଳା ମାନଙ୍କର ଐତିହାସିକ ଅବଦାନକୁ ପୁନର୍ଜୀବିତ କରିବାରେ ଭାରତୀୟ ମୁସଲିମ ସମାଜର ପ୍ରମୁଖ ଭୂମିକା ରହିଛି। ଆଜି ଭାରତୀୟ ମୁସଲିମ, ବିଶେଷକରି ମହିଳାମାନେ ସେମାନଙ୍କର ରାଜନୈତିକ, ବୃତ୍ତିଗତ ଏବଂ ସାମାଜିକ ଆକାଂକ୍ଷା ସହ ସେମାନଙ୍କର ମୁସଲିମ ପରିଚୟକୁ ସଂଯୋଗ କରିବା ଆବଶ୍ୟକ। ଇସଲାମରେ ମହିଳାମାନଙ୍କ ସ୍ୱାଧୀନତା ଗତିଶୀଳ ଏବଂ ବିକଶିତ ହେଉଛି, ଏବଂ ଏପରି ଏକ ପରିବେଶ ଆଡ଼କୁ ଗତି କରୁଛି ଯେଉଁଠି ମହିଳାଙ୍କ ପସନ୍ଦ ଯଥା କାମ କରିବା, ଘରେ ରହିବା, ନେତୃତ୍ୱ ନେବା କିମ୍ବା ଅନୁସରଣ କରିବା ଇଶ୍ୱରଙ୍କ ପ୍ରଦତ୍ତ ସାହାଯ୍ୟ ଭାବରେ ସମ୍ମାନ କରାଯାଏ। ଇସଲାମିକ ଢାଞ୍ଚା ମାନବ ଅଧିକାର ଉପରେ ବିଶ୍ୱସ୍ତରୀୟ ଆଲୋଚନାକୁ ଏକ ସ୍ୱତନ୍ତ୍ର ଦୃଷ୍ଟିକୋଣ ପ୍ରଦାନ କରେ ଯାହା ଦ୍ୱାରା ସାମାଜିକ ଏବଂ ଆଇନଗତ ଅଧ ?କାର ଗୁଡ଼ିକ ଉଚ୍ଚନୈତିକ ଉଦ୍ଦେଶ୍ୟ ଉପରେ ଆଧାରିତ ହେଲେ ପ୍ରକୃତ ସ୍ୱାଧୀନତା ହାସଲ ହୁଏ। ମାନବର ଆନ୍ତରିକ ମର୍ଯ୍ୟାଦା ଉପରେ ଧ୍ୟାନ ଦେଇ ଇସଲାମ ଆଧୁନିକ ବିଶ୍ୱରେ ମହିଳାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରକାର ଶୋଷଣ ବିରୋଧରେ ଏକ ଦୃଢ ପ୍ରତିରକ୍ଷା ପ୍ରଦାନ କରେ। ଆଧୁନିକ ମୁସଲିମ, ବିଶେଷକରି ଭାରତୀୟ ମୁସଲିମ ମାନଙ୍କୁ ଏହି ଆଦର୍ଶ ଗୁଡ଼ିକୁ ଗ୍ରହଣ କରିବା ଆବଶ୍ୟକ ଏବଂ ପ୍ରତ୍ୟେକ ମହିଳାଙ୍କ ପାଇଁ ସ୍ୱାଧୀନତାକୁ ବାସ୍ତବତାରେ ପରିଣତ କରାଇବାକୁ ସୁନିଶ୍ଚିତ କରିବା ଆବଶ୍ୟକ।

- ଅଲତାଫ୍ ମିର୍
ପି.ଏଚ.ଡି. ଜାମିଆ ମିଲିଆ ଇସଲାମିଆ

# ମହୁଫାଶ

ମୋହାବିଷ୍ଟ କୁହୁକିନୀ କନ୍ୟାର ପାବନୀ ଗଙ୍ଗା କୂଳକୁ ଆସି କେହି କ'ଣ ବୁଡ଼ ନମାରି ବାହୁଡ଼ି ଯା'ନ୍ତି କି ? ଆପେ ଦେହ ଦେଉଳର ଦିଅଁଙ୍କ ଆଗରେ ଭୋଗ ନୈବେଦ୍ୟ ବାଢ଼ି ଦେଉଥିବ !

ସେ କହୁଥିବ ! ହଇହୋ ! ବଡ଼ ବଡ଼ ସଂସାରୀ ପା' ବୋଲାଉଚ ! ଗୃହସ୍ଥ ହୋଇ ସୁଦ୍ଧା କାମନା ବାସନା ଚରିତାର୍ଥ କରିବାକୁ ବିଡ଼ମ୍ବିତ ବୟସରେ ଧାଡ଼ି ଲଗାଉଚ ? ସହରର ହୃଦସ୍ଥଳରେ ହେ' ହେ' ଉଞ୍ଚା ଅଟ୍ଟାଳିକା ମାନ ଥାଇ, ମହଙ୍ଗା ଗାଡ଼ି ଘୋଡ଼ା ଦଉଡ଼ାଇ ଧାଇଁ ଆସୁଚନ୍ତି ! କ୍ଷମତା ଅଳିନ୍ଦରେ ଯା' ଆସ ସେମାନଙ୍କର। ଅଭାବୀ ମଣିଷର ତଣ୍ଟିଚିପି ରାତାରାତି କୁବେର କୋଠୀ ବସେଇଚ ପରା। ସେଥିରେ ମାୟାବିନୀର ଦେହ ଭୋଗ ସେମାନେ ପବିତ୍ର ତୁଳସୀ ପତ୍ର ଲାଗି ହେଇଯାଉ ! ନଂଗା, ବାହୁବଳୀମାନଙ୍କୁ ଗୋଲାପୀ ରଙ୍ଗ୍ ନିଆଁ ଧାସରେ ଏପରି କେଁ ସିଝା କରୁଥିବ କି ? ଚେପା ହୋଇଯାଉଥିବ ସେଇ ଲୋକମାନଙ୍କର ପୌରୁଷ !

ଗୋଟି ଗୋଟି କରି ସଜାଇ ରଖୁଥିବ ଅଠାକାଠି ! ବସଉଥିବ ମହୁଫାଶ। ସୁନ୍ଦରୀ ପତ୍ନୀ, ସନ୍ତାନ ଧନ ଦଉଲତର ସୁଖର ସଂସାର ଥାଇ ବି ବପୁବନ୍ତ ଧନାଢ଼୍ୟ ବଡ଼ପଣ୍ଡାମାନେ ଗୋଡ଼ ଖସାଇ ଦିଅନ୍ତି ଚୋରାବାଲିରେ।

ମହାନଗରୀର କୋଳାହଳ, ଆଲୁଅର ତେଜ ଥମିଗଲା ବେଳକୁ ଏଇ ସଁବାଳୁଆମାନଙ୍କ ଖେଳ ସୁରୁ ହୁଏ। କ୍ରୀଜ୍ ଉପରେ ସୁରୁସୁରି ବଜାଇଲା ବେଳକୁ ଓପନର୍ ପ୍ରହାର କରିବାକୁ ରେଡି। କଠିନ ଏବଂ ବଳଯୁକ୍ତ ବଲ୍‌କୁ ସାମ୍ନା କରୁ କରୁ ମୂର୍ଚ୍ଛା ଯାଉଥିବ ବାଉଁଶରାଣୀ। ଦୁର୍ଦ୍ଦଶ ଓ ଦ୍ରୁତ ରନ୍ ନେବାକୁ ବୀରେନ୍ଦ୍ର ସେଓ୍ୱାଗ୍ ଭଳି ବ୍ୟାଟସ୍‌ମ୍ୟାନ ସଟ ଖେଳିବାକୁ ରେଡି। ସଁବାଳୁଆ କହେ ; ମୁଁ କେମିତି ପ୍ରଜାପତି ହେଲି ! ଯୋଉ ଇନ୍ଦ୍ରଜାଲ ନିଜ ତରଳ ଲାଳରେ ବୁଢ଼ିଆଣୀଟି ବୁଣୁଥାଏ, ସେଥିରେ ସେ ନିଜେ ଛନ୍ଦିଯାଏ। ଦେହଭାଟି ନିଆଁର ଉଷ୍ମତାରେ ସାମ୍ରାଜ୍ୟ ବିସ୍ତାରର ରୁଟି ସେକିଛି ଜଣଜଣଙ୍କୁ ଆମନ୍ତ୍ରଣ ଜଣାଇ। ତା' ଉଷ୍ମକୋଳ ଝୁଲଣାରେ ଶୋଇ ଶୋଇ ସ୍ୱପ୍ନ ଦେଖୁଥା'ନ୍ତି। ଅସଂଖ୍ୟ ରାଜାଧିରାଜ ଏକାଧିକ ଅନ୍ଧ ମହୁମାଛିଙ୍କ ଆତଜାତ ମହୁଫେଣାରେ ଶ୍ରାବଣୀ, ଶ୍ରଦ୍ଧାଞ୍ଜଳି, ତିତ୍‌ଲି, ସେଫାଳୀ, ରାଗିଣୀ, ମନିକା ମାର୍ଗେ। ପ୍ରଦୂଷିତ ରସାୟନ ନିର୍ଗମନର ଯଜ୍ଞଦେବୀ ପାଲଟିଥିବା ନାରୀ ମୂର୍ତ୍ତି ଅଗ୍ନୀ ଦଗ୍ଧିଭୁତ ହୋଇ ସୁବର୍ଣ୍ଣସୀତା ପରି କଳେବର ପରିବର୍ତ୍ତନ କରିଛି। ଗଜଦନ୍ତ ଖଚିତ ସୁବର୍ଣ୍ଣ ପଲଙ୍କରେ ଶୟନ ଯାଇବି, କାହାରି କାହାରି ଆଖିକୁ ତନ୍ଦ୍ରା ସ୍ୱର୍ଶ କରେନାହିଁ। ଯେଉଁମାନେ କାଗଜକୁ ଟଙ୍କା ମନେ କରି ମୁଣ୍ଡ ତଳେ ପାରି ବି ଶୋଇ ପାରନ୍ତିନି, ପାନୀୟ ଓ ସିଗାରେଟର ଧୂଆଁରେ ରାତିକୁ ରଙ୍ଗୀନ କରିଥା'ନ୍ତି। ସେଇମାନେ ଅବଶ୍ୟ ତା'ର ଗରାଖ।

କାମନା ବାସନା, ଶାରୀରୀକ ରାସାୟନିକ ପ୍ରତିକ୍ରିୟା ଜନିତ ଆନନ୍ଦ ଲୁଟିବାକୁ ପୁଳା ପୁଳା ଟଙ୍କା ପରିବର୍ତ୍ତେ ରାତିକୁ କଥା କୁହାକଣ୍ଢେଇ ସହ ଖେଳି ସାରିବା ପରେ ପୋର୍ଟିକୋ ତଳେ ଅପେକ୍ଷାରତ ସ୍କୋଡ଼ାକାର୍‌ରେ ଫେରିବା ବେଳକୁ ଆଖିରୁ କିନ୍ତୁ ଲାଳଚା ଛାଡ଼ି ନଥିବ। ସେଇଠୁ ପାଦ ଠିକ୍ ସେ ପଡୁନଥିବ। ଆଖିରୁ ଜୁଳୁ ଜୁଳୁଆ ପୋକ ଡେଉଁଥିବ; ସେବେ ସାହାରାଥିବ ନିରାପତ୍ତାରକ୍ଷୀ ସଲାମ ଠୁଙ୍କି କହୁଥିବ; ସାର୍ ! ଜରା ସମ୍ଭାଳ କେ ! ପୁଣି କେବେ 'ନୀଳ ଲଫାପାକୁ' ଆସିବେ ? ଆସିବେ ନା ! ଦେଖି ଚାହିଁ ଯିବେ। ହାଇ ସିକ୍ୟୁରିଟି ପ୍ଲେଟ ନମ୍ବରକୁ ତଦାରଖ କରୁଚି ସିସି.ଟି.ଭି ! ନ ହେଲେ ପାଦ ଥୋଉଁ ଥୋଉଁ ବଙ୍ଗଳାଠିଁ, ଚାଲାଣ କଟା ସମ୍ବନ୍ଧୀୟ ବାର୍ତ୍ତା ସେଲ୍ ଫୋନ୍‌କୁ ଆସିଯାଇଥିବ। ମୋହିନୀ କନ୍ୟା ବିଷବୃକ୍ଷ ସୌଜନ୍ୟାର ଡାଏରୀରେ ସବୁଲେଖା ଥିବ ଯେ...। ସେମାନେ ସବୁ କିଏ କି ? ଯୋଉ ମାନେକି, ତା' ସହିତେ ଶେଯ ସୌଖ୍ୟ ଲଭିବାକୁ ଲୁଚିଲୁଚିକା ଆସୁଥିବେ। ଯୋଉଟା କି ଆଜି ମାର୍କେଟରେ ତେହେଲକା ମଚେଇଚି।

ଚଉପାଢ଼ିରେ ଚେକା ଆସନ ଭିଡ଼ି ବସିଥିବା ମହାନୁଭବ ସା'ନ୍ତେ, ରାଜନୈତିକ ମଠର ମହନ୍ତ, ବିମାନବନ୍ଦର ରଙ୍ଗକୋଠୀ, ଶଙ୍ଖଚକ୍ର, ଗଦା, ପଦ୍ମଧାରୀ ଭଗବାନ ଶ୍ରୀକୃଷ୍ଣ ପଚାରନ୍ତି, ଆରେ ମହାମନ୍ତ୍ରୀ ଭାନୁମତୀ କୁହୁକ ପେଡ଼ି କାହା ପାଖେ ଅଛି ! ଗଣମାଧ୍ୟମରେ ଚର୍ଚ୍ଚା ଚାଲିଚି, ସେ ବିଷ କନ୍ୟା ସୌଜନ୍ୟା କିଏ ? ଭାଷା ନଥିବ ମହାମନ୍ତ୍ରୀ, ପାରିଷଦ ବର୍ଗଙ୍କ ଠାରେ।

'ଆରବ୍ ! ତୁମେ କିଛି କହୁନା କାହିଁକି ? ମୁଁ ତମ ପ୍ରେମିକା ! ଲିଭ୍ ଇନ୍‌ରେ ରହୁଛୁ। ବାହା ଆଉ ହେବା କେବେ ? କ'ଣ ସବୁଦିନ ଦୁଃଖ ଦୁର୍ଦ୍ଦଶା ମଧ୍ୟରେ ସଢୁଥିବ ? ୟୁ ଡୁ' ସମଥିଙ୍ଗ୍ !' କହିଲା ସୌଜନ୍ୟା। ଚେସ୍ ବୋର୍ଡ଼ରେ ଏମିତି ଗୋଟି ଚଳାଅ ଯେ, ଧନଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତୁ। ଆମ କୁଡ଼ିଆ ଧନଧାନ୍ୟରେ ପୁରି ଉଠୁ। ରୂପ, ଦେହ, ମିଛ ପ୍ରଣୟ, ସମ୍ମୋହନ ସବୁକୁ ଏକଠା କରି ଏମନ୍ତ ଫାଶଟିଏ ବସେଇ ଦିଅଯେ ପଣସ ଅଠାରେ ଚଢ଼େଇ ପର ଲାଗିଯିବ, ମାତ୍ର ଦଗାଦିଆମାନେ ଉଡ଼ି ଯାଇପାରିବେନି। ଆରବ ବୁଝାଇଦେଲା। କ'ଣ ଆଉ ଭାବୁଥିବ' ସୌଜନ୍ୟା ! ସେ କେମିତି ଏଡ଼େଟେରୁ ଏଡ଼େଟେ ହେଇଚି। ପାଂଚବର୍ଷ ଝିଅଟେ, ଫ୍ରକ୍ ପିନ୍ଧ, ନାଲି ରିବନ୍ ପିନ୍ଧି ଧୂଳୀ ଖେଳୁଥିଲା ଦାଣ୍ଡରେ। ବୋହୂବୋହୂକା, ଖପରାଡିଆଁ, ବୋହୂ ଚୋରୀ। ଗାଁରେ ଭାଇ ଭଉଣୀ ମିଶାଇ ପାଂଚ ପ୍ରାଣୀ। ମହଙ୍ଗା ଯୁଗରେ ଚଳିବା କଷ୍ଟକର। ବାପା ଜମି ହରାମାନଙ୍କ ନେତୃତ୍ୱ ନେଉଥା'ନ୍ତି। ପ୍ରଶାସନ, ସରକାର। ଜମିଦଲାଲ୍, ମାଫିଆ ବାବାଙ୍କ ପିଛା ପଡ଼ିଗଲେ। କାରଖାନା ଦଲାଲ ସାଜିଥିବା ପ୍ରଶାସନ ସେମାନଙ୍କୁ ଭିଟାମାଟିରୁ ଉଚ୍ଛେଦ କରିଦେଲା। ନିଯୁକ୍ତି ଦେଲାନି ପରିବାରକୁ। ଲୋକମାନେ ବେଘର ହେଲେ। ସେଇ ରାଗରେ ବାପାଙ୍କ କନ୍ୟା ହିସାବରେ ଅପହୃତା ହୋଇଗଲା ସୌଜନ୍ୟା। ଗ୍ୟାଙ୍ଗ୍ ରେପ୍। ସାତଦିନ ମନ ପୁରିଯିବା ପରେ ଜଙ୍ଗଲିଆ ରାସ୍ତା ମୋଡ଼ରେ ଫିଙ୍ଗି ଦେଇ ଚାଲିଗଲେ। ସେଦିନର ଶାନ୍ତ ସରଳ ଝିଅଟି ଆଜି କଳାଧନ୍ଦାକୁ ଆଦରି ନେଇଚି। କଲେଜରେ ପଢୁଥାଏ ଜାତୀୟ ସେବା ଶିବୀରରେ ଶ୍ରେଷ୍ଠ କ୍ୟାଡେଟ ଭାବେ ଜିଲ୍ଲାପାଳଙ୍କ ଠାରୁ ପ୍ରଶଂସା ପାଇଲା। ପରେ ଲୋକେ କୁହାକୁହି ହେଲେ, ରଙ୍ଗ ଭାଟିର ମାଲକିନ୍ ! କିଏ କହିଲା, ହନିଟ୍ରାପ୍ କୁଇନ୍। ଲେଡିବ୍ଲାକ୍‌ମେଲର। ଜଣେ ବଦନାମ ଗଳିର ନାୟିକା ହେବା ପରେ ଆଉ ଥାଏ କ'ଣ ?

ଆଜି କେମିତି ସବୁ ଅର୍ଜିଲି। ବିଶାଳ ଆଲିଶାନ୍ ବଙ୍ଗଳା ! ହାଡିସନ ବାଇକ୍ ! ବିଦେଶୀ ଘଣ୍ଟା ! ଫାର୍ମ ହାଉସ୍। ସି.ଫେସିଙ୍ଗ୍ ଡ୍ୟୁପ୍ଲେକ୍ସ ଫ୍ଲାଟ। ସୁବର୍ଣ୍ଣ ସମ୍ଭାର। ଭଲିକି ଭଳି ଏସ୍.ୟୁ.ଭି. କାର୍ ! ମହାନଗରୀରର ଉପକଣ୍ଠ ନୂଆଗଡ଼ଠାରେ ରଙ୍ଗଶାଳା। କୋଠୀର ନାଁ ନୀଳ ଲଫାପା।' ମତେ ଗଣମାଧ୍ୟମ ରୂପଜୀବୀ ବୋଲି ଅଭିହିତ କରିଚି। ମୋର ଦୁଃଖ କଣ ପାଇଁ ହବ। ସୌଜନ୍ୟା ରେଲକ୍ସସନ ପାଖ ମାଳିସାହିମାଲ୍ ନୁହେଁ। ଆଖିରେ ଆଖିରେ ଇଙ୍ଗୀତ ଦେଇ ଗ୍ରାହକ ଆହ୍ୱାନ କରୁଚି। ଓଠ କୁ ନାନା ରଙ୍ଗରେ ରଙ୍ଗେଇ ସିଲ୍‌କୀ ଶାଢ଼ୀ ନାଇ, ଶସ୍ତା ପରଫ୍ୟୁମ୍‌ରେ ଦେହକୁ ଭିଜେଇ, ନାଇଁ ମ ! ନାଇଁ ନା ! ! ସେ ପରା ଜଣେ ହାଇପ୍ରୋଫାଇଲ ମେନସ୍ ଚାରମର୍। କେମିତି ଏ ଲାଇନ୍‌କୁ ଆଇଲି। ମତେ ପଚାର। ମୁଁ ସବୁ କହିବି ! କଲେଜରେ ଓମେନସ୍ ହଷ୍ଟେଲ୍‌ରେ ରହୁଥାଏ। ଖର୍ଚ୍ଚ ଉଠାଇବାକୁ ଏଇ ଘୃଣ୍ୟ ପଥ ଆପଣେଇ ନ ଥିଲେ ଆଜି ମୁଁ ଆଲିଶାନ୍ ବଙ୍ଗଳାରେ ରହୁଥା'ନ୍ତି। ଘରୁ ବାପ ମା' କେତେ ପଇସା ଯୋଗେଇବେ ? ସାଙ୍ଗ ସାଥୀମାନେ ଢ଼େର ପଇସା ଉଡ଼ାଇଥା'ନ୍ତି। ମୁଁ କେମିତି ନିଜକୁ ମେଣ୍ଟେନ୍ କରିବି ? ଭଲ ମାର୍କ ପାଇବାକୁ ହେଲେ ଟିଉସନ୍ ହେବାକୁ ପଡ଼େ। ସାର୍‌ମାନଙ୍କୁ ପହିଲେ ହୁକ୍ କଲି। ସେମାନେ ପଇସା ନେବେ କ'ଣ ଓଲଟି ଦେଲେ। ତା'ପରେ ହଷ୍ଟେଲ ଓ୍ୱାର୍ଡ଼େନଙ୍କୁ ହାତ କଲି। ରାତିରେ ଗାଡ଼ି ଲାଗିଲା। ଅଧ ରାତିକୁ ଫେରିଲି। ଓ୍ୱାଚ୍‌ମ୍ୟାନଙ୍କୁ ହାତ ଗୁଞ୍ଜା ଦେଲି। ସେ ଯିବା ଆସିବା ଫ୍ରୀ କରି ଦେଲା। ହୋଟେଲକୁ ଯାଉଥିଲି। ଖେଳ ହୁଏ। ଦେହ କ'ଣ ଘୋରି ହେଇ ଯାଉଚି କି ? ତା'ପରେ ଡର, ଲାଜ ସବୁ ଛାଡ଼ିଗଲା। ତୁମେ କହୁନା, କିଏ ସମ୍ଭାଳିଛି ପଥଭ୍ରଷ୍ଟ ଉଦ୍‌ଭ୍ରାନ୍ତ କାମାନ୍ଧ ମାନଙ୍କୁ ? ଆମ ପାଇଁ ପାପାତ୍ମାମାନଙ୍କ ଲୋଲୁପ ଦୃଷ୍ଟିରୁ ବର୍ତ୍ତିଯାନ୍ତି ଭଦ୍ରଘରର ଝିଅ ବୋହୂମାନେ...। ଏଇ ସୌଜନ୍ୟା, ମାଳିନୀ, ଶାଳିନୀ, ରାଗିଣୀ, ଶ୍ରାବଣୀମାନଙ୍କ ପାଇଁ ତ ! ଡାଏରୀରେ ବହୁତ କଥା ଲେଖା। ସାର୍ବଜନୀନ ହେଲେ ସରକାର ଭାଙ୍ଗି ଯିବ ! କିଏ ନ ଖାଇଚି ନାରୀ ମାଂସ। ନ ଖେଳିଚି ବାଜିଏ ଦି' ବାଜି ଆମ ସହ...। କିଏ ନ ଘାଣ୍ଟିଚି ରକ୍ତ, ଲାଳ, ବୀର୍ଯ୍ୟ, ଧାତୁ କନ୍ଦର୍ପ ରସକୁ ନେଇ। ଯଦି ସତ୍ୟ ପଦାକୁ ଆସନ୍ତା, ପ୍ଲାକାର୍ଡ଼ ଧାରୀମାନଙ୍କ ଶୋଭା ଯାତ୍ରାର ଜାମ ହୁଅନ୍ତା ଫରେଷ୍ଟ ପାର୍କ ଛକ ! ରାଜନୈତିକ ସନ୍ଥ ମହାତ୍ମାଙ୍କ ସଫେଦ କୁର୍ତ୍ତାରେ ଦାଗ ଲାଗନ୍ତା। ସେ କ'ଣ ଆଉ ଗୁମ୍ଫାରୁ ପଦାକୁ କଚ୍ଛପ ପରି ଶୀର ଉତ୍ତୋଳିତ କରନ୍ତେକି ?

ରୋବାର୍ଟମାନେ ଆସନ୍ତି, ଖୁବ୍ ସନ୍ତର୍ପଣରେ। ନୂଆ ନୂଆ ଗାଡ଼ି ଲାଗନ୍ତଣି ଗେଟ ବାହାରେ। ପୁଷ୍ପ ଗୁଚ୍ଛ ଦେଇ ପାଛୋଟି ଆଣନ୍ତି ସଖୀଗଣ। ଆଗନ୍ତୁକ ନିଶା ଟଳମଳ। ନିଆଁ ଝୁଲ ବାହାରୁଛି ଆଖିରୁ। ବିଳାସପୂର୍ଣ୍ଣ ଟଏଲେଟ୍ ର ସାଓ୍ୱାର ତଳକୁ ଠେଲି ଠେଲି ନିଆଯାଏ। ଓଦା ହୁଏ ଦେହ ମନ। ନଗ୍ନ ନର୍ତ୍ତକୀରେ ନୃତ୍ୟ ସଂଗୀତର ତାଳେ ତାଳେ। ତା'ପରେ ସହେଲୀଗଣ ଧରି ଧରି ଶୁଅନ୍ତି ତୁଳୀ ତଳ୍ପ ଶେଯ ପରେ। ବାବୁଙ୍କ ସହିତ ସୌଜନ୍ୟାର ପଲଙ୍କ ସେବା ଆସ୍ତେ ଆସ୍ତେ ଆରମ୍ଭ। ଗୋଲାପ ଜଳରେ ସ୍ନାନ ଜଳସାଇ ପରେ ଖୁବ୍ ସୁବାଷିତ, ମହକିତ ପ୍ରାଣ। ପୁଷ୍ପ ବିଛୁରିତ ଶେଯ। ମ୍ଳାନ ଆଲୁଅର ଫୁଆରା। ରଙ୍ଗ ରସର ମହୋତ୍ସବ ଆୟୋଜନ ପର୍ବ। ସର୍କସ ଖେଳ। କଞ୍ଚା ମାଉଁସର ପଦର୍ଶନୀ। କାଚ କଣ୍ଢେଇ ମାନେ ଢ଼ାଳି ଦିଅନ୍ତି ଶୁଖିଲା ତଣ୍ଟିକୁ ଓଦା କରିବା ଉଦ୍ଦେଶ୍ୟରେ। ସୋ' ବିଜିନସ୍ ! ଖାଇଯାଅନା ଥାଳି ସଫା କରିଦିଅ। ଖେଳ ସରିବାକୁ ବାକି ଅଛି ରାତି। ମୁଁ ଅକାଂଚନ ଦାସୀ ଆପଣଙ୍କ ଭଳି ମୂଲ୍ୟବାନ ଅତିଥି ପାଇ ଗଭୀର ଆନନ୍ଦ ଉନ୍ମୁଖୀ। ଆମ ରାତାରାତି କରୋଡ଼ପତି ହବାକୁ ଯେ ଅଛି' ମୁଁ ଅଛି। ମୋ ଦେହ ଅଛି ମାନେ ଲକ୍ଷ୍ମୀଠାକୁରାଣୀ ଅଛନ୍ତି ! ତୁମେ ଖାଲି ସପୋର୍ଟ କର। ଦେଖିବ, କେତେ ଶୀଘ୍ର ଆକାଶର ଷ୍ଟାର ବନାଇ ଦେବି। ସୌଜନ୍ୟା ବୁଝାଇଲା ଆରବକୁ। : ଓଃ ! ଏସବୁ ମତେ ଅସହ୍ୟ ମନେ ହେଉଚି। କୋଉ ସ୍ୱାମୀ ଚାହିଁବ ତା' ଧର୍ମ ପତ୍ନୀ ଆଉ ଜଣକୁ ଦେହ ବିକ୍ରି କରୁ। ଆରବ ଗୀତଗାଏ। ତା' ହେଲେ ଘରେ ଅଭୁକ୍ତ ହେଇକିନା ପଡ଼ିଥାଅ। ଜୀବନକୁ ନେଇ ସ୍ୱପ୍ନ ଦେଖିବା ବନ୍ଦ କର ଆରବ। ମତେ ମୋ ଇଚ୍ଛାରେ ବଂଚିବାକୁ ଛାଡ଼ି ଦିଅ।

: କହିଦେଉନା- ସିଧା ମୋ ସହ ସମ୍ପର୍କ ତୁଟାଇ ଦିଅ ବୋଲି। ଆଉ କେବେବି ମୋ କୋଠୀକୁ ଆସିବନି ! ଆରବ ଟିକେ କଠୋର ହେଇଗଲା।

: ନାରୀ ଏକ ମୋବାଇଲ୍ ଫୋନ୍। ଯା'ର ଫିଚର୍ସ ଦେଖି ପୁରୁଷ ପାଗଳ। ପୁରୁଷମାନେ ସଁବାଳୁଆ। ତା' ପରେ ପ୍ରଜାପତି। ଆରବ ଚାଲିଗଲା- ତା' ବାଟରେ। ଏକା ଏକା ଜୀଇଁବା ଶିଖୁଥାଏ ସୌଜନ୍ୟା। ଲିଭ୍‌ଇନ୍‌ର ସଂସାର ଭାଙ୍ଗିଗଲା।

'କ'ଣ ଏସବୁ ! କଲଗର୍ଲ ହେଇ ଟଙ୍କା କମାଅ। ମାତ୍ର ବ୍ଲାକମେଲିଂ କରନା। ଗଲାବେଳେ ଏଇଟା ମୋ ପରାମର୍ଶ। ସେ' ଓଡ଼ିଆ ସିନେମା ପ୍ରଜୋଜକଙ୍କୁ ଭିଡିଓ ଭାଇରାଲ କରିଦେବ ବୋଲି ଧମକାଉ ଥିଲା କିଏ ! ଧରା ହେଲେ ସର୍ବନାଶ ହେବ। ଲିକ୍କର ଓହାଲ୍ ସେଲର, ଛତ୍ରପତି ଧଳ ସାମନ୍ତ, ମିଡିଆ ଟାଇକୁନ ବଳିଆର ଭୂଜ ମହାନ୍ତି। ଯୁବରାଜ ମୁଦୁଲି, ଭା'ପୁର କ୍ରସର ମାଲିକ ମଣ୍ଟୁ ମହାପାତ୍ର, କଟକର କିମଚୌଡ଼ି ଅଳଙ୍କାର ମାଲିକ ଚିଣ୍ଟୁ ସାଗର। ଭଦ୍ରକର ସିନେମା ହଲ୍ ମାଲିକ ଜୁବ୍‌ଲି ସୁନ୍ଦର ରାୟ, ପାଣିକୋଇଲିର ରାଇସ୍‌ମିଲ୍ ମାଲିକ ଲୁଲୁ ଦାସ। ପୁଣି ଡି.ଆର.ଏମ୍ ଅଶୋକ ପତି, ମାଇନସ୍ ମାଲିକ ବିଘ୍ନେସ ପଟ୍ଟନାୟକ ! ଅଶ୍ୱାରୋହୀ ମାନେ ରେସ୍ କୋର୍ସରେ ସ୍ୱସ୍ୱ ଅଶ୍ୱକୁ ଦଉଡ଼ାନ୍ତି ସୌଜନ୍ୟା କଳା ହରଣ କରି ପରାଜିତ କରାଇପାରେ। ରାତି ପାହି ଯାଏ। ସରି ଆସେ ସୁଖର ଖେଳ।। ସବୁଦିନ ଚାନ୍ଦିନୀ ରହେନା। ସୌଜନ୍ୟା ଏକ କଠିନ ରଙ୍ଗବାଲା ମିଠା ବରଫ୍। ଯା'କୁ ଜିହ୍ୱାରେ ଦେଇ ପାଣି ପିଇ ତୃଷ୍ଣା ମେଣ୍ଟାଇଚି ତ, ବା ଯିଏ ପାଟି ପର୍ଯ୍ୟନ୍ତ ନ ଯାଇବି ଆପେ ମିଳାଇ ଯାଇଛି। ଗ୍ୟାଙ୍ଗ୍ ରେପିଷ୍ଟ ସହ ଯୁଝି ଯୁଝି ବଞ୍ଚିଛି। ଶପଥ ନେଇଛି ଦୁଃଶାସନ ଦୁର୍ଯ୍ୟୋଧନ ମାନଙ୍କୁ ମାଟିରେ ମିଶାଇଦେବ ସେମାନଙ୍କ ରକ୍ତକୁ ବେଣୀ ବନ୍ଧନ କରି...। ବାପ ଘର ଯାଇରହିଛି, କୋଶ କୋଶ ମାଇଲି ଦୂରେ। ହେଇ ଯୋଡ଼ା ଖଣି ଅଞ୍ଚଳ ? ଭାଙ୍ଗି ଯାଇଥିବା ପ୍ରେମର ପୃଥିବୀ, ସାନ ଭାଇର ନିଆଁ ଲଗା ସ୍ୱପ୍ନ ! ଭଉଣୀର ଅଧା ପାଠରେ ଡୋରି ବନ୍ଧା। ବୋଉର କତରାଲଗା ଦିହ ପା'। ଯଦି ମୁଁ ନାଗକୁ ହାତ ନ କରନ୍ତି ତ କେମିତି ହଷ୍ଟେଲରେ ଅନ୍ୟ ସାଙ୍ଗମାନଙ୍କ ସହିତ ପ୍ରତିଯୋଗୀତା କରି ଚଳନ୍ତି !

ଡ୍ରେସ, ଜୋତା, ପରଫ୍ୟୁମ୍, ମୋବାଇଲ ରିଚାର୍ଜ ଖର୍ଚ୍ଚ କେମିତି ଉଠାନ୍ତି ! ଜୀବନର କଳଙ୍କିତ ଫର୍ଦ୍ଦସବୁ ସିନେମାର ରିଲସ୍ ପରି ଚଳତ୍‌ମାନ।

ସୌଜନ୍ୟା ଆଜି ବନ୍ଦିତା। ନାଗେଶ୍ୱର ପାଇଁ ସେ ଫଶିଗଲା। ନାଗେଶ୍ୱର ଆଉ ଆରବ୍‌ର ପଟିଲାନି। ବିପଦ ସମୟରେ ଦେଖା କରିବାକୁ ଆସିଥିଲା ଆରବ।

'ସୌଜନ୍ୟା ! କେମିତି ଅଛ ଆଜିକାଲି ! ମୋ କଥା ସେଦିନ ମାନିଥିଲେ ଆଜି ଏ ଦିନ ଦେଖିବାକୁ ପଡ଼ି ନଥା'ନ୍ତା। କାର ଗୃହର ବାତାୟନ ସେପାଖୁ ଆରବର ମୁହଁ ଆଉ ଏପାଖେ ସୌଜନ୍ୟାର କାନ୍ଦ କାନ୍ଦ ଚେହେରା। ଶାନ୍ତ୍ୱନା ପ୍ରଦାନ କରିବାକୁ ଆସିଥିଲା ପ୍ରେମିକ ପ୍ରେମିକାକୁ...। ଅନ୍ଧକାର କାରାକକ୍ଷ ମଟ୍ଟ୍ୱେ ଝିଅଟି। ମନେ ପଡ଼େ ନାବାଳିକା ବେଳର ଅତ୍ୟାଚାର।

: ତୁମେ ଠିକ୍ କହୁଥିଲ। ନାଗ ସକାଶେ 'ଶିଗଲି। ଟୋକିଟାର କଥାରେ ବ୍ଲାକ୍‌ମେଲ୍ କଲି। ଏବେ ନାମ ନେଉଛି। କ'ଣ ଦର୍କାର ଥିଲା ବ୍ଲାକ୍‌ମେଲ୍ କରିବା। ତା'ଠୁ ଲକ୍ଷ ଲକ୍ଷ ଟଙ୍କା ଝଡ଼େଇକରି ଅତି ଲେମ୍ବୁ ଚିପୁଡୁଥିଲା। ଦଶମିନିଟ ପାଇଁ ଆୟୋଜିତ ଦେଖା ସାକ୍ଷାତ। ତା'ପରେ ଆଉ ଅନୁମତି ନ ଥିଲା। ଓ୍ୱାର୍ଡ଼େନ ଟାଣିଟାଣି ନେଇଗଲା। ପଦାରେ ଥିବା ପ୍ରେମିକ ଆରବକୁ...। ଲୌହ୍ୟ ବାତାୟନର ରେଲିଂ ଦେଇ ସଂପ୍ରସାରିତ ହସ୍ତ ସ୍ୱର୍ଶ କରି ପାରୁନଥିଲା ସୌଜନ୍ୟାକୁ.... କାରାଗର କକ୍ଷରୁ ବିଦାୟ ନେଲା ବେଳକୁ ଏଇ କେଇପଦ କଥା ବାଜୁଥିଲା ଆରବର କାନରେ। ଖିଆପିଆ ଠିକ୍ ସେ କରିବ। ଆଡ଼୍‌ଭୋକେଟ ନାଇଡୁବାବୁଙ୍କୁ କହିବ ହାଇକୋର୍ଟରେ ରିଟ୍ ଫାଇଲ୍ କରିବେ ! ଯା' ଲାଗିବ ଲାଗୁପଛକେ। ଘରଟାକୁ ବନ୍ଧା ପକେଇ ଟଙ୍କା ଆଣିବ। ମତେ ଏଠୁ ବାହାର କର। ଆମକେସ୍‌ରେ କିଏ ସାକ୍ଷ୍ୟ ପ୍ରମାଣ ଦେବାକୁ ଆସିବ ! ଯିଏ ଆସିବ ତା'ର ସମ୍ମାନ ଯିବ। ନିର୍ଦ୍ଧାରିତ ସାକ୍ଷାତ୍‌କାର ସରିଗଲା। ଅନୁମତି ଯେତିକି ମିଳିଥିଲା। ଜହ୍ନ ପରି ମେଘଉହାଡ଼ରୁ ଉଇଁଥିବା ମୁହଁଟି ଲୁଚିଗଲାଣି ଅନ୍ଧକାରରେ।

- ପ୍ରଭାତ ସିହ୍ନା
କୋରାଇ ଯାଜପୁର ରୋଡ଼,
ଯାଜପୁର-୭୫୫୦୨୨
ମୋ.-୯୪୩୮୧୧୧୩୦୯




## ଆଦିବାସୀ ପରମ୍ପରା ପାଳିତ

# ପ୍ରଥମ ମାଘଯାତ୍ରାରେ ଲାଠି ଦେବଦେବୀଙ୍କ ଭେଟ୍‌ଘାଟ୍



ମାଲକାନଗିରି (ଏନ୍.ଏମ୍.) : ମାଲକାନଗିରି ଜିଲାର ପ୍ରତ୍ୟେକ ମାଘ ଯାତ୍ରାରେ ଲାଠି ଦେବଦେବୀଙ୍କ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ! ପ୍ରଥମ ଦିନରେ ମାଲକାନଗିରି ସଦର ମହକୁମା ମାଣିଆଇଲା ଠାରେ ସୀମାନ୍ତ ଛତିଶଗଡ଼ ସହ ଜିଲାର ସମସ୍ତ ଅଞ୍ଚଳର ହଜାରରୁ ଊର୍ଦ୍ଧ୍ୱ ଦେବଦେବୀଙ୍କ ଲାଠି ଏକାଠି ହୋଇଥିଲେ। ଦେବାଦେବୀଙ୍କୁ ପାଛୋଟି ନେଇ ଜୟପୁରିଆଗୁଡା ଠାରେ ମଣ୍ଡପରେ ସ୍ଥାପିତ କରାଯାଇଥିଲା। ଜିଲାର ବିଭିନ୍ନ ଅଞ୍ଚଳରୁ ଲାଠି ଦେବାଦେବୀଙ୍କ ସହ ଆସିଥିବାବେଳେ ବାଜେ, ପୂଜାରୀ, ଦିଶାରୀ ଏବଂ ଗ୍ରାମବାସୀ ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରଥିଲେ। ଆଗାମୀ ଚୈତ୍ର ପର୍ବ ନିମନ୍ତେ ଦେବଦେବୀଙ୍କୁ ଏହା ପ୍ରଥମ ଆସ୍ଥାନ ବୋଲି ପୂଜାରୀ, ବିଶାରୀମାନେ ପ୍ରକାଶ କରିଥିଲେ । ଆଦିବାସୀ ପରମ୍ପରାକୁ ବଜାୟ ରଖିବା ପାଇଁ ଜିଲାର ସମସ୍ତ ଗ୍ରାମର ପୂବା ଇଠି ଦେବଦେବୀଙ୍କୁ ଏଇଠି ଭେଟଘାଟ କରାଯାଇଥିଲା। ଏହି ଯାତ୍ରାରେ ମାନସିକଧାରୀ ମାନେ ଉଦଣ୍ଡି ନୃତ୍ୟ କରିଥିବା ଦେଖିବାକୁ ମିଳିଥିଲା । ନୃତ୍ୟ ଦେଖିବାକୁ ବହୁ ଭକ୍ତଙ୍କ ଭିଡ଼ ଥିଲା । ଆଗକୁ ମୁଖ୍ୟଯାତ୍ରାରେ ୨ ହଜାରରୁ ଉର୍ଦ୍ଧ୍ୱଲାଠି ଦେବାଦେବୀ ଯୋଗଦେବା କାର୍ଯ୍ୟକ୍ରମ ରହିଛି । ଜିଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ ପୂଜାସ୍ଥଳକୁ ଯାଇ ଜଳ ଯୋଗାଣ ,ଶାନ୍ତି ଶୃଙ୍ଖଳା ଅନ୍ୟାନ୍ୟ ନିମନ୍ତେ ସୁବିଧା ସୁଯୋଗ ସମ୍ବନ୍ଧେ ତଦାରଖ କରିଥିଲେ । ପୋଲିସ ପ୍ରଶାସନ ଯାନ ବାହନ ନିୟନ୍ତ୍ରଣ ଓ ଶାନ୍ତି ଶୃଙ୍ଖଳା ବଜାୟ ରଖିଥିଲେ।

# ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ



ବ୍ରହ୍ମପୁର(ଏନ୍.ଏମ୍.) : ବିଭିନ୍ନ ଅନୁଷ୍ଠାନ ତଥା ଆର୍ଯ୍ୟଭଟ୍ଟ ଫାଉଣ୍ଡେସନ, ପୂଜ୍ୟପୂଜା ସମିତି, ଶୌଣ୍ଡିକ ସମାଜ, ମହାତ୍ମା ହେଲପିଙ୍ଗ୍ ହେଣ୍ଡ ତରଫରୁ ଗାନ୍ଧିଜୀଙ୍କ ୭୮ ତମ ପୂନ୍ୟ ତଥି ଅବସରରେ ଗାନ୍ଧୀ ନଗର ସ୍ଥିର ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ପୁଷ୍ପ ମାଲ୍ୟାର୍ପଣ କରାଯାଇ ସ୍ମୃତି ଚାରଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସୁଧୀର ରାଉତ, ଅବନୀ ଗୟା, ଭିଷ୍ମାଚାର୍ଯ୍ୟ ଚୌଧୁରୀ, ଏମ୍ ଭେଙ୍କଟା ରାମାଣା, ଶ୍ୟାମସୁନ୍ଦର ଖାଡାଙ୍ଗା, ଗଗନଚନ୍ଦ୍ର ମଲ୍ଲିକ, ଅଶୋକ ଦଲେଇ, ସୁରେନ୍ଦ୍ର ନାଥ ପଣ୍ଡା, କୁନି ଦଲେଇ, ଏ ସୁରେଶ, ଏସ୍ ଶ୍ରିନିବାସ ରାଓ, ସସ୍ମିତା କୁମାରୀ ବେହେରା, ସାଗର ରଞ୍ଜନ ତ୍ରିପାଠୀ, ମନୋଜ କୁମାର ତରାଇ, ବି ସମେଶ୍ୱର ରାଓ, ଏ ଭେଙ୍କେଟା ରାମାଣା, ଗଙ୍ଗାଧର ବେହେରା, ପି କ୍ରିଷ୍ଣାଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଯୋଗଦେଇଥିଲେ।

## ସହିଦ ଦିବସରେ ନୀରବତା ପାଳନ

ପୁରୀ(ଏନ୍.ଏମ୍.) : ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ଆଦର୍ଶ ଓ ବିଚାର ଧାରା ଚିର ଅମର।୧୯୪୮ ମସିହା ଜାନୁଆରୀ ୩୦ ତାରିଖରେ ଜାତିର ଜନକଙ୍କ ମହାପ୍ରୟାଣ ଘଟିଥିଲା। ଗାନ୍ଧିଜୀଙ୍କ ଅହିଂସା ମନ୍ତ୍ର ସମଗ୍ର ବିଶ୍ୱକୁ ଆନ୍ଦୋଳିତ କରିଛି। ତାଙ୍କର ତ୍ୟାଗ, ସମୟାନୁବର୍ତିତା ଓ ସତ୍ୟ ପ୍ରତି ନିଷ୍ଠା ସମସ୍ତଙ୍କୁ ସବୁଦିନ ପାଇଁ ଅନୁପ୍ରାଣିତ କରିଚାଲିଥିବ ବୋଲି କହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା।ପ୍ରତ୍ୟେକ ବର୍ଷ ଜାନୁଆରୀ ୩୦ ତାରିଖ ମହାତ୍ମାଗାନ୍ଧୀ ମହାପ୍ରୟାଣ ଦିବସକୁ ସହୀଦ ଦିବସ ଭାବେ ପାଳନ କରାଯାଏ।

## ମାଲକାନଗିରିରେ ମଦ୍ୟପ ନାବାଳକର କାରନାମା



■ ଘର ଭିତରକୁ ପଶିଲା ଦ୍ରୁତଗାମୀ କାର୍
■ ଅଳ୍ପକେ ବର୍ତ୍ତିଲେ ଦୋକାନୀ

ମାଲକାନଗିରି(ଏନ୍.ଏମ୍.) : ମାଲକାନଗିରି ଜିଲ୍ଲା ସଦର ମହକୁମା ନିକଟସ୍ଥ ଏମଭି-୪୨ ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ଏକ ଦ୍ରୁତଗାମୀ କାର୍ ନିୟନ୍ତ୍ରଣ ହରାଇ ଏକ ଦୋକାନ ଭାଙ୍ଗିବା ସହ ସିଧାସଳଖ ଏକ ଘର ଭିତରକୁ ମାଡ଼ି ଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଗାଡ଼ିଟି ଅତ୍ୟନ୍ତ ଦ୍ରୁତ ଗତିରେ ଥିଲା ଏବଂ ଏହା ଭିତରେ ତିନି ଜଣ ନାବାଳକ ଓ ଜଣେ ନାବାଳିକା ଥିଲେ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, କାର ଚଳାଉଥିବା ନାବାଳକ ଜଣକ ଅତ୍ୟଧିକ ମଦ୍ୟପାନ କରି ନିଶାଗ୍ରସ୍ତ ଅବସ୍ଥାରେ ଗାଡ଼ି ଚଳାଉଥିଲେ। ଏହି ଦୁର୍ଘଟଣାରେ ଘରର କାନ୍ଥ ଏବଂ ଆସବାବପତ୍ର ସହିତ ବାହାରେ ଥିବା ଏକ ବାଇକ୍ ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଛି। ସୌଭାଗ୍ୟ ବଶତଃ ଏଥିରେ କାହାର ପ୍ରାଣହାନି ହୋଇନାହିଁ, କିନ୍ତୁ କିଛି ବ୍ୟକ୍ତି ସାମାନ୍ୟ ଆହତ ହୋଇଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା ଏବଂ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି ।

## ନିର୍ମାଣାଧୀନ ପାର୍ବତୀ ଗିରି ମେଗା ଉଠା ପ୍ରକଳ୍ପ

# ଜଳଭଣ୍ଡାର ଜଳସ୍ତର ନିର୍ମାଣ କାମରେ ବାଧକ



ନବରଂଗପୁର(ଏନ୍.ଏମ୍.) : ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି, ନନ୍ଦାହାଣ୍ଡି ଜଳସେଚନ ପ୍ରକଳ୍ପର କାର୍ଯ୍ୟ ସମୀକ୍ଷା ନବରଙ୍ଗପୁର ବ୍ଲକର ସତୁରୀ ହଜାର ହେକ୍ଟର ଜମିରେ ଜଳସେଚନ ପାଇଁ ୨୦୨୩ରୁ ପାର୍ବତୀ ଗିରି ମେଗା ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ନିର୍ମାଣ କାର୍ଯ୍ୟ ୩୦ ପ୍ରତିଶତ କାମ ହିଁ ହୋଇ ପାରିଛି । ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ଦୁଇଟି ଠିକା କମ୍ପାନୀ ନିୟୋଜିତ ଅଛନ୍ତି । ଇନ୍ଦ୍ରାବତୀ ଜଳ ଭଣ୍ଡାରର ଜଳସ୍ତର କାର୍ଯ୍ୟରେ ବାଧକ ସାଜୁଥିବା ନେଇ ଦୁଇଟି ସଂସ୍ଥା ଜିଲାପାଳ ଡଃ ମହେଶ୍ୱର ସ୍ୱାଇଁଙ୍କୁ ଭେଟି ଜଣାଇଥିଲେ। ଏହାପରେ ବୁଧବାର ଜିଲ୍ଲାପାଳ ଓ ତେନ୍ତୁଳିଖୁଣ୍ଟି ଗୋଷ୍ଠି ଉନ୍ନୟନ ଅଧିକାରୀ ମନୋଜ ପାଣିଗ୍ରାହୀ ଉଭୟ ପ୍ରକଳ୍ପ କାର୍ଯ୍ୟସ୍ଥଳ, କଳାହାଣ୍ଡି ଜିଲ୍ଲାର ମୂର୍କା ଓ ତେନ୍ତୁଳିଖୁଣ୍ଟି ବ୍ଲକର ଢେପଗୁଡ଼ାକୁ ଯାଇ ସ୍ଥିତି ପରଖି ଥିଲେ। ଇନ୍ଦ୍ରାବତୀ ଅତିଥି ଭବନରେ ଉଭୟ ସଂସ୍ଥାର ବୈଷୟିକ ଅଧିକାରୀ ଓ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଏକ ସମୀକ୍ଷା ବୈଠକ କରିଥିଲେ। ମେଗା ଉଠା ଜଳସେଚନ ନିର୍ମାଣ କାର୍ଯ୍ୟରେ ଇନ୍ଦ୍ରାବତୀ ଜଳ ଭଣ୍ଡାରର ଜଳସ୍ତର ଯେଉଁ ବାଧକ ସାଜିଛି ତାହାକୁ କିଭଳି ଦୂର କରାଯିବ ସେ ନେଇ ଜଳ ସମ୍ପଦ ବିଭାଗ ସହ ଯୋଗାଯୋଗ କରି ସମାଧାନ ପାଇଁ ପ୍ରୟାସ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ।

## କଳାକାରଙ୍କ ଦୁଃଖ କେବେ ଶୁଣିବ ସରକାର ?

# କଳାକାର ଭତ୍ତା ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ



ଯାଜପୁର ଟାଉନ(ଏନ୍.ଏମ୍.) : ଡିସେମ୍ବରରୁ ଠପ୍ ହୋଇଛି କଳାକାର ଭତ୍ତା। ଯାହାକୁ ନେଇ ଆଜି ଯାଜପୁର ଜିଲ୍ଲା ଅନ୍ତର୍ଗତ ବରୀ ବ୍ଲକର କଳାକାରମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି । ମାସିକ ପ୍ରଦାନ କରାଯାଉଥିବା ଦୁଇ ହଜାର ଟଙ୍କା ଭତ୍ତା ରାଶି ପରିବର୍ତ୍ତେ ତିନି ହଜାର ଟଙ୍କା ଭତ୍ତା ଦେବା ପାଇଁ ଜଣାଇଛନ୍ତି। କଳାକାରମାନେ ଆମ୍ ସ୍ୱାଭିମାନୀ ଲୋକ। ନିଜର ପ୍ରତିଷ୍ଠା ଦୃଷ୍ଟିରୁ ଅତି ନିମ୍ନ ସ୍ତରକୁ ଯାଇ ନପାରି ବଡ ଦୁଃଖରେ ଚଳୁଛନ୍ତି। ସରକାର ସବୁ ବର୍ଗର ଲୋକଙ୍କ କଲ୍ୟାଣ ପାଇଁ କିଛି ନା କିଛି କରୁଥିବା ବେଳେ କଳାକାରମାନଙ୍କୁ କାହିଁକି ଅଣଦେଖା କରୁଛନ୍ତି ବୋଲି ମନରେ କ୍ଷୋଭ ପ୍ରକାଶ କରି କଳାକାର ମାନେ ଜିଲ୍ଲାପାଳଙ୍କୁ ଏ ସମସ୍ତ ବିଷୟରେ ଦାବି ପତ୍ରରେ ଉଲ୍ଲେଖ କରି ଜିଲ୍ଲାପାଳଙ୍କୁ ଭେଟି ଦାବି ଜଣାଇଛନ୍ତି।

## ନିଖିଳ ଉତ୍କଳ ଆଳୀୟ ଖଣ୍ଡାୟତ ସମାଜର ବାର୍ଷିକ ସାଂସ୍କୃତିକ ସମ୍ମିଳନୀ

ରାଉରକେଲା(ଏନ୍.ଏମ୍.): ନିଖିଳ ଉତ୍କଳ ଆଳୀୟ ଖଣ୍ଡାୟତ ସମାଜର ୪୩ତମ ବାର୍ଷିକ ସାଂସ୍କୃତିକ ସମ୍ମିଳନୀ ସେକ୍ଟର ୨ ଲାଲ୍ ଫିଲ୍ଡ ଠାରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଦସ୍ୟ ସୀମାଞ୍ଚଳ ବିଶ୍ୱାଳ ବାସନ୍ତୀ କଲୋନୀ ସ୍ଥିତ ମା ଖମ୍ବେଶ୍ୱରୀ ମନ୍ଦିରରେ ଜାତୀୟ ପତାକା ଓ ପୂଜକ ଖଗେନ୍ଦ୍ରଙ୍କ ଦ୍ୱାରା ମା'ଙ୍କ ପୂଜା ସ୍ଥଳରେ ଆସ୍ଥାନ ପ୍ରଦାନ କରାଯାଇଥିଲା। ମଣ୍ଡଳ ସଭାପତି ନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ଅତିଥି ଓ ସମସ୍ତ ପଲ୍ଲୀ କମିଟିର ସଭାପତି ତଥା କର୍ମକର୍ତ୍ତାଙ୍କ ଉପସ୍ଥିତିରେ କୂଳ ଧ୍ୱଜା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ପ୍ରାକ୍ତନ ନଗରପାଳ ନିହାର ରାୟ,ଧାମରା ସଂଘ ସମ୍ପାଦକ ଭଗବାନ ରାଉତ,ବାଣାୟତ ସମାଜର ସଭାପତି ଅଭିରାମ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମାଜର ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଐକ୍ୟବଦ୍ଧତା ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଭାକର ରାଉତ ଓ ବିପ୍ରଚରଣ ବିଶ୍ୱାଳଙ୍କ ମଂଚ ପରିଚାଳନା କରିଥିଲେ। ସମ୍ପାଦକ ବାବୁଲା ଖଣ୍ଡୁଆଳ, କୋଷାଧ୍ୟକ୍ଷ ପ୍ରମୋଦ କୁମାର ଜେନା, ସଂଗଠନ ସମ୍ପାଦକ ଉପେନ୍ଦ୍ର ନାୟକ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ଶିକ୍ଷା ଓ କ୍ରୀଡା କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ସମାଜ ପ୍ରତି ଅବଦାନ ପାଇଁ ଇଂ ପ୍ରଭାକର ରାଉତ, କବିଚନ୍ଦ୍ର ରାଉତ, ଦୀନବନ୍ଧୁ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅଭ୍ୟର୍ଥନା କମିଟିର ସଭାପତି ନିରଞ୍ଜନ ବିଶ୍ୱାଳ,ସାନୁଜ ନାୟକ,ସୁଜନ ବାରିକ, ଶଙ୍କର ମହାନ୍ତି, ରାକେଶ ନାୟକ, ଦିବାକର ନାୟକ, ପୁରୁଷୋତ୍ତମ ପାତ୍ର, ବୁଦ୍ଧିରାମ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମର ସଫଳତା ପାଇଁ ସଭାପତି ନାରାୟଣ ମହାନ୍ତି ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ କ୍ୟାମ୍ପ କୋର୍ଟ ଓ ଜନଶୁଣାଣି




ବ୍ରହ୍ମପୁର(ଏନ୍.ଏମ୍.) :ସ୍ଥାନୀୟ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ପକ୍ଷରୁ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଅଧକ୍ଷା ବବିତା ପାତ୍ରଙ୍କ ଅଧକ୍ଷତାରେ ବ୍ରହ୍ମପୁର ଠାରେ ଉପଖଣ୍ଡସ୍ତରୀୟ କ୍ୟାମ୍ପ କୋର୍ଟ ଓ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏନେଇ ପୂର୍ବରୁ ଲୋକଙ୍କୁ ସୂଚନା ଦିଆଯାଇଥିବାରୁ ବ୍ରହ୍ମପୁର ଉପଖଣ୍ଡର ୭ଟି ବ୍ଲକରୁ ପ୍ରାୟ ୫ଶହ ଅଭିଯୋଗକାରୀ ପହଞ୍ଚିଥିଲେ। ଶିବିର ଆରମ୍ଭରୁ ପ୍ରାୟ ଏକ ଘଣ୍ଟା ବିଳମ୍ବ ଯୋଗୁଁ ଏତେ ସଂଖ୍ୟକ ଅଭିଯୋଗର ଶୁଣାଣି ସମ୍ଭବପର ହୋଇନଥିଲା ଓ ଫଳରେ ସାଢେ ୪ଶହ ଅଭିଯୋଗରୁ ମାତ୍ର ଦେଢ ଶହର ଶୁଣାଣି ହୋଇଥିଲା। କ୍ୟାମ୍ପ କୋର୍ଟରେ ଗଞ୍ଜାମ ଜିଲ୍ଲାର କଳାଯମୁନା ଶ୍ରୀ ସାଇ ସରସ୍ୱତୀ ଶିଶୁ ମନ୍ଦିରରେ ଗତ ଅଗଷ୍ଟ ୨୦୨୪ରେ ହୋଇଥିବା ଶିଶୁ ମୃତ୍ୟୁ ଭଳି ଏକ ସମ୍ବେଦନଶୀଳ ଘଟଣା ସମ୍ପର୍କିତ ମାମଲାର ବିଚାରଣା କରାଯାଇଥିଲା। ମୃତ ଶିଶୁର ବାପା ପ୍ରହ୍ଲାଦ ପ୍ରଧାନ ଓ ତାଙ୍କ ପତ୍ନୀ ଆୟୋଗଙ୍କ ନିକଟରେ ହାଜର ହୋଇଥିଲେ। ମାମଲାରେ ଆୟୋଗ ରମ୍ଭା ଥାନା ଅଧିକାରୀଙ୍କ ତଦନ୍ତ ରିପୋର୍ଟ, ଶବ ବ୍ୟବଚ୍ଛେଦ ରିପୋର୍ଟ ତଲବ କରିବା ସହିତ ସମ୍ପୃକ୍ତ ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ହାଜର ନିର୍ଦ୍ଦେଶ ଦେଇଥିଲେ। ତେବେ ବିଦ୍ୟାଳୟ କର୍ତ୍ତୃପକ୍ଷ ହାଜର ହୋଇନଥିବାରୁ ଆୟୋଗ ଅଧ୍ୟକ୍ଷା ବିରକ୍ତି ପ୍ରକାଶ କରିଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଆୟୋଗଙ୍କ ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟରେ ବ୍ୟକ୍ତିଗତ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମାଜରେ ଏକକ ଅଭିଭାବକ ବିଶିଷ୍ଟ ପରିବାରର ଶିଶୁଙ୍କ ପାଇଁ ସରକାରଙ୍କ ଅନେକ ଯୋଜନା ରହିଛି। ସେ ସମ୍ପର୍କରେ ଲୋକେ ସଚେତନ ନଥିବା ବେଳେ ବିଭାଗୀୟ ଅଧିକାରୀମାନେ ଅବଗତ ଥାଇ ସୁଦ୍ଧା ଲୋକଙ୍କୁ ଅବଗତ କରୁନଥିବା କହିଛନ୍ତି ଅଧ୍ୟକ୍ଷା। ଏଥିପାଇଁ ବିଦ୍ୟାଳୟସ୍ତରରେ ଶିକ୍ଷକମାନଙ୍କ ଜରିଆରେ ସଚେତନତା ସୃଷ୍ଟି ଉପରେ କମିଶନ ଗୁରୁତ୍ୱାରୋପ କରିଛନ୍ତି। ବିଳମ୍ବରେ ଜନ ଶୁଣାଣି ଆରମ୍ଭ ହୋଇଥିବା ବେଳେ ଦୀର୍ଘ ସମୟ ଧରି ମହିଳାମାନେ ନିଜ ପିଲା ଛୁଆଙ୍କୁ ସାଙ୍ଗରେ ଧରି ଖରାରେ ଖୋଲା ଆକାଶ ତଳେ ଲମ୍ବା ଧାଡ଼ିରେ ଠିଆ ହୋଇ ପଞ୍ଜିକରଣ କରୁଥିବା ଦେଖିବାକୁ ମିଳିଥିଲା। ତେବେ ସମୟ ଅଭାବରୁ ଶୀତତାପ ନିୟନ୍ତ୍ରିତ ପ୍ରକୋଷ୍ଠ ମଧ୍ୟରେ ଚାଲିଥିବା ଜନ ଶୁଣାଣି ଓ କ୍ୟାମ୍ପ କୋର୍ଟକୁ ଅଧାରୁ ବନ୍ଦ ରଖିବାକୁ ପଡିଥିଲା। ଫଳରେ ଦୂରଦୂରାନ୍ତରୁ ଆସିଥିବା ମହିଳା ଓ ଅଭିଭାବକଙ୍କୁ ନିରାଶରେ ଘରକୁ ଫେରିଥିଲେ। କାର୍ଯ୍ୟକ୍ରମରେ ଆୟୋଗ ଅଧକ୍ଷା ବବିତା ପାତ୍ରଙ୍କ ସମେତ ସଦସ୍ୟା ମନସ୍ମିତା ଖୁଣ୍ଟିଆ, ସୁଜାତା ନାୟକ ଓ ଆଇନ ପରାମର୍ଶଦାତା ହବିବୁର ରେହେମାନଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପୃଷ୍ଟି ଉପସ୍ଥିତ ରହି ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ। ଏଥିରେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ଶିଶୁ ଅଧିକାର ସୁରକ୍ଷା ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଉନ୍ମୋଚନ ହେଲା ମାଲ୍ୟବନ୍ତ ମହୋତ୍ସବ ପ୍ରୋମୋ ସଙ୍ଗୀତ

# ୧ରୁ ୫ ଫେବୃଆରୀ ମଧ୍ୟରେ ମାଲ୍ୟବନ୍ତ ମହୋତ୍ସବ



ମାଲକାନଗିରି(ଏନ୍.ଏମ୍.) : ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନ ଠାରେ ମାଲ୍ୟବନ୍ତ ମହୋତ୍ସବ ପ୍ରୋମୋ ସଙ୍ଗୀତକୁ ଉନ୍ମୋଚନ କରାଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧକ୍ଷ ସୌମେଶ କୁମାର ଉପାଧ୍ୟାୟ ଏହି ସଙ୍ଗୀତକୁ ଉନ୍ମୋଚନ କରି ଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତୋସ ନାରାୟଣ ପଣ୍ଡା, ଜିଲ୍ଲା କଳା ସଂସ୍କୃତି ସଂଘ ଉପ ସଭାପତି ଘେନୁ ମୁଦୁଲି, ସାଂସଦ ପ୍ରତିନିଧି ସଞ୍ଜୟ ସରକାର ଓ ବିଧାୟକ ପ୍ରତିନିଧି ମାଣିକଲାଲ ଚକ୍ରବର୍ତ୍ତୀ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ ଆସନ୍ତା ୧ ରୁ ୫ ଫେବୃଆରି ମଧ୍ୟରେ ଜିଲ୍ଲାସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ଆୟୋଜନ ହେଉଛି। ଏଥିରେ ରାଜ୍ୟର ସ୍ୱନାମଧନ୍ୟ କଳାକାର ଓ ବଲିଉଡ୍‌ର କଳାକାରଙ୍କୁ ନିମନ୍ତ୍ରଣ କରାଯାଇଛି। ଆବଳ ବୃଦ୍ଧ ବନିତା ଏହି ମହୋତ୍ସବରେ ବହୁ ସଂଖ୍ୟାରେ ଯୋଗ ଦେଇ ଏହାକୁ ସଫଳ କରିବା ପାଇଁ ଜିଲ୍ଲାପାଳ ଆହ୍ୱାନ ଜଣାଇଛନ୍ତି। ସେହିପରି ଆସନ୍ତା ୩୧ ରେ ସତିଗୁଡ଼ା ଜଳ ଭଣ୍ଡାର ଠାରେ ହେବାକୁ ଥିବା ନୌକା ଚାଳନା ପ୍ରତିଯୋଗିତାରେ ମଧ ବହୁ ସଂଖ୍ୟାରେ ଉପସ୍ଥିତ ରହିବାକୁ ଜିଲ୍ଲାପାଳ ଆହ୍ୱାନ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ବିନାଶ ମିଶ୍ର ପରିଚାଳନା କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ସଙ୍ଗୀତ ପ୍ରସ୍ତୁତିରେ ଭାଗ ନେଇଥିବା ସମସ୍ତ କଳାକାର ଓ ବୈଷୟିକ ଟିମ୍ ଏଥିରେ ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଭିନ୍ନ ମହାବିଦ୍ୟାଳୟ ଛାତ୍ର ଛାତ୍ରୀ ମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ସୁଦ୍ଧାନନ୍ଦ ଇନଷ୍ଟିଚ୍ୟୁଟର ବାର୍ଷିକ କ୍ରୀଡା ଉତ୍ସବ



କଟକ ସଦର(ଏନ୍.ଏମ୍.) : କଟକ ଜିଲ୍ଲା ଅନ୍ତର୍ଗତ କୁରାଙ୍ଗ ଶାସନ ଗ୍ରାମ ପଞ୍ଚାୟତ ଗଙ୍ଗେଶ୍ୱର ନଛିପୁର ଠାରେ ସୁଦ୍ଧାନନ୍ଦ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟର ବାର୍ଷିକ କ୍ରୀଡା ଉତ୍ସବ ୨୦୨୬ ମହା ସମାରୋହରେ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ପେସିଆଲ ସେକ୍ରେଟାରୀ ହାଉସିଂ ଆଣ୍ଡ ଅର୍ବାନ ମାନେଜିଙ୍ଗ ଡାଇରେକ୍ଟର, ଗଙ୍ଗାଧର ନାୟକ, ଅନୁଷ୍ଠାନର ଚେୟାରମ୍ୟାନ ଇଂ ସୁନୀଲ କୁମାର ପଟ୍ଟନାୟକ, ଅନୁଷ୍ଠାନର ଡିନ ପ୍ରଫେସର ରଞ୍ଜନ କୁମାର ସାହୁ, ବାର୍ଷିକ କ୍ରୀଡାର କୋର୍ଡିନେଟର ପବନ ସ୍ୱାଇଁ, ସୁଦ୍ଧାନନ୍ଦ ସ୍କୁଲ ଅଫ ମ୍ୟାନେଜମେଣ୍ଟ ଅଧକ୍ଷା ଡ଼. ଦେବସ୍ୱରୂପ ମିଶ୍ର, ପ୍ରଫେସର ଦେବୀଦତ୍ତ ସିଂ, ପ୍ରଫେସର ସିଲିପ୍ତା ଦାସ, ଅରୁଣ କୁମାର ସ୍ୱାଇଁ, ସୁଧାଂଶୁ ନାୟକ, ବିଶ୍ୱରଞ୍ଜନ ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇ ଥିଲେ। ମୁଖ୍ୟଅତିଥି ଶ୍ରୀ ନାୟକ ଅନୁଷ୍ଠାନର ଭୂୟସୀ ପ୍ରଶଂସା କରିବା ସହିତ କ୍ରୀଡା ଶିକ୍ଷାର ଏକ ଅଙ୍ଗ, ଏହା ଦ୍ୱାରା ନିଜର ସ୍ୱାସ୍ଥ୍ୟ ଭଲ ରହିବା ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ମୁଖ୍ୟଅତିଥି ଶ୍ରୀ ନାୟକ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ, ଡିନ ଶ୍ରୀ ସାହୁ ଖେଳାଳୀମାନଙ୍କ ସହିତ କରମର୍ଦ୍ଦନ କରିବା ପରେ କ୍ରୀଡା ପ୍ରତିଯୋଗିତା ଆରମ୍ଭ ହୋଇଯାଇଥିଲା।

## ପରଜଙ୍ଗ ଅବକାରୀ ବିଭାଗ ଅବହେଳାରୁ ଚୋରା ମଦ କାରବାର ବୃଦ୍ଧି

# ମହୁଲି ମଦ ଦୋକାନ ଜରିଆରେ ଏଜେଣ୍ଟଙ୍କ ମଦବିକ୍ରି

ପରଜଙ୍ଗ(ଏନ୍.ଏମ୍.): ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ବ୍ଲକର ବିଭିନ୍ନ ଗ୍ରାମରେ ଦେଶୀ ମହୁଲି ମଦ ରନ୍ଧା ହେଉଥିବା ଅଭିଯୋଗ ଉଠିଛି ରାଜ୍ୟରେ ଚହଳ ସୃଷ୍ଟି କରିଥିବା ଆମ୍ବପଳାଶ ଗ୍ରାମରେ ଏବେ ପୁନର୍ବାର ମହୁଲି ମଦ ରନ୍ଧା ଆରମ୍ଭ ହୋଇଯାଇଛି। ଅବକାରୀ ବିମନୋବୃତ୍ତି ଏବଂ କାର୍ଯ୍ୟରେ ନିଷ୍କ୍ରିୟତା ଯୋଗୁଁ ବ୍ଲକର ୨୯ ଗୋଟି ପଞ୍ଚାୟତରେ ଦେଶୀ ଓ ବିଦେଶୀ ମଦ, ମହୁଲି ମଦ ଦୋକାନ ଜରିଆରେ ଏଜେଣ୍ଟ ମାନେ ପ୍ରତି ଗ୍ରାମରେ ୪/୫ ଟି ଲେଖାଏଁ ସ୍ଥାନରେ ପାଉଚମଦ ଦୋକାନ ଖୋଲି ଚୋରା ମହୁଲି ମଦ ବେପାର କରୁଥିବା ଜଣା ପଡୁଅଛି। ପରଜଙ୍ଗ ବ୍ଲକର ଆମ୍ବପଳାଶ ଜାମୁନାଳିଆ କୋହ୍ନସାଲି ବରଳଟା କୋହ୍ଲ ସାହି,କନ୍ତୋର, ବାରିହାପୁର, କମର୍ଦ୍ଧା, କୁଲେଇ, ବଣୋଇ, ତୁଳସୀପସି, ଭେଜିଆ, ସାଦା, ଇତ୍ୟାଦି ଗ୍ରାମ ଗୁଡିକରେ ବହୁଳ ପରିମାଣରେ ଦେଶୀ ମହୁଲି ମଦ ତିଆରି ହେଉଥିବା ଜଣାପଡ଼ିଛି। ଚୋରା ମହୁଲି ରନ୍ଧନକାରୀ ବେପାରୀମାନେ ପରଜଙ୍ଗରେ ଅବକାରୀ କାର୍ଯ୍ୟାଳୟରେ ତାଙ୍କର ଏପରି ଏଜେଣ୍ଟ ରଖିଛନ୍ତି। ଅବକାରୀ କର୍ମଚାରୀ ମାନେ ଅଫିସରୁ ବାହାରୁ ବାହାରୁ ଚୋରା ବେପାରୀମାନେ ଫୋନ୍ ଯୋଗେ ଖବର ପାଇ ଯାଉଛନ୍ତି। ଫଳରେ ଅବକାରୀ ବିଭାଗ କର୍ମଚାରୀ ମାନେ ମଦ ରନ୍ଧା ସ୍ଥଳୀ ଏବଂ ଗ୍ରାମରେ ପହଞ୍ଚି କେବଳ ରନ୍ଧାଭଟି ଭଙ୍ଗାରୁଜା କରି ଫେରୁଛନ୍ତି। ସେମାନେ ମଧ ଏଜେଣ୍ଟ ମାନଙ୍କ ସହାୟତାରେ ମାସକୁ ମାସ ନିଜ ପରସେଣ୍ଟ ପାଇଥାନ୍ତି। ଯାହା ଦ୍ୱାରା ରାସ୍ତା କଡରେ ଢ଼ାବା, ପାନ ଦୋକାନୀ, ଜଳଖିଆ ଦୋକାନୀ ମାନଙ୍କ ମଦ ବିକ୍ରୟ କରାଯାଇଥିବା ଏକ ସାଧାରଣ ଘଟଣା ହୋଇପଡିଛି।




ଆଞ୍ଚଳିକ

# ଡକତପୁର ଅଞ୍ଚଳରେ ବୁଲିଲା ବୁଲଡୋଜର

## ଏକାଧିକ ଜବର ଦଖଲ କାରୀଙ୍କ ଘର ଭାଙ୍ଗିଲା ଜିଲ୍ଲା ପ୍ରଶାସନ



ବାରିପଦା (ଏନ୍.ଏମ୍.): ବାରିପଦା ସହର ଡକତପୁର ଅଞ୍ଚଳର ୨୭ ନମ୍ବର ୱାର୍ଡରେ ବୁଲିଛି ବୁଲଡୋଜର । ଗୁରୁବାର ଦିନ ପ୍ରାୟ ୧୧ଟାରେ ଏକାଧିକ ଜବର ଦଖଲ ଘରକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଭଙ୍ଗା ଯାଇଛି । ତେବେ ଜବରଦଖଲକାରୀ ମାନେ ଏନେଇ ଘଟଣା ସ୍ଥଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି କରିଥିବା ବେଳେ ଘଟଣା ସ୍ଥଳରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଥିଲା । ଜେସିବି ମେସିନ୍ ଲଗାଇ ଏହି ଜବର ଦଖଲ ଉଚ୍ଛେଦ କରାଯାଇଥିବା ବେଳେ ସ୍ୱତନ୍ତ୍ର ପୋଲିସ ସୁରକ୍ଷା ବଳ ମଧ୍ୟରେ ବାରିପଦା ତହସିଲଦାର, ଆଡିସନାଲ ତହସିଲଦାର ସମେତ ବାରିପଦା ସଦର ଏସଡିପିଓ, ଟାଉନ ଥାନା ଅଧିକାରୀ ଏବଂ ରାଜସ୍ୱ ବିଭାଗର ଅନେକ କର୍ମଚାରୀ ଉପସ୍ଥିତ ରହି ଏହି ଜବର ଦଖଲ ଉଚ୍ଛେଦ କରିଥିଲେ । ଏହି ଅଞ୍ଚଳରେ ସରକାରୀ ଖାତାରେ ଥିବା ୬୮ ଡେସିମିଲ ଜାଗାରେ ହୋଇଥିବା ୯ଟି ଘରକୁ ଭାଙ୍ଗି ଦିଆଯାଇଛି । ତେବେ ଉଚ୍ଛେଦ ସମୟରେ ଦୀର୍ଘ ବର୍ଷ ଧରି ଘର ଦ୍ୱାର କରି ପରିବାର ନେଇ ରହିଆସୁଥିବା ଏକାଧିକ ମହିଳା ଏହାର ବିରୋଧ କରିବା ସହ ସେମାନଙ୍କୁ ଘର ଭଙ୍ଗାଯିବା ନେଇ ପୂର୍ବରୁ କୌଣସି ସୂଚନା ଦିଆଯାଇଥିବା ଅଭିଯୋଗ କିରୁଛନ୍ତି ଏବଂ ତାଙ୍କୁ କିଛି ଦିନ ସମୟ ଦିଆଯାଉ ବୋଲି ତହସିଲଦାରଙ୍କୁ ଗୁହାରି କରିଥିଲେ । ହେଲେ ତହସିଲଦାର କୌଣସି କଥାକୁ ଭୃକ୍ଷେପ ନକରି ଉଚ୍ଛେଦ ପ୍ରକ୍ରିୟା ଜାରି ରଖିଥିଲେ ।

# ଗାନ୍ଧୀ ସ୍ମୃତି ପୀଠରେ ପଲ୍ଲିଶ୍ରୀ ମେଳା ଓ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟିତ

କଟକ(ଏନ୍.ଏମ୍.): ଜାତିର ପିତା ମହାତ୍ମାଗାନ୍ଧୀଙ୍କ ମହାପ୍ରୟାଣ ଦିବସ ଉପଲକ୍ଷେ ଆଜି ତେଲେଙ୍ଗାପେଣ୍ଠସ୍ଥିତ ଗାନ୍ଧୀ ସ୍ମୃତି ପୀଠଠାରେ ଜିଲ୍ଲାସ୍ତରୀୟ ସହିଦ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆଜି ସକାଳେ ଗାନ୍ଧୀ ସ୍ମୃତି ପୀଠଠାରେ ଜାତୀୟ ପତାକା ଉତ୍ତୋଳନ କରାଯିବା ସହ ସର୍ବଧର୍ମ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, କଟକ ମହାନଗର ନିଗମ କମିଶନର କିରନଦୀପ କୌର ସହୋତା, କଟକ ମହାନଗର ନିଗମ ଅତିରିକ୍ତ କମିଶନର ଶ୍ରୀମତୀ ସୋନା ଟୁଡୁ, ଅତିରିକ୍ତ ଜିଲ୍ଲାପାଳ କମଲଜିତ୍ ଦାଶ୍, ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, କର୍ପୋରେଟର ମମତା ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ଜାତିର ପିତାଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଗାନ୍ଧୀଜୀଙ୍କ ଜୀବନୀ ଓ ଓଡିଶା ଆଗମନ ଆଧାରିତ ଫଟୋଚିତ୍ର ପ୍ରଦର୍ଶନୀ ଉଦଘାଟିତ ହୋଇଯାଇଛି । ତିନିଦିନ ଧରି ଏହି ଫଟୋଚିତ୍ର ପ୍ରଦର୍ଶନୀ ଜାରି ରହିବ । ଏହି ଫଟୋଚିତ୍ର ପ୍ରଦର୍ଶନୀରେ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଫଟୋଚିତ୍ର ସାମିଲ ରହିଛି । ଅପରାହ୍ନରେ ମାନ୍ୟବର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂହଖୁଂଟିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲ୍ଲାସ୍ତରୀୟ ଶହୀଦ ଦିବସ ଓ ଗାନ୍ଧୀ ସ୍ମୃତି ପଲ୍ଲିଶ୍ରୀ ମେଳାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଉଦବୋଧନ ଦେଇ ମନ୍ତ୍ରୀ ଖୁଣ୍ଟିଆ ଗାନ୍ଧିଜୀଙ୍କ ମାର୍ଗଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ । ମାନ୍ୟବର ସାଂସଦ ଭର୍ତ୍ତୃହରି ମହତାବ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଗାନ୍ଧୀ ସ୍ମୃତି ପୀଠର ମାହାତ୍ମ୍ୟ ବର୍ଣ୍ଣନା କରିବା ସହ ଗାନ୍ଧୀଙ୍କ ବାଣୀକୁ ନିଜ ଜୀବନର ଅଂଶ ଭାବେ ପରିଗଣିତ କରିବାକୁ କହିଥିଲେ । ସମ୍ମାନିତ ଅତିଥି କଟକ



ସଦର ବିଧାୟକ ଶ୍ରୀ ପ୍ରକାଶ ଚନ୍ଦ୍ର ସେଠୀ ନିଜ ଅଭିଭାଷଣରେ ଜାତିର ପିତାଙ୍କ ସ୍ମୃତି ଚାରଣ କରି ସ୍ୱଦେଶୀ ଜିନିଷ ଆପଣେଇବାକୁ ଆହ୍ୱାନ ଦେଇଥିଲେ । କଟକ ଜିଲ୍ଲା ପ୍ରଶାସନ ଓ କଟକ ମହାନଗର ନିଗମର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପଲ୍ଲିଶ୍ରୀ ମେଳାରେ ବିଭିନ୍ନ ବିଭାଗ ଓ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଓରମାସର ଷ୍ଟଲ ସ୍ଥାନ ପାଇଛି । ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କାଯାଉଛି ।ଏହି ମେଳା ତିନିଦିନ ଧରି ଚାଲିବ ।

ଅନ୍ୟପକ୍ଷରେ କଟକସ୍ଥିତ ସ୍ୱରାଜ ଆଶ୍ରମରେ ଆଜି ଜାତିର ପିତା ମହାତ୍ମାଗାନ୍ଧୀଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମାନ୍ୟବର ସାଂସଦ କଟକ ଲୋକସଭା ଶ୍ରୀ ଭର୍ତ୍ତୃହରି ମହତାବ ଓ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରଥିଲେ ।ଏଥିସହ ସ୍ୱରାଜ ଆଶ୍ରମରେ ଗାନ୍ଧୀ ଅବସ୍ଥାନ କରିଥିବା ଗୃହ ମଧ୍ୟ ପରିଦର୍ଶନ କରିଥିଲେ । ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ସଭାରେ ଗୀତା, କୋରାନ୍ ଓ ବାଇବେଲ ପାଠ କରାଯାଇଥିଲା ଓ ଗାନ୍ଧିଜୀଙ୍କ ପ୍ରିୟ ଆଶ୍ରମ ଭଜନ ପରିବେଷଣ କରାଯାଇଥିଲା । ଏହି ଅବସରରେ ସ୍ୱରାଜ ଆଶ୍ରମ ପରିସରରେ ଏକ ଚରଖା କେନ୍ଦ୍ର ଉଦଘାଟିତ ହୋଇଯାଇଛି ।

# ବିଦେଶୀ ମଦ ଜବତ ପାନଦୋକାନୀ ଗିରଫ

**ତାଳଚେର(ଏନ୍.ଏମ୍.):** ଅନୁଗୋଳ ସ୍ୱତନ୍ତ୍ର ସ୍କ୍ୱାର୍ଡ଼ ଦ୍ୱାରା ଗୁପ୍ତଚର ଆଧାରରେ ଚଢ଼ାଉ କରାଯାଉଥିବା ବେଳେ ଗତକାଲି ତାଳଚେର ଥାନା ଅନ୍ତର୍ଗତ ବହ୍ଲରଛକରେ ଏକ ପାନଦୋକାନୀକୁ ଚଢ଼ାଉକରି ୧୯୩.୫ ଲିଟର୍ ବିଦେଶୀମଦ ଜବତ କରିବା ସହ ଏଥିରେ ସମ୍ପୃକ୍ତ ପାନଦୋକାନୀକୁ ସ୍ୱତନ୍ତ୍ର ସ୍କ୍ୱାର୍ଡ଼ ଗିରଫକରି ତାଠାରୁ ୨ହଜାର ୩ଶହ ୬୦ଟଙ୍କା ଜବତ କରିବା ଘଟଣା ଚୋରା ମଦମାଫିଆଙ୍କ ମହଲରେ କୋକୁଆ ଭୟ ସୃଷ୍ଟି କରିଛି । ଘଟଣାରୁ ପ୍ରକାଶ ତାଳଚେର ଥାନାରେ ପୋଲିସ୍ ଓ ଅବକାରୀ ବିଭାଗ ବାବୁଭାୟା ସବୁ ରହିଥିଲେ ମଧ୍ୟ ଅନୁଗୋଳର ସ୍ୱତନ୍ତ୍ର ସ୍କ୍ୱାର୍ଡ଼ ତାଳଚେର ଅଂଚଳକୁ ଆସି ଚୋରାମଦ କାରବାର ରୋକିବାରେ ସଫଳ ହେଉଥିବା ବେଳେ ଏମାନେ କିପରି ଏହାର ଟେର୍ ପାଉନାହାନ୍ତି,ତାକୁନେଇ ବିଭିନ୍ନ କଳ୍ପନାଜଳ୍ପନା ବୃଦ୍ଧି ପାଇଛି । ତାଳଚେର ଅଂଚଳରେ ବର୍ତ୍ତମାନ ମଦ ଠାରୁ ଆରମ୍ଭ କରି ଡ୍ରଗ୍ସ, ନାଇଟ୍ରୋଜେନ୍ ଟାବଲେଟ୍, ଚରସ, ଗଞ୍ଜେଇ ଆଦି ମାରାତ୍ମକ ଅଠା ନିଶାରେ ପଡ଼ି ଆଜିର ଯୁବପିଢ଼ୀ ମୃତ୍ୟୁମୁଖରେ ପଡୁଛନ୍ତି । ଏହି ନିଶା ସେବନ ଦ୍ୱାରା ଆଜିର ଶିକ୍ଷିତ ଯୁବପିଢ଼ି ବିଭିନ୍ନ ଅପରାଧିକ କାର୍ଯ୍ୟରେ ଲିପ୍ତ ରହୁଥିବା ଅଭିଯୋଗ ହେଉଛି ବିଶେଷ ଆଶ୍ଚର୍ଯ୍ୟଜନକ ଘଟଣା ସବୁଆଡ଼େ ବର୍ତ୍ତମାନ କଳାବଜାରୀ ହେଉଥିବା ଗୁଟଖା, ପାନମସଲା, ସିଗାରେଟ୍ ଉପରେ ଧରପଗଡ଼ ଯୋରସୋର କରାଯାଇ ଫାଇନ ଆଦାୟ କରୁଥିବା ବେଳେ ତାଳଚେରରେ ଅଧିକାରୀମାନେ କାହିଁକି ଜାଣି ଅଜଣା ରହୁଛନ୍ତି,ଏହାର ତଦନ୍ତ ହେବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

# ସଡ଼କ ସୁରକ୍ଷା ସଚେତନତାରେ ସାମିଲ ହେଲେ ଛାତ୍ରଛାତ୍ରୀ

**ବ୍ରହ୍ମଗିରି(ଏନ୍.ଏମ୍.):** ବ୍ରହ୍ମଗିରି ବ୍ଲକ ମଣପଡା ପଞ୍ଚାୟତର ଦାମଦରପୁର ଛକ ଠାରେ ଶୁକ୍ରବାର ଦିନ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଡ଼କ ସୁରକ୍ଷା ମାସ ଅବସରରେ ସରପଞ୍ଚ ଗୀତାଞ୍ଜଳି ଜେନା ଏବଂ ସମାଜସେବୀ ଇଂ ଭୀମସେନ ଜେନାଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଥିରେ ବାଲିକପିଳେଶ୍ୱର ଉଚ୍ଚ ବିଦ୍ୟାଳୟ, ଶିକତ ନୂଆପଡା ନୋଡାଲ ବିଦ୍ୟାଳୟ, ଦାମଦରପୁର ପ୍ରାଥମିକ ବିଦ୍ୟାଳୟ ଏବଂ ବାଲିକପିଳେଶ୍ୱର ଏମଇ ବିଦ୍ୟାଳୟ ର ଶତାଧିକ ଛାତ୍ରଛାତ୍ରୀ ଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଯୋଗ ଦେଇଥିଲେ ।ଏହି ପିଲାମାନଙ୍କୁ ଉତ୍ସାହିତ କରିବା ପାଇଁ ପୁରୀ ଜିଲ୍ଲା କନିଷ୍ଠ ଯାନ୍ତ୍ରିକ ନିରୀକ୍ଷକ ଦମୟନ୍ତୀ ମହାଲୀ ଯୋଗ ଦେବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ସଚେତନତା ବାର୍ତ୍ତା ଲିଖିତ ଗଞ୍ଜି ଏବଂ ଟୋପି ବଣ୍ଟନ କରିଥିଲେ । ଦାମଦରପୁର ଛକ ଠାରୁ କାସିଆ ଗ୍ରାମ ଛକ ପଯ୍ୟନ୍ତ ସଡ଼କ ସୁରକ୍ଷା ସଚେତନତା ସ୍ଲୋଗାନ ଦେଇ ଶୋଭାଯାତ୍ରା ରେ ପିଲାମାନେ ଯାଇଥିଲେ । ସେଠାରେ କନିଷ୍ଠ ଯାନ୍ତ୍ରିକ ନିରୀକ୍ଷକ ଶ୍ରୀମତୀ ଦମୟନ୍ତୀ ବାଟୋଇ ଗାଡି ଚାଳକ ମାନଙ୍କୁ ସଚେତନ କରାଇଥିଲେ । ଗାଡି ଚାଳନାର ସମସ୍ତ ନିୟମ ମାନି ଗାଡି ଚଳାଇବାକୁ ବୁଝାଇ କହିଥିଲେ । ହେଲମେଟ ବିନ୍ଧି ଥିବା ଚାଳକ ମାନଙ୍କୁ ସମାଜସେବୀ ଇଂ ଭୀମସେମ ମିଠାଇ ଦେଇ ଧନ୍ୟବାଦ ଜଣାଇଥିଲେ ।




# ପାଞ୍ଚଗଡ଼ ମଣ୍ଡଳର ପଞ୍ଚାୟତସ୍ତରୀୟ ବିକାଶମୂଳକ କାର୍ଯ୍ୟକ୍ରମର ସାଙ୍ଗଠନିକ ବୈଠକ

ବୋଲଗଡ(ଏନ୍.ଏମ୍.): ପାଞ୍ଚଗଡ଼ ମଣ୍ଡଳର ବଙ୍କୋଇ ତରେଶ୍ୱର ଦେବଙ୍କ ପୀଠରେ ପଞ୍ଚାୟତସ୍ତରୀୟ ଯଶସ୍ୱୀ ପ୍ରଧାନ ମନ୍ତ୍ରୀ ଙ୍କ ବିକାଶ ମୂଳକ ବିଭିନ୍ନ ଯୋଜନାର କାର୍ଯ୍ୟକାରିତାକୁ ନେଇ ଏକ ସଚେତନମୂଳକ ବୈଠକ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଥିଲେ ବିଧାୟକ ପାର୍ଥ ପ୍ରକାଶ ଚନ୍ଦ୍ର ବିଜୁଳି, ଜିଲ୍ଲା ଉପସଭାପତି- ବାସୁଦେବ ସାହୁ, ପାଞ୍ଚଗଡ ମଣ୍ଡଳ ସଭାପତି- ମିଥୁନ ପାଇକରାୟ, ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁଭସ୍ମିତା ମାନ୍ଧାତା, ବାଙ୍କୋଇ ସରପଞ୍ଚ ରଶ୍ମିତା ରାଉତରାୟ ଙ୍କ ଉପସ୍ଥିତିରେ ଏକ ବିରାଟ ସଭା ଅନୁଷ୍ଠିତ ହୋଇଛି । ଏଥିରେ ୬ଟି ପଂଚାୟତ ରୁ ୪୦୦ ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।ଉକ୍ତ ସମାବେଶରେ ମୁଖ୍ୟତଃ ବିକଶିତ ଭାରତ ଜୀ ରାମଜୀ ର ୧୨୫ ଦିନ ଗ୍ରାମୀଣ ନିଯୁକ୍ତିର ଗ୍ୟାରେଣ୍ଟି ପ୍ରସଙ୍ଗରେ ସରଳ ଭାଷାରେ ବ୍ୟାଖ୍ୟା କରାଯାଇ ଏହା କିପରି ଗ୍ରାମୀଣ ଜୀବନରେ ସହାୟକ ହେବ କୁହାଯାଇଥିଲା । କାର୍ଯ୍ୟକ୍ରମ ର ସଫଳତା ରେ ପାଞ୍ଚଗାଡ଼ ମଣ୍ଡଳର କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ ବୋଲି ମହିଳା ସଭାପତି ଶୁଭସ୍ମିତା ମାନ୍ଧାତାଙ୍କ ଠାରୁ ପ୍ରକାଶ ।




# ଚିଲିକା ପଞ୍ଚାୟତ ସମିତିରେ ସହିଦ ଦିବସ



ବାଣପୁର(ଏନ୍.ଏମ୍.): ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଚିଲିକା ପଂଚାୟତ ସମିତି ସଭାଗୃହ ପରିସରରେ ବିଡ଼ିଓ ଶ୍ରୀମତୀ ପୁନମ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଚିଲିକା ବ୍ଲକର ସମସ୍ତ କର୍ମଚାରୀ ମାନେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ତିରୋଧାନ ଦିବସ ଓ ସହିଦ ଦିବସ ଅବସରରେ ୨ମିନିଟି ନିରବ ପ୍ରାର୍ଥନା କରିବାପରେ ଗାନ୍ଧିଜୀଙ୍କ ତ୍ୟାଗ, ବଳିଦାନ ଫଳରେ ଦେଶ ସ୍ୱାଧୀନତା ଲାଭ କରିଥିଲା ବୋଲି ମତ ରଖିଥିଲେ । ସହକାରୀ ବିଡିଓ , ମମତା ମଞ୍ଜରୀ ଚିନେରା, ମୁଖ୍ୟ କିରଣୀ ସନ୍ତୋଷ କୁମାର ମୁଦି, ବି ଏ ଫ ଓ ଶୁଭ୍ରାଂଶୁ କୁମାର ନାୟକ, କାଳୁ ଚରଣ ରଣା ଶିଶିର କୁମାର ନାୟକ, ଆଲୋକ ରଞ୍ଜନ ସେନାପତି, ପ୍ରୀତମ୍ ହୋତା, ଅମରେନ୍ଦ୍ର ହୋତା ପ୍ରମୁଖ ଏହି ପ୍ରାର୍ଥନା ସଭାରେ ଯୋଗଦେଇ ଥିଲେ ।

# ଜାତୀୟ ସଡ଼କ ସୁରକ୍ଷା ମାସ ଉଦ୍‌ଯାପନୀ ଉତ୍ସବ

କେନ୍ଦ୍ରାପଡ଼ା(ଏନ୍.ଏମ୍.) :ଚଳିତ ଜାନୁୟାରୀ ମାସ ୧ ତାରିଖରୁ ଆରମ୍ଭ ହୋଇଥିବା ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଦିନ ଉଦଯାପିତ ହୋଇଯାଇଛି । ମାସେ ବ୍ୟାପି ସଡକ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସଚେତନତା ଶିବିର, ଚକ୍ଷୁ ପରୀକ୍ଷା ଶିବିର, ରକ୍ତଦାନ ଶିବିର, କର୍ମଶାଳା, ଲୋକନୃତ୍ୟ ଆୟୋଜନ ସହିତ ବିଭିନ୍ନ ସ୍କୁଲ ଏବଂ କଲେଜ ମାନଙ୍କରେ ପ୍ରତିଯୋଗିତାମାନ ଆୟୋଜିତ ହୋଇଥିଲା । ସ୍ଥାନୀୟ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ଉଦଯାପନି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଆଞ୍ଚଳିକ ପରିବହନ ଅଧିକାରୀ ଲୋକନାଥ ମେହେର, ଆନ୍ତର୍ଜାତୀୟ ସାଇକେଲ ଆରୋହୀ ସନ୍ତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ଏବଂ ପ୍ରଭାତ ବିଶ୍ୱାଳ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଜ୍ୟୋତିରଞ୍ଜନ ଗୌଡ଼ ପ୍ରମୁଖ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମରେ ଜୀବନ ରକ୍ଷା ଏବଂ ସଡ଼କ ସୁରକ୍ଷା ସଚେତନତାକୁ ପ୍ରୋତ୍ସାହିତ କରିବାରେ ଅନୁକରଣୀୟ ଏବଂ ନିସ୍ୱାର୍ଥପର ସେବା ପାଇଁ ଛଅ ଜଣଙ୍କୁ ସାମାରିଟାନରେ ସମ୍ମାନରେ ସମ୍ମାନିତ କରାଯାଇଛି । ଏହା ବ୍ୟତୀତ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରଦର୍ଶିତ ସଡ଼କ ସୁରକ୍ଷା ଉପରେ ଏକ ନୁକ୍କଡ଼ ନାଟକ ମାଧ୍ୟମରେ ସଚେତନ କରାଯାଇଥିଲା । ନାଗରିକ ମାନଙ୍କ ମଧ୍ୟରେ ସଚେତନତା ପ୍ରସାର ଏବଂ ଦାୟିତ୍ୱପୂର୍ଣ୍ଣ ସଡ଼କ ଆଚରଣକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ମାସେ ବ୍ୟାପି ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତା ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ପ୍ରକାଶଥାଉ କି, ସକାଳେ ତିନିମୁହାଁଣୀ ରାମମନ୍ଦିର ଠାରୁ ସଂସ୍କୃତି ଭବନ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ମୋଟର ଯାନ ନିରୀକ୍ଷକ କାଜଲ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଇଂରାଜୀ ବିଭାଗ ପକ୍ଷରୁ ବାହ୍ୟ ସଚେତନତା କାର୍ଯ୍ୟକ୍ରମ




ସାଲେପୁର(ଏନ୍.ଏମ୍.): ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ର ଇଂରାଜୀ ବିଭାଗ ପକ୍ଷରୁ ବାହ୍ୟ ସଚେତନତା କାର୍ଯ୍ୟକ୍ରମ ମହାବିଦ୍ୟାଳୟ ର ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ମଣ୍ଟନ କୁମାର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଇଂରାଜୀ ବିଭାଗ ତରଫରୁ ସାଲେପୁର ସ୍ଥିତ ରୋଧପୁର ୟୁ. ପି. ସ୍କୁଲ ପରିସରରେ ଏକ କର୍ମଶାଳାର ଆୟୋଜନ କରାଯାଇ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ କିପରି ଖେଳ ମାଧ୍ୟମରେ ସହଜ ଉପାୟରେ ଇଂରାଜୀ ବ୍ୟାକରଣର ଶିକ୍ଷା ଦିଆଯାଇଥିଲା । ପ୍ରାରମ୍ଭରେ ରୋଧ ପୁର ୟୁ. ପି. ସ୍କୁଲ ର ପ୍ରଧାନ ଶିକ୍ଷୟତ୍ରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମହାବିଦ୍ୟାଳୟ ଇଂରାଜୀ ବିଭାଗର ବରିଷ୍ଠ ଅଧ୍ୟାପକ ଶେଖ ଅବ୍ରାର ଅହମ୍ମଦ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଅଧ୍ୟାପିକା ଡ଼କ୍ଟର ଆର୍ଯ୍ୟପୁତ୍ରୀ ସ୍ଥିତପ୍ରଜ୍ଞା, ଅଧ୍ୟାପିକା ସ୍ୱାତି ତନୟା ଆଚାରୀ, ଅଧ୍ୟାପକ ଶୁଭଜିତ ନାୟକ, ଅଧ୍ୟାପକ ରଶ୍ମି ରଞ୍ଜନ ଆଇଚଙ୍କ ସମେତ ଇଂରାଜୀ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇ ସାହାଯ୍ୟ ଓ ସହଯୋଗ କରିଥିଲେ ।

# ବିଜେପି ପାଙ୍ଗାମ ମଣ୍ଡଳ ପକ୍ଷରୁ ଭିବି - ଜି ରାମ ଜି ଯୋଜନାକୁ ନେଇ କର୍ମଶାଳା

**ମାଲକାନଗିରି(ଏନ୍.ଏମ୍.):** ରାଜ୍ୟରେ ଏବେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ନାମ ପରିବର୍ତ୍ତନ କରାଯାଇ ନୂତନ ନାମକରଣ କରାଯାଇଛି । ଏଥି ସହିତ ଶ୍ରମ ଦିନଗୁଡ଼ିକୁ ମଧ୍ୟ ବୃଦ୍ଧି କରାଯାଇଛି । ଶୁକ୍ରବାର ଦିନ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ସିରାଗୁଡ଼ା ଗ୍ରାମର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବିଜେପି ପାଙ୍ଗାମ ମଣ୍ଡଳ ପକ୍ଷରୁ ଭିବି - ଜି ରାମ ଜି ଯୋଜନାକୁ ନେଇ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ପାଙ୍ଗାମ ମଣ୍ଡଳ ସଭାପତି ଲକ୍ଷଣ ବାର୍ଙ୍କି ଆଙ୍କ ନେତୃତ୍ୱରେ ହୋଇଥିବା ବେଳେ ଅତିଥି ଭାବେ ମାଥିଲି ବ୍ଲକ ସାଂସଦ ପ୍ରତିନିଧି ବନମାଳୀ ବରଜା, କିଆଙ୍ଗ ମଣ୍ଡଳ ସଭାପତି କୁସ ତାଟୀ, ଭିବି - ଜି ରାମ ଜି ଚିତ୍ରକୋଣ୍ଡା ବିଧାନସଭାର ସହ ସଂଯୋଜକ ଶ୍ରୀକାନ୍ତ ଚୌଧୁରୀ, ବରିଷ୍ଠ କାର୍ଯ୍ୟକର୍ତ୍ତା କୁନାଲ ମିଶ୍ର, ସନ୍ତୋସିନି ପାତ୍ର, ଉଜ୍ଜଳା ପେରେମା, ଆର ସତ୍ୟ ନାରାୟଣ ରାଓଙ୍କ ସହିତ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ଭିବି - ଜି ରାମ ଜି ଯୋଜନା ବିଷୟରେ କାର୍ଯ୍ୟକର୍ତ୍ତା ମାନଙ୍କୁ ବୁଝାଇଥିଲେ ।

# ବିକଶିତ ଭାରତ - ରୋଜଗାର ଏବଂ ଆଜିବିକା ମିଶନ (ଗ୍ରାମୀଣ) ନିମନ୍ତେ ଗ୍ୟାରେଣ୍ଟି : ଭିବି- ଜୀ ରାମ ଜୀ କାର୍ଯ୍ୟକାରିତା ଉପରେ କର୍ମଶାଳା

ସୁବର୍ଣ୍ଣପୁର(ଏନ୍.ଏମ୍.) :ସୁବର୍ଣ୍ଣପୁର ଜିଲ୍ଲାସ୍ଥିତ ଟାଉନ ହଲ ଠାରେ ବିକଶିତ ଭାରତ - ରୋଜଗାର ଏବଂ ଆଜିବିକା ମିଶନ (ଗ୍ରାମୀଣ) ନିମନ୍ତେ ଗ୍ୟାରେଣ୍ଟି : ଭିବି- ଜି ରାମ ଜି ଅଧିନିୟମ ର କାର୍ଯ୍ୟକାରିତା ଉପରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଭାରତ ସରକାରଙ୍କ ପ୍ରବର୍ତ୍ତିତ ବିକଶିତ ଭାରତ 'ଜୀ ରାମ ଜୀ' ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଓ ଜନସଚେତନତାକୁ ନେଇ ଓଡିଶା ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ମନ୍ତ୍ରୀ ରବି ନାରାୟଣ ନାଏକ, ବଲାଙ୍ଗୀର ସାଂସଦ ସଂଗୀତା କୁମାରୀ ସିଂହ ଦେଓ, ଜିଲ୍ଲାର ଏହି କର୍ମଶାଳା/ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏଥିରେ ମୁଖ୍ୟ ଉନ୍ନୟନ ଅଧିକାରୀ - ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଏହି ନୂତନ ଯୋଜନା ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ନିୟମାବଳୀ ବିଷୟରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଇ କହିଥିଲେ ଯେ ଏହି ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ୧୦୦ ଦିନ ପରିବର୍ତ୍ତେ ୧୨୫ ଦିନର ନିଶ୍ଚିତ ଶ୍ରମଭିତ୍ତିକ ନିଯୁକ୍ତି ସହିତ ଗ୍ରାମାଞ୍ଚଳର ଆବଶ୍ୟକୀୟ ଭିତ୍ତିଭୂମି ନିର୍ମାଣ, ଜଳ ସୁରକ୍ଷା, , ଜୀବିକା ରେ ଉନ୍ନତି, , ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ, ବେରୋଜଗାରୀ ଭତ୍ତା ପାଇଁ ଦୃଢ଼ ପଦକ୍ଷେପ,ଠିକ ସମୟରେ ମଜୁରୀ ପ୍ରଦାନ ଏବଂ ବିଳମ୍ବ ପାଇଁ କ୍ଷତିପୂରଣ, ଗ୍ରାମସଭା ଦ୍ୱାରା ବିକଶିତ ଗ୍ରାମ ପଞ୍ଚାୟତ ଯୋଜନାର ପ୍ରକଳ୍ପ ଚୟନ ଓ ଅନୁମୋଦନ, ସମସ୍ତ ଯୋଜନାର ସମନ୍ୱୟ ସହ ପ୍ରଯୁକ୍ତିବିଦ୍ୟା ଓ କୃତ୍ରିମ ବୁଦ୍ଧିମତା ମାଧ୍ୟମରେ ସଶକ୍ତିକରଣ କରାଯିବା ସହିତ କାର୍ଯ୍ୟକାରିତା ର ତଦାରଖ ଓ ପର୍ଯ୍ୟାଲୋଚନା କରିବା ପାଇଁ ଏହି ଯୋଜନା ର ଲକ୍ଷ୍ୟ ରହିଛି ବୋଲି ଉଭୟ କହିଥିଲେ । ମନ୍ତ୍ରୀ, ଶ୍ରୀ ନାରାୟଣ ନାଏକ ତାଙ୍କ ଅଭିଭାଷଣରେ ଭିବି - ଜି ରାମ - ଜି ଗ୍ରାମୀଣ ରୋଜଗାର ର ନୂଆ ଗ୍ୟାରେଣ୍ଟି ଯୋଜନା ବିଷୟରେ ଉପସ୍ଥିତ ସମସ୍ତଙ୍କୁ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ଏହି ପରିବର୍ତ୍ତିତ ଯୋଜନାର ତୁଳନାତ୍ମକ ସୁଫଳ ଓ ଲାଭ ଗ୍ରାମାଞ୍ଚଳ ମଜୁରିଆ ପାଇପାରିବେ ସେ ବିଷୟରେ ତାଙ୍କ ଅଭିଭାଷଣରେ ଅବଗତ କରାଇ କହିଥିଲେ । ଏହି କର୍ମଶାଳା ରେ ଉପସ୍ଥିତ ଥିବା, ମଜୁରିଆ ମାନଙ୍କ ସହିତ ଏହି ନୂତନ ଯୋଜନା ର ସୁବିଧା ଓ ଲାଭ ବିଷୟରେ ପଚାରି ବୁଝିଥିଲେ ।ଏହି ନୂତନ ଯୋଜନା କାର୍ଯ୍ୟକାରୀ ହେବା ପୂର୍ବରୁ ପ୍ରତ୍ୟେକ ଗାଁର ମଜୁରିଆ, ଗ୍ରାମବାସୀ, ମେଟ୍, ଗ୍ରାମପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟ, ସରପଞ୍ଚ,ଗ୍ରାମ ରୋଜଗାର ସେବକ, ହିସାବ ରକ୍ଷକ ତଥା ଡାଟା ଏଣ୍ଟ୍ରି ଅପରେଟର, ପଞ୍ଚାୟତ ନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ଅନ୍ୟ ପଞ୍ଚାୟତ ପ୍ରତିନିଧିମାନଙ୍କୁ ପର୍ଯ୍ୟାପ୍ତ ତାଲିମ ପ୍ରଦାନ କରିବା ପାଇଁ ଜିଲ୍ଲାପାଳ ଓ ମୁଖ୍ୟ ଉନ୍ନୟନ ଅଧିକାର ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଙ୍କୁ ଏହି କର୍ମଶାଳାରେ ପରାମର୍ଶ ଦେଇଥିଲେ ।ଯୋଜନା ସମ୍ପର୍କିତ ବିଭିନ୍ନ ତଥ୍ୟ ଓ ଲାଭ ସମ୍ପର୍କରେ ଉପସ୍ଥିତ ଲୋକ, ଲୋକ ପ୍ରତିନିଧି, ସରକାରୀ କର୍ମଚାରୀଙ୍କୁ ଅବଗତ କରାଯାଇଥିଲା । ସରକାରଙ୍କ ଲକ୍ଷ୍ୟ ହେଉଛି ଗ୍ରାମ ସ୍ତରରେ ସଶକ୍ତିକରଣ ମାଧ୍ୟମରେ ଉନ୍ନତ ଓ ସ୍ୱାବଲମ୍ବୀ ଓଡିଶା ଗଠନ କରିବା ବୋଲି ମନ୍ତ୍ରୀ ଶ୍ରୀ ନାଏକ ଉଲ୍ଲେଖ କରିଥିଲେ । ଜିଲ୍ଲାପାଳ ଏହି ଯୋଜନାର ସଠିକ କାର୍ଯ୍ୟକାରୀ କରିବା ପାଇଁ ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସମିତି ସ୍ତରରେ କାର୍ଯ୍ୟରତ କର୍ମଚାରୀ ମାନଙ୍କ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ରହିଛି, ତେଣୁ ସଠିକ୍ ଓ ଠିକ୍ ସମୟରେ ସମସ୍ତ ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ଓ ସାଂସଦ ଏହି ଯୋଜନାର ନିୟମ ଓ ନିର୍ଦ୍ଦେଶାବଳୀ ସଠିକ୍ ଭାବେ କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦେଇଥିଲେ ତତ୍ ସହିତ ବର୍ଦ୍ଧିତ କର୍ମନିଯୁକ୍ତି ଗ୍ୟାରେଣ୍ଟି, ସମ୍ପୂର୍ଣ୍ଣ ପ୍ରତିବଦ୍ଧତା ଓ ଦକ୍ଷ ଶାସନକୁ ନେଇ ଏକ ବିକଶିତ ଭାରତର ପରିକଳ୍ପନା ଜୀ ରାମ ଜୀ ଯୋଜନା ର ପ୍ରମୁଖତା ସେ କହିଛନ୍ତି । ଏହି କର୍ମଶାଳାରେ ମାନ୍ୟବର ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ଜିଲ୍ଲାପାଳ, ନୃପରାଜ ସାହୁଙ୍କ ସହ ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ, ଅଶ୍ୱିନୀ ମେହେର, ଜିଲ୍ଲାସ୍ତରୀୟ ଅଧିକାରୀ ବୃନ୍ଦ, ସମସ୍ତ ପଞ୍ଚାୟତ ସମିତିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୃନ୍ଦ ଙ୍କ ସମେତ ସମିତିର କର୍ମଚାରୀ ବୃନ୍ଦ, ଅନ୍ୟ ପଞ୍ଚାୟତ ପ୍ରତିନିଧି ବୃନ୍ଦ, ସମସ୍ତ ଗ୍ରାମ ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ହିସାବ ରକ୍ଷକ ତଥା ଡାଟା ଏଣ୍ଟ୍ରି ଅପରେଟର ବୃନ୍ଦ, ଗ୍ରାମ ରୋଜଗାର ସେବକ, ମେଟ୍ ବା ଗାଁ ସାଥୀ, ଓ ବହୁ ସଂଖ୍ୟକ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ । ଏହି କର୍ମଶାଳା ରେ ବିଭିନ୍ନ ସମ୍ବାଦପତ୍ର ଗୁଡିକର ସାମ୍ବାଦିକ ଓ ବିଭିନ୍ନ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।




# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ଛାତ୍ରୀମାନଙ୍କୁ ନିର୍ମଳା ସୀତାରମଣଙ୍କ ...

ଘୋଷଣା କରିଛନ୍ତି । ସେ କହିଛନ୍ତି, ନିର୍ମାଣ ପର୍ଯ୍ୟାୟରେ ଘରୋଇ ଡେଭଲପୋର୍ସଙ୍କ ବିଶ୍ୱାସ ଜିତିବାକୁ ଗୋଟିଏ ଭିତ୍ତିଭୂମି ରିସ୍କ ଗ୍ୟାରେଣ୍ଟି ଫଣ୍ଡର ବ୍ୟବସ୍ଥା କରାଯିବ । ଋଣଦାତାଙ୍କୁ ଆଂଶିକ କ୍ରେଡିଟ ଗ୍ୟାରେଣ୍ଟୀ ପାଇଁ ଏପରି ବ୍ୟବସ୍ଥା ହେବ । ଏହାଦ୍ୱାରା ବଡ଼ବଡ଼ ଭିତ୍ତିଭୂମି ପ୍ରକଳ୍ପକୁ ନେଇ ସୃଷ୍ଟି ହେଉଥିବା ରିସ୍କ ହ୍ରାସ ପାଇବ ବୋଲି ଅର୍ଥମନ୍ତ୍ରୀ ସୀତାରମଣ କହିଛନ୍ତି ।

**ଗ୍ରୀନ କାର୍ଗୋ ଓ ୱାଟରୱେ ଜକୁ ବଡ଼ ବଳ**

ପରିବେଶ ଉପଯୋଗୀ ସନ୍ତୁଳିତ କାର୍ଗୋ ଚଳାଚଳକୁ ପ୍ରୋତ୍ସାହିତ କରିବା ପାଇଁ ସୀତାରମଣ ନୂଆ ଉତ୍ସର୍ଗୀକୃତ ପଣ୍ୟବାହୀ କରିଡର ପ୍ରତିଷ୍ଠା କରାଯିବ ବୋଲି କହିଛନ୍ତି । ଏହା ପୂର୍ବରେ ଥିବା ଡାନକୁନିରୁ ପଶ୍ଚିମରେ ଥିବା ସୁରଟକୁ ସଂଯୋଗ କରିବ । ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ୫ ବର୍ଷରେ ୨୦ଟି ନୂଆ ଜାତୀୟ ଜଳପଥ ସୃଷ୍ଟି କରାଯିବ । ପ୍ରଥମ ପର୍ଯ୍ୟାୟ କାମ ଜାତୀୟ ଜଳମାର୍ଗ-୫ ଓଡ଼ିଶାରୁ ଆରମ୍ଭ ହେବ । ଏହି ରାସ୍ତା ଖଣିଜ ସମ୍ପଦ ଗଚ୍ଛିତ ତାଲଚେର ଓ ଅନୁଗୋଳ ସହ ଶିଳ୍ପର ହବ କୁହାଯାଉଥିବା କଳିଙ୍ଗ ନଗର ଓ ବନ୍ଦର ସହର ପାରାଦୀପ ଓ ଧାମରାକୁ ସଂଯୋଗ କରିବ । ଜଳମାର୍ଗ ପାଇଁ କୁଶଳୀ ମାନବ ସଂଶାଧନ ସୃଷ୍ଟି କରିବାକୁ ପ୍ରିଶକ୍ଷଣ ସଂସ୍ଥାନକୁ ଆଞ୍ଚଳିକ ଉତ୍କୃଷ୍ଟ କେନ୍ଦ୍ର ରୂପରେ ବିକଶିତ କରିବ । ଏହାଦ୍ୱାରା ନଦୀର ଉଭୟ ପାର୍ଶ୍ୱରେ ଥିବା ଯୁବଗୋଷ୍ଠୀ ଫାଇଦା ପାଇବେ । ବାରାଣସୀ ଓ ପଟନାରେ ଇନଲ୍ୟାଣ୍ଡ ଜଳଯାନଗୁଡ଼ିକ ପାଇଁ ଗୋଟିଏ ସମର୍ପିତ ଜାହାଜ ମରାମତି ପ୍ରଣାଳୀ ମଧ୍ୟ ସ୍ଥାପନ କରାଯିବ । ମୋଡାଲ ଶିଫ୍ଟକୁ କ୍ଷୀପ୍ର କରିବା ପାଇଁ ସୀତାରମଣ ଗୋଟିଏ ଉପକୂଳ କାର୍ଗୋ ପ୍ରୋତ୍ସାହନ ଯୋଜନା ଘୋଷଣା କରିଛନ୍ତି । ଅନ୍ତଃଦେଶୀୟ ଜଳପଥ ଓ ଉପକୂଳ ଶିପିଂକୁ ଦୁଇ ଗୁଣିତ କରି ୨୦୪୭ ସୁଦ୍ଧା ୬%ରୁ ୧୨%ରେ ପହଞ୍ଚାଇବାକୁ ଏପରି ବ୍ୟବସ୍ଥା କରାଯାଇଛି । ଅନ୍ୟପକ୍ଷରେ ସବୁଜ ଯାତ୍ରୀ ପରିବହନ ପାଇଁ ସରକାର ୭ଟି ହାଇସ୍ପିଡ ରେଳ କରିଡର ତିଆରି କରିବେ । ମୁମ୍ବାଇ-ପୁଣେ, ପୁଣେ-ହାଇଦ୍ରାବାଦ, ହାଇଦ୍ରାବାଦ-ବେଙ୍ଗାଲୁରୁ, ହାଇଦ୍ରାବାଦ-ଚେନ୍ନାଇ, ଚେନ୍ନାଇ-ବେଙ୍ଗାଲୁରୁ, ଦିଲ୍ଲୀ-ବାରାଣସୀ ଓ ବାରାଣସି-ସିଲିଗୁଡ଼ି ଭଳି ୭ଟି ହାଇସ୍ପିଡ ରେଳ କରିଡର ତିଆରି କରାଯିବ । ତେବେ ଏହି ବଜେଟ କୁ ଦେଶ ଉର୍ନତି ବଜେଟ ବୋଲି ବିଜେପି କହୁଥିଲା ବେଳେ ଏହି ବଜେଟ ଲୋକାଭିମୁଖୀ ବଜେଟ ନୁହେଁ ବୋଲି ବିରୋଧୀ କହିଛନ୍ତି ।

## ଚୌଦ୍ୱାର ମଣ୍ଡଳକାରାଗାରରେ ...

କଏଦୀଜଣକ କାହିଁକି ଜେଲ ଭିତରେ ଆତ୍ମହତ୍ୟା କଲେ ତାହା ଜଣାପଡ଼ି ନାହିଁ । ଅନ୍ୟପକ୍ଷରେ ଏହି ଜେଲରେ ବାରମ୍ବାର କଏଦୀ ଆତ୍ମହତ୍ୟା କରିବା ସାଧାରଣରେ ଚକିତ ସୃଷ୍ଟି କରିଛି । ସୂଚନା ଯୋଗ୍ୟ ଯେ, ଗତ ୩ମାସ ତଳେ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଅଞ୍ଚଳର ପବିତ୍ର ସାହୁ ନାମକ ଜଣେ କଏଦୀ ମଧ୍ୟ ଆତ୍ମହତ୍ୟା କରିଥିଲେ । ସେହିଭଳି ଜେଲ ପାଚେରୀ ଡେଇଁ ୨ଜଣ ଦୁର୍ଦ୍ଦାନ୍ତ ବିହାରୀ ଅପରାଧୀ ଫେରାର ହୋଇଗଲେ । ଆଜି ପର୍ଯ୍ୟନ୍ତ ସେମାନଙ୍କୁ ଠାବ କରାଯାଇ ପାରୁନାହିଁ । ଅନ୍ୟପକ୍ଷରେ ପୂର୍ବତନ ଜେଲର ଓ ସୁପରିଟେଣ୍ଡେଣ୍ଟଙ୍କ ମଧ୍ୟରେ କାଦୁଅ ଫିଙ୍ଗା ଅଭିଯୋଗ ଚାଲିଛି । ତେବେ ଆଜିର କଏଦୀ ମୃତ୍ୟୁକୁ ନେଇ ଜେଲ ସୁପରିଟେଣ୍ଡଣ୍ଟଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନଥିଲେ । ଖବର ପାଇଁ ଚୌଦ୍ୱାର ଥାନା ଆଇଆଇସି ରଜନୀକାନ୍ତ ଦାସ ଓ ଜୋନ-୧ ଏସିପି ଅରୁଣ ସ୍ୱାଇଁ ଜେଲକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି ।

## ୧୦ ବିଭାଗର ୧୨ ପ୍ରସ୍ତାବକୁ ...

ପ୍ରତ୍ୟେକ ଜିଲ୍ଲା ସଦର ମହକୁମା ବହି ଦୋକାନରେ ଏହି ବହି ଗୁଡ଼ିକ ଉପଲବ୍ଧ ହେବ । ସୂଚନାଯୋଗ୍ୟ ଯେ, ଓଡ଼ିଆ ଭାଷାରେ ଏହିଭଳି ବହି ଆଗରୁ ନଥିବାରୁ ରାଜ୍ୟ ସରକାର ପ୍ରତ୍ୟେକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ୧୦ ରୁ ୨୦ ଟି ବହି ଯୋଗାଇ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଉଚ୍ଚ ଶିକ୍ଷା ବିଦ୍ୟାଳୟର ଗ୍ରନ୍ଥାଳୟରେ ଏହି ବହି ଉପଲବ୍ଧ ହେବ ଓ ପିଲାମାନେ ଏହାକୁ ପଢ଼ି ପାରିବେ । ଏହି ପୁସ୍ତକ ଗୁଡ଼ିକ ପ୍ରତ୍ୟେକ ଜିଲ୍ଲାର ସଦର ମହକୁମାରେ ବିଭିନ୍ନ ଦୋକାନରେ ଉପଲବ୍ଧ ହେବା ପାଇଁ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ପ୍ରଚେଷ୍ଟା କରିବ । ଏହି ପୁସ୍ତକ ସମୁଦାୟ ୭୦୦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧,୨୦,୦୦୦ ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ହେବ ବୋଲି ସୂଚନା ମିଳିଛି । ପରବର୍ତ୍ତୀ ପର୍ଯ୍ୟାୟରେ ଦ୍ୱାଦଶ ଶ୍ରେଣୀ ପାଇଁ ମଧ୍ୟ ଓଡ଼ିଆ ଭାଷାରେ ବିଜ୍ଞାନ ପୁସ୍ତକ ପ୍ରସ୍ତୁତ କରିବାର ଯୋଜନା ରହିଛି । ଏହାଫଳରେ ପ୍ରାଥମିକ ଶିକ୍ଷାରୁ ଉଚ୍ଚ ବୈଷୟିକ ଶିକ୍ଷା ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରର ଛାତ୍ରଛାତ୍ରୀମାନଙ୍କ ପାଇଁ ଓଡ଼ିଆ ଭାଷାରେ ସନ୍ଦର୍ଭ ପୁସ୍ତକ ଉପଲବ୍ଧ କରିବା ପାଇଁ ଏକ ବଳିଷ୍ଠ ପଦକ୍ଷେପ ହେବ । ଉକ୍ତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୁଷଣ ଜେନା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଶିଳ୍ପ, ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଉଚ୍ଚଶିକ୍ଷା ତଥା ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡିକେ ସିଂହ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଏନ୍ ଥିରୁମାଲା ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଆମେରିକାରୁ ଭାରତକୁ ...

ପାଇଁ ବ୍ୟବହୃତ ହୁଏ । ଏଥିରେ ଅନ୍ତର୍ଭୁକ୍ତ... ଶିବ ନଟରାଜ (ଚୋଳ ଯୁଗ, ପ୍ରାୟ ୯୯୦ ଖ୍ରୀଷ୍ଟାବ୍ଦ): ଏହି ମୂର୍ତ୍ତିରେ ଶିବଙ୍କୁ ତାଙ୍କ ନୃତ୍ୟ ରୂପରେ ଚିତ୍ରିତ କରାଯାଇଛି, ଯାହା ବ୍ରହ୍ମାଣ୍ଡର ନୃତ୍ୟର ପ୍ରତୀକ । ଏହା ତାମିଲନାଡୁର ତାଞ୍ଜାଭୁର ଜିଲ୍ଲାର ତିରୁତ୍ତୁରୈପୁଣ୍ଡି ତାଲୁକର ଶ୍ରୀ ଭବ ସୋମସ୍କନ୍ଦ (ଚୋଳ ଯୁଗ, ଦ୍ୱାଦଶ ଶତାବ୍ଦୀ): ଏହି ମୂର୍ତ୍ତିରେ ଶିବ, ପାର୍ବତୀ ଏବଂ କାର୍ତ୍ତିକେୟଙ୍କୁ ଏକାଠି ଚିତ୍ରିତ କରାଯାଇଛି । ଏହା ୧୯୫୯ ମସିହାରେ ତାମିଲନାଡୁର ମନ୍ନାରକୁଡି ତାଲୁକର ଆଲାତ୍ତୁର ଗ୍ରାମର ବିଶ୍ୱନାଥ ମନ୍ଦିରରୁ ଫଟୋଗ୍ରାଫ୍ କରାଯାଇଥିଲା । ପାରାଭାଇଙ୍କ ସହିତ ସନ୍ଥ ସୁନ୍ଦରର (ବିଜୟନଗର ଯୁଗ, ୧୬ ଶତାବ୍ଦୀ): ଏହା ନୟନର ସନ୍ଥ ସୁନ୍ଦରର ଏବଂ ତାଙ୍କ ପତ୍ନୀ ପାରାଭାଇଙ୍କ ଏକ ପ୍ରତିମୂର୍ତ୍ତି । ଏହା ୧୯୫୬ ମସିହାରେ ତାମିଲନାଡୁର କଲ୍ଲାକୁରିଚି ତାଲୁକର ବୀରସୋଲାପୁରମ ଗ୍ରାମର ଶିବ ମନ୍ଦିରରେ ଆବିଷ୍କୃତ ହୋଇଥିଲା । ଚୋରି ପରେ ବେଆଇନ ଭାବରେ ବିଦେଶକୁ ପଠାଯାଇଥିଲା ସଂଗ୍ରହାଳୟର ଏକ ବିବୃତ୍ତି ଅନୁଯାୟୀ, ଏହି ମୂର୍ତ୍ତିଗୁଡ଼ିକର ଉତ୍ପତ୍ତିର ତଦନ୍ତରେ ଫରାସୀ ସଂସ୍ଥାନ ପଣ୍ଡିଚେରୀ, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ଏବଂ ବିଶ୍ୱବ୍ୟାପୀ ଅନେକ ସଂଗଠନ ଏବଂ ବ୍ୟକ୍ତିବିଶେଷଙ୍କ ଫଟୋ ଅଭିଲେଖାଗାର ସାମିଲ ଥିଲା । ତଦନ୍ତରୁ ଜଣାପଡିଛି ଯେ ଏହି ମୂର୍ତ୍ତିଗୁଡ଼ିକୁ ୧୯୫୦ ଦଶକରେ ମନ୍ଦିରରୁ ଚୋରି କରାଯାଇଥିଲା ଏବଂ ବେଆଇନ ଭାବରେ ବିଦେଶକୁ ପଠାଯାଇଥିଲା । କିଛି କ୍ଷେତ୍ରରେ, ଜାଲ ଦସ୍ତାବିଜ ବ୍ୟବହାର କରାଯାଇଥିଲା, ଯେପରିକି ୨୦୦୨ ମସିହାରେ ନ୍ୟୁୟର୍କର ଡୋରିସ୍ ୱେନର ଗ୍ୟାଲେରୀରୁ କିଣାଯାଇଥିବା ଶିବ ନଟରାଜ । ଭାରତ ସରକାର ଶିବ ନଟରାଜ ପ୍ରତିମାକୁ ସଂଗ୍ରହାଳୟକୁ ଦୀର୍ଘକାଳୀନ ଋଣରେ ରଖିବାକୁ ରାଜି ହୋଇଛନ୍ତି । ଏହି ବ୍ୟବସ୍ଥା ସଂଗ୍ରହାଳୟକୁ ପ୍ରତିମାର ସମ୍ପୂର୍ଣ୍ଣ କାହାଣୀ, ଏହାର ଉତ୍ପତ୍ତି, ଚୋରି ଏବଂ ପ୍ରତ୍ୟାବର୍ତ୍ତନ ସମେତ ସର୍ବସାଧାରଣରେ ସେୟାର କରିବାକୁ ଅନୁମତି ଦେବ । ପ୍ରତିମାଟି ଏବେ 'ଦକ୍ଷିଣ ଏସିଆ, ଦକ୍ଷିଣ ପୂର୍ବ ଏସିଆ ଏବଂ ହିମାଳୟ କ୍ଷେତ୍ରରେ ଜ୍ଞାନର କଳା' ଶୀର୍ଷକ ଏକ ପ୍ରଦର୍ଶନୀରେ ପ୍ରଦର୍ଶିତ ହେବ । ବାକି ଦୁଇଟି ପ୍ରତିମା, ସୋମସ୍କନ୍ଦ ଏବଂ ପାରାଭାଇ ସହିତ ସନ୍ଥ ସୁନ୍ଦରର, ଭାରତୀୟ ଦୂତାବାସ ମାଧ୍ୟମରେ ଭାରତକୁ ପଠାଯିବ । ଏହି ଚୁକ୍ତିନାମାକୁ ଚୂଡ଼ାନ୍ତ କରିବା ପାଇଁ ସଂଗ୍ରହାଳୟ ଏବଂ ଭାରତୀୟ ଦୂତାବାସ ଘନିଷ୍ଠ ଯୋଗାଯୋଗରେ ଅଛନ୍ତି । ଏହା ଏକ ସକାରାତ୍ମକ ପଦକ୍ଷେପ । ଏହି କାର୍ଯ୍ୟକ୍ରମ ସ୍ମିଥସୋନିଆନର ଦକ୍ଷିଣ ଏବଂ ଦକ୍ଷିଣ ପୂର୍ବ ଏସୀୟ କଳା ସଂଗ୍ରହର ଏକ ପଦ୍ଧତିଗତ ସମୀକ୍ଷାର ଅଂଶ, ଯାହା ସାଂସ୍କୃତିକ ସମ୍ପତ୍ତିର ନୈତିକ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରେ । ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଏପରି ଫେରସ୍ତ ଭାରତର ସାଂସ୍କୃତିକ ଐତିହ୍ୟକୁ ପୁନରୁଦ୍ଧାର କରିବା ପାଇଁ ଏବଂ ବିଶ୍ୱ ସ୍ତରରେ ଲୁଟିତ ଐତିହ୍ୟଗୁଡ଼ିକର ଫେରସ୍ତ ଦିଗରେ ଏକ ସକାରାତ୍ମକ ପଦକ୍ଷେପ ପାଇଁ ଗୁରୁତ୍ୱପୂର୍ଣ୍ଣ

## କମିବ ବିଧାୟକଙ୍କ ଦରମା : ଭାସ୍କର ମଢ଼େଇ

**ଭୁବନେଶ୍ୱର(ଏନ୍.ଏମ୍.) :** ଭୋଟ ନେଇ ଲୋକଙ୍କ ସେବା କରିବାକୁ ପ୍ରତିଶ୍ରୁତି ଦେଇ ବିଧାୟକ ହେବା ପରେ ସେମାନଙ୍କ ରୋଜଗାର ବହୁତ ବଢ଼ିଯାଏ ବୋଲି ସମସ୍ତଙ୍କୁ ଜଣା । ବିଭିନ୍ନ ଠିକା ସଂସ୍ଥା ସହିତ ସରକାରୀ ଚାକିରୀରେ ବଦଳି ଭଳି ଅନେକ କାମ ବିଧାୟକଙ୍କ ଇଙ୍ଗିତରେ ହୋଇଥାଏ ବୋଲି କୁହାଯାଉଛି । ଏହି ସବୁ ବାଟରେ ବିଧାୟକଙ୍କ ରୋଜଗାର ମଧ୍ୟ ମୋଟା ଅଙ୍କର ହୋଇଯାଏ ବୋଲି ଚର୍ଚ୍ଚା । ଯାହା ଫଳରେ ଲକ୍ଷଲକ୍ଷ ଟଙ୍କା ବ୍ୟୟ କରି ନିର୍ବାଚନକୁ ଓହ୍ଲାଇଥାନ୍ତି ବିଧାୟକ ପ୍ରାର୍ଥୀ । ହେଲେ ଏବେ ସେମାନଙ୍କ ଦରମା ନେଇ ଚର୍ଚ୍ଚା ଜୋର ଧରିଛି । ତେବେ କମିବ ବିଧାୟକଙ୍କ ଦରମା । ଏ ନେଇ ବିଧାୟକ ଦରମା କମିଟି ଅଧ୍ୟକ୍ଷ ଭାସ୍କର ମଢ଼େଇ ଦେଇଛନ୍ତି ସୂଚନା । ଆସନ୍ତା ବଜେଟ ଅଧିବେଶନରେ ଏ ନେଇ ଏକ ସଂଶୋଧନ ବିଲ୍ ଆସିବ । ଦରମା କମିବା ନେଇ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦିଆଯାଇଛି ବୋଲି ସେ କହିଛନ୍ତି । ଗତବର୍ଷ ଡିସେମ୍ବର ୯ ତାରିଖରେ ଦରମା ବୃଦ୍ଧି ବିଲ୍ ବିଧାନସଭାରେ ପାସ୍ ହୋଇଥିଲା । ବିଧାୟକଙ୍କ ସର୍ବନିମ୍ନ ଦରମା ୩ ଲକ୍ଷ ୪୫ ହଜାର ହେବାର ଥିଲା । ଏକାଥରେ ୩ ଗୁଣା ଦରମା ବଢ଼ିଥିଲା । ଯାହାକୁ ନେଇ ସାରା ରାଜ୍ୟରେ କ୍ଷୋଭ ପ୍ରକାଶ ପାଇଥିଲା । ତେଣୁ ଏହାର ପୁନର୍ବିଚାର ପାଇଁ ସରକାରଙ୍କୁ ନିବେଦନ କରିଥିଲେ ବିଧାୟକ ।ବଜେଡି କହିଛି , ଦରମା କଥା ସରକାର ନିଷ୍ପତ୍ତି ନେବେ । ଦରମା ବିଲ ପାସ ହେଇଥିଲା କିନ୍ତୁ ପରେ ବନ୍ଦ ହେଲା । ଆଗକୁ ଜଣାପଡ଼ିବ ସରକାର କ'ଣ କରିବେ ? ସରକାର ଆଲୋଚନା କରିବେ ବୋଲି କହିଛନ୍ତି ବିଜେଡି ବିଧାୟକ ମନୋହର ରନ୍ଧାରୀ । ଦରମା ବୃଦ୍ଧି ସମ୍ପର୍କରେ କଂଗ୍ରେସ ବିଧାୟକ ଦାଶରଥି ଗମାଙ୍ଗ କହିଛନ୍ତି, ଥରେ ବିଲ ପାସ ହେବା ପରେ ପୁନର୍ବିଚାର କରିବା କଥା ନୁହେଁ । ବିଧାୟକଙ୍କ ଦରମା ୩୫ ହଜାର ଟଙ୍କା ଥିଲା । ତାକୁ ବଢ଼ାଇ ୧ ଲକ୍ଷ ୫ ହଜାର ଟଙ୍କା କରିବାକୁ ବିଧାୟକମାନେ ଦାବି କରିଥିଲୁ । ଦରମା ବୃଦ୍ଧି ନିଷ୍ପତ୍ତି ଠିକ ଥିଲା, ଏଥର କୌଣସି ଭୁଲ ହୋଇ ନଥିଲା । ଏବେ ଦରମା ମାତ୍ର ୧ ଲକ୍ଷ ଟଙ୍କା ହୋଇଛି । ଲୋକଙ୍କୁ ଭୁଲ ସୂଚନା ଦିଆଯାଇଛି । ସରକାର କାହିଁକି ପୁଣି ବିଧାନସଭାକୁ ବିଲ ଆଣିବେ ବୋଲି ସେ ପ୍ରଶ୍ନ କରିଛନ୍ତି ।

# ବାରିପଦାରେ ଜିଲ୍ଲାସ୍ତରୀୟ ସହିଦ ଦିବସ

**ବାରିପଦା(ଏନ୍.ଏମ୍.) :** ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ସ୍ତରୀୟ ସହିଦ ଦିବସ - ୨୦୨୬ ପାଳିତ ହୋଇଯାଇଛି । ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳନ ତଥା ଭାରତର ସ୍ୱାଧୀନତା ପାଇଁ ଯେଉଁ ମହାମନୀଷୀ ଗଣ ଦେଶମାତୃକା ପାଇଁ ତା'ଙ୍କ ପ୍ରାଣବଳି ଦେଇଥିଲେ ସେମାନଙ୍କ ଅମର ଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପରିପ୍ରେକ୍ଷୀରେ ପ୍ରତି ବର୍ଷ ଜାନୁଆରୀ ୩୦ ତାରିଖକୁ ସହିଦ ଦିବସ ଭାବେ ପାଳନ ହୋଇଥାଏ । ଏହି ଅବସରରେ ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡାଙ୍କ ଅଧ୍ୟକ୍ଷତାରେ ଦେଶ ପାଇଁ ପ୍ରାଣବଳି ଦେଇ ସହିଦ ହୋଇଥିବା ମହାମନୀଷୀ ବୀର ମହାପୁରୁଷ ମାନଙ୍କ ଅମର ଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ 'ନୀରବ ପ୍ରାର୍ଥନା' କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବାରିପଦା ତହସିଲଦାର ସପନ କୁମାର ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ଉପବିଭାଗର ଡେପୁଟି କଲେକ୍ଟର, ସହକାରୀ ଜିଲ୍ଲାପାଳ, ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇ ନୀରବ ପ୍ରାର୍ଥନାରେ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପରିଚାଳନା କରିଥିଲା ବେଳେ କନିଷ୍ଠ ରାଜସ୍ୱ ସହକାରୀ ଲଳିତ ରଞ୍ଜନ ନାଏକ ଓ କର୍ମଚାରୀ ଲିଜତ ପ୍ରଧାନ ସହଯୋଗ କରିଥିଲେ ।



# ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର ସଚେତନ ତାଲିମ ଶିବିର

**ମାଲକାନଗିରି(ଏନ୍.ଏମ୍.) :** ମାଲକାନଗିରି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଜିଲ୍ଲା ଅଧିକାରୀ ନିର୍ମଳ ଧାରୁଆଙ୍କ ତତ୍ତ୍ୱାବଧାନରେ ମାତା ପିତା ତଥା ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଓ କଲ୍ୟାଣ ଆଇନ୍, ୨୦୦୭ ରେ ଥିବା ପ୍ରାବଧାନ ସଂପର୍କରେ ସଚେତନତା ତାଲିମ୍ ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମ ରଞ୍ଜନ ଦାଶ, ରାଜ୍ୟ ସାଧନ କର୍ମୀ ଭାରତୀ ଚକ୍ର, ଉପଖଣ୍ଡୀୟ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ଯୋଗଦେଇ ଜଗନ୍ନାଥଙ୍କ ବିଗ୍ରହରେ ଧୂପ, ଦୀପ, ପୁଷ୍ପମାଲ୍ୟ ପ୍ରଦାନ କରି ମଞ୍ଚାସୀନ ହେଲେ । ତାଲିମରେ ସାଧନ କର୍ମୀ ତଥା ସମାଜ ସେବୀ ଶ୍ରୀମତୀ ଚକ୍ର ଉପସ୍ଥିତ ବରିଷ୍ଠ ନାଗରୀକ, ବୁଦ୍ଧିଜୀବୀ ଓ ଯୁବଗୋଷ୍ଠୀଙ୍କୁ ସାମ୍ପ୍ରତିକ ସମୟରେ ସମାଜରେ ପିତା, ମାତା ତଥା ବରିଷ୍ଠ ନାଗରୀକ, ଯେଉଁମାନେ ଆତ୍ମୀୟସ୍ୱଜନମାନଙ୍କ ଠାରୁ ବିଭିନ୍ନ ପ୍ରକାର ଅବହେଳା,ଅତ୍ୟାଚାର, ଶାରିରୀକ, ମାନସିକ, ଆର୍ଥିକ ନିର୍ଯ୍ୟାତନା ପାଉଛନ୍ତି । ସେମାନେ କିପରି ଭରଣପୋଷଣ କଲ୍ୟାଣ ଆଇନର ଆଶ୍ରୟ ସହଜ ଓ ସରଳ ଉପାୟରେ ନ୍ୟାୟ ପାଇବେ ତାହା ପ୍ରାଞ୍ଜଳ ଭାବେ ବୁଝାଇ ଥିଲେ । ଏହି ନିୟମ କାଶ୍ମୀର ବ୍ୟତୀତ ଭାରତର ସମସ୍ତ ରାଜ୍ୟରେ ଏହି ପ୍ରାବଧାନ ଲାଗୁ ହୋଇ ପାରିବ ଏବଂ ଏଥିପାଇଁ ଉପଜିଲ୍ଲାପାଳଙ୍କ ଠାରେ ସାଧା କାଗଜରେ ଦରଖାସ୍ତ କିମ୍ବା ନିର୍ଦ୍ଧାରିତ ଫର୍ମରେ ଆବେଦନ କରିପାରିବେ ବୋଲି ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଭାପତି ବାଲାରାଜୁ ପାଢୀ, ଉପସଭାପତି ସୁରେନ୍ଦ୍ର କୁମାର ମଲ୍ଲିକ, ସଂପାଦକ ଅଶୋକ କୁମାର ସାମଲ, ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଶିବ ପ୍ରସାଦ ପାତ୍ର, ବାଳକୃଷ୍ଣ ପାଢ଼ୀ, ଲଡ଼ୁ କିଶୋର ପଣ୍ଡା, ଏସ୍ ଏରା ସ୍ୱାମୀ, ଗଣେଶ ଜେନା, ଜଗନ୍ନାଥ ତିଆଡ଼ି ପ୍ରମୁଖ ୧୦୦ ଜଣ ବରିଷ୍ଠ ନାଗରୀକ ବୁଦ୍ଧିଜୀବୀ ଓ ଯୁବଗୋଷ୍ଠୀ ଉପସ୍ଥିତ ଥିଲେ । ସେମାନଙ୍କୁ ପ୍ରାକ୍ ଓ ପରବର୍ତ୍ତୀ ପରୀକ୍ଷା ମଧ୍ୟ କରାଯାଇଥିଲା । ଶେଷରେ ସଂଯୋଜକ ସୁକାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



# ଆର୍ଯ୍ୟନ୍ ଏକାଡେମୀ ତରଫରୁ ସାଂସ୍କୃତିକ ଓ ପାରମ୍ପରିକ ନୃତ୍ୟ ଉତ୍ସବ

**ବ୍ରହ୍ମପୁର(ଏନ୍.ଏମ୍.) :** ଗଂଜାମ କଳା ପରିଷଦ ଠାରେ ଆର୍ଯ୍ୟନ୍ ଏକାଡେମୀ ତରଫରୁ ଓଡ଼ିଶା କଲଚର ଏଣ୍ଡ ଟ୍ରେଡିସନାଲ ଫେଷ୍ଟ ମହାସମାରୋହରେ ଆୟୋଜିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟଅତିଥି ରୂପେ ମେୟର ସଂଘମିତ୍ରା ଦଳାଇ ,ସମ୍ମାନିତ ଅତିଥି ଜିଲ୍ଲା ବିଜେପି ସଭାପତି ସରୋଜ ସାବତ, ସାଂସଦ ପ୍ରତିନିଧି ମିନା ଦ୍ୟାନସାମନ୍ତରାୟ, ସମାଜସେବୀ ଏ.ସନ୍ତୋଷ ପାତ୍ର, ପୂର୍ବତନ କାଜୁ ନିଗମ ଅଧକ୍ଷ ସୁବାସ ମହାରଣା, ଆଇନଜୀବି ସଞ୍ଜୟ ଜେନା, ଶିକ୍ଷାବିତ୍ କାଳୀ ଚରଣ ସାହୁ, ସମାଜସେବୀ ଅଜିତ ସ୍ୱାମୀ ପାତ୍ର, ବାବୁ ଗୌଡ଼, ଭଗବାନ୍ ପାତ୍ର, ଡା . ଶ୍ୱେତା ପାତ୍ର, ଡ଼ା ମୀରା ବାଇ, ଡ଼ା ରିଶିକା ସେନ, ଇଞ୍ଜିନିୟର ଯାମିନି କାନ୍ତ ଦାସ, ସୁଶାନ୍ତ ସାବତ, ଶିକ୍ଷାବିତ୍ ଆଶୁତୋଷ ପାଢ଼ୀ, ଉପଦେଷ୍ଟା ଅନିଲ ପାତ୍ର ଓ ସାମ୍ବାଦିକ ସୁଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ । ଏକାଡେମୀ ପକ୍ଷରୁ ପ୍ରତିଷ୍ଠାତ୍ରୀ ମିନା ଦାସ ଏହାର ନେତୃତ୍ୱ ନେଇଥିବା ବେଳେ ସଭାପତି ନାରାୟଣ ମହାକୁଡ ଅଧକ୍ଷତା କରିଥିଲେ । କାହ୍ନୁ ରାଉତ ସଂଯୋଜନା କରିଥିବା ବେଳେ ତରୁଣ, ରବିଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ । ପାରମ୍ପରିକ ବେଶଭୂଷାରେ ସୁନ୍ଦରୀ ପ୍ରତିଯୋଗିତାରେ ମିସ ବିଭାଗରେ ଜସ୍ମିନ୍ ସାମନ୍ତରାଙ୍କୁ ମିସ ଆଇକନିକ୍ ଅଫ ଓଡ଼ିଶା ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା । ପ୍ରତିଯୋଗିତାରେ ସସ୍ମିତା ପଟ୍ଟନାୟକ ଙ୍କୁ ଆଇକନ୍ ଅଫ ଓଡ଼ିଶା, କିଡସ୍ ରେ ଶାନଭି ସମ୍ପନ୍ନା ବିଜେତା ହୋଇ ପୁରସ୍କୃତ ହୋଇଥିଲେ । ମିସରେ ଫାଷ୍ଟ ରନର ଅପ ଅଜମା ଖାତୁନ ଓ କିଡ୍ସ ରେ ତପସ୍ୟା ଦଣ୍ଡସେନାଙ୍କୁ ଫାଷ୍ଟ ରନରସ ଅପ ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା ।




# ବନବିଭାଗ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ପାଇଁ ସଚେତନତା

**ରାଜନଗର(ଏନ୍.ଏମ୍.) :** ରାଜନଗର ବନଖଣ୍ଡ ଅଧିନସ୍ଥ କନିକା ବନାଞ୍ଚଳ ତରଫରୁ ପ୍ଲାଷ୍ଟିକ ମୁକ୍ତ ଭିତରକନିକା ସଚେତନତା ନିମନ୍ତେ ଏକ ବିଶାଳ ବାଇକ୍ ରାଲି ସହିତ ସଫେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ସଚେତନତା ରାଲି ଭିତରକନିକା ଜାତୀୟ ଉଦ୍ୟାନ ଠାରୁ ଆରମ୍ଭ ହୋଇ ଖୋଲା ବୋଟିଂ ପଏଣ୍ଟ ପର୍ଯ୍ୟନ୍ତ ଚାଲିଥିଲା । ଏହି କାର୍ଯ୍ୟକ୍ରମକୁ କନିକା ବନାଞ୍ଚଳର ସହକାରୀ ବନ ସଂରକ୍ଷକ ମାନସ କୁମାର ଦାସ ସବୁଜ ପତାକା ପ୍ରଦର୍ଶନ କରି ଶୁଭାରମ୍ଭ କରିଥିଲେ । ଏହି ସଚେତନତା ଆଗାମୀ ପୀଢିକୁ ଏକ ସବୁଜ, ସୁନ୍ଦର, ସୁରକ୍ଷିତ ପୃଥିବୀ ଗଠନ କରିବାକୁ ବାର୍ତ୍ତା ପ୍ରଦାନ କରାଯାଇଥିଲା । ସେସ୍ଛାସେବୀ ଓ ବନ କର୍ମଚାରୀ ମାନେ ବିଭିନ୍ନ ପ୍ଲେ କାର୍ଡ ଧରି ପ୍ଲାଷ୍ଟିକ ମୁକ୍ତ ପାଇଁ ବିଭିନ୍ନ ସ୍ଲୋଗାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କନିକା ବନାଞ୍ଚଳର ସମସ୍ତ ବନ କର୍ମଚାରୀ, ନିକଟସ୍ଥ ବୁଦ୍ଧିଜୀବୀ ଓ ଯୁବଗୋଷ୍ଠୀ ପ୍ରମୁଖ ସାମିଲ ହୋଇଥିଲେ ।



## ଭାରତୀୟ ରେଡ଼କ୍ରସ ସଂସ୍ଥା ଦ୍ୱାରା ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ପ୍ୟାକେଟ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ

# ସରକାରଙ୍କ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନରେ ହାତ ମିଳାଇଛି ଭାରତୀୟ ରେଡ଼କ୍ରସ ସଂସ୍ଥା

**ବାରିପଦା(ଏନ୍.ଏମ୍.) :** ଭାରତୀୟ ରେଡ଼କ୍ରସ ସଂସ୍ଥା, ଓଡ଼ିଶା ରାଜ୍ୟ ଶାଖା, ଭୁବନେଶ୍ୱର ଆର୍ଥିକ ସହାୟତାରେ ଭାରତୀୟ ରେଡ଼କ୍ରସ ସଂସ୍ଥା, ଜିଲ୍ଲା ଶାଖା,ମୟୂରଭଞ୍ଜ ତରଫରୁ ଜିଲ୍ଲାର ବିଭିନ୍ନ ବ୍ଲକରେ ଚିକିତ୍ସାଧୀନ ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ପ୍ୟାକେଟ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଅଛି । ଏହି ଅବସରରେ ୨୯ ଜାନୁଆରୀରେ ବାରିପଦା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଯକ୍ଷ୍ମା ବିଭାଗର ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାର ଜିଲ୍ଲାପାଳ ତଥା ଜିଲ୍ଲା ରେଡ଼କ୍ରସର ଅଧକ୍ଷ, ଭାରତୀୟ ରେଡ଼କ୍ରସ ସଂସ୍ଥା, ଜିଲ୍ଲା ଶାଖା, ମୟୂରଭଞ୍ଜଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ତଥା ରେଡ଼କ୍ରସ ସମ୍ପାଦକ ଶ୍ରୀମତୀ ଶ୍ରଦ୍ଧା ସୁମନ, ଭାରତୀୟ ରେଡ଼କ୍ରସ ସଂସ୍ଥା, ଜିଲ୍ଲା ଶାଖା ମୟୂରଭଞ୍ଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଶାଖାର ଅବୈତନିକ ସଚିବ ଗଣେଶ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. କିଶୋର ଚନ୍ଦ୍ର ଆଚାର୍ଯ୍ୟ, ସହକାରୀ ଜିଲ୍ଲା ଚିକିତ୍ସା ଅଧିକାରୀ (ଯକ୍ଷ୍ମା) ଏମଡି ନରୁଲ ହୁସେନ, ରାଜ୍ୟ ରେଡ଼କ୍ରସ୍‌ର ସହ ସମ୍ପାଦକ, ଅଶୋକ କୁମାର ମହାନ୍ତି,ବରିଷ୍ଠ ସଦସ୍ୟ ରଞ୍ଜନ କୁମାର ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଏହି ସଭାକୁ ମୟୂରଭଞ୍ଜ ଜିଲ୍ଲା ଜୁନିୟର ରେଡ଼କ୍ରସ ଅଧିକାରୀ ସ୍ମୃତି ରଞ୍ଜନ ପାଣି, ପରିଚାଳନା କରିଥିବାବେଳେ ଟିବି କାର୍ଯ୍ୟକ୍ରମର ସଂଯୋଜକ ଦିନକୃଷ୍ଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଯକ୍ଷ୍ମା ରୋଗୀ ମାନଙ୍କୁ ମୁଖ୍ୟ ଅତିଥି ପୁଷ୍ଟିକର ଖାଦ୍ୟ ପ୍ୟାକେଟ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯକ୍ଷ୍ମା ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିବା ବେଳେ ଜିଲ୍ଲା ଜରୁରୀ କାଳୀନ ବିଭାଗର କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ । ଭାରତୀୟ ରେଡ଼କ୍ରସ ସଂସ୍ଥା ର ଏହି ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ପ୍ୟାକେଟ ବଣ୍ଟନ କାର୍ଯ୍ୟକ୍ରମ ଦ୍ୱାରା ମୟୂରଭଞ୍ଜ ଜିଲ୍ଲା ର ୨୬ ଟି ବ୍ଲକର ୨୨୩୮ ଯକ୍ଷ୍ମା ରୋଗୀ ପ୍ରାଥମିକ ସ୍ଥଳେ ଉପକୃତ ହେବେ ଏବଂ ପରେ ପରେ ଏହା ଦ୍ୱାରା ଅଧିକରୁ ଅଧିକ ଯକ୍ଷ୍ମା ରୋଗୀଙ୍କୁ ମଧ୍ୟ ସାମିଲ କରିଯିବ ବୋଲି ରାଜ୍ୟ ସମ୍ପାଦକ, ଶ୍ରୀ ପାତ୍ର ସୂଚନା ପ୍ରଦାନ କରିଥିଲେ । ଏଥିରେ ଜରୁରୀ କାଳୀନ ବିଭାଗର ବରିଷ୍ଠ ସହାୟକ ମନୋଜ କୁମାର ମଙ୍ଗରାଜ, ପବିତ୍ର ମହାନ୍ତ, ରବୀନ୍ଦ୍ର ନାଥ ଦାଶ, ଟିବି ବିଭାଗର ଚିନ୍ମୟ ଦାସ, ଇନ୍ଦିରା ପ୍ରିୟଦର୍ଶୀ, ଅନଙ୍ଗ ଦେବ ବାରିକ, ସତ୍ୟବ୍ରତ ମିଶ୍ର,ମନୋରଞ୍ଜନ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।






# ପିଟି ଉଷାଙ୍କ ସ୍ୱାମୀ ଭି. ଶ୍ରୀନିବାସନଙ୍କ ପରଲୋକ

**ନୂଆଦିଲ୍ଲୀ (ଏଜେନ୍ସି):** ଭାରତୀୟ ଅଲିମ୍ପିକ୍ ଆସୋସିଏସନର ଅଧ୍ୟକ୍ଷା ଏବଂ ରାଜ୍ୟସଭା ସଦସ୍ୟ ପିଟି ଉଷାଙ୍କ ସ୍ୱାମୀ ଭି. ଶ୍ରୀନିବାସନଙ୍କ ଦେହାନ୍ତ ହୋଇଛି। ପରିବାର ପକ୍ଷରୁ ଶ୍ରୀନିବାସନଙ୍କ ମୃତ୍ୟୁ ଘୋଷଣା କରାଯାଇଛି । ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା। ସୂତ୍ର ଅନୁସାରେ ଶ୍ରୀନିବାସନ ଶୁକ୍ରବାର ସକାଳେ ତାଙ୍କ ବାସଭବନରେ ଚେତାଶୂନ୍ୟ ପଡ଼ିଥିଲେ। ତାଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା । ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କିଛି ଦିନ ତଳେ ପିଟି ଉଷାଙ୍କ ପୁଅ ବାହାଘର ହୋଇଥିଲା। ଘରକୁ ବୋହୂ ଆଣିଥିଲେ ଶ୍ରୀନିବାସନ। ହସଖୁସିର ପରିବାରରେ ଏବେ ଦୁଃଖର ପାହାଡ଼ ଭୁଶୁଡ଼ି ପଡିଛି। ଦୁଃଖ ସମୟରେ ପରିବାରକୁ ସମବେଦନା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଉଷାଙ୍କ ଜୀବନ ଏବଂ କ୍ୟାରିୟରରେ ଥିଲା ଭୂମିକା- ୧୯୯୧ରେ ପିଟି ଉଷା ଏବଂ ଶ୍ରୀନିବାସନଙ୍କ ବିବାହ ହୋଇଥିଲା। ଶ୍ରୀନିବାସନ ପୋନାନିର ଭେଙ୍ଗାଲି ଥରାଭାଡର ବାସିନ୍ଦା ଥିଲେ। କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳରେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଭାବରେ କାର୍ଯ୍ୟ କରିଥିଲେ ଶ୍ରୀନିବାସନ। ସେ ପି.ଟି. ଉଷାଙ୍କ ଚମତ୍କାର କ୍ରୀଡା କ୍ୟାରିୟରଠାରୁ ଆରମ୍ଭ କରି ରାଜନୈତିକ ଯାତ୍ରା ପର୍ଯ୍ୟନ୍ତ ସବୁଥିରେ ତାଙ୍କ ପାଖରେ ଠିଆ ହୋଇଥିଲେ। ଉଷାଙ୍କ ପାଇଁ ଏକ ଦୃଢ଼ ସମର୍ଥକ ଏବଂ ତାଙ୍କ ଅନେକ ବୃତ୍ତିଗତ ସଫଳତା ପଛରେ ପ୍ରେରଣାଦାୟକ ଶକ୍ତି ଭାବରେ ବିବେଚନା କରାଯାଉଥିଲା। ପି.ଟି. ଉଷା ଏବଂ ଭି. ଶ୍ରୀନିବାସନଙ୍କର ଉଜ୍ୱଳ ନାମକ ଏକ ପୁଅ ଅଛି। କିଛି ମାସ ତଳେ ଉଜ୍ୱଳଙ୍କ ବାହାଘର ହୋଇଥିଲା। 'ଉଡ଼ନ୍ତା ପରୀ' ଭାବରେ ଜଣାଶୁଣା ପିଟି ଉଷା ଭାରତୀୟ କ୍ରୀଡା ଇତିହାସର ସବୁଠାରୁ ପ୍ରେରଣାଦାୟକ ବ୍ୟକ୍ତିତ୍ୱମାନଙ୍କ ମଧ୍ୟରୁ ଜଣେ। ଏହି ବ୍ୟକ୍ତିଗତ କ୍ଷତି କେବଳ ତାଙ୍କ ପାଇଁ ନୁହେଁ ବରଂ ତାଙ୍କ ପ୍ରିୟଜନଙ୍କ ପାଇଁ ମଧ୍ୟ ଗଭୀର ଦୁଃଖଦାୟକ। ପିଟି ଉଷା ଭାରତୀୟ ଆଥଲେଟିକ୍ସର ଜଣେ ମହାନ୍ ସ୍ପ୍ରିଣ୍ଟର। ତାଙ୍କୁ 'ପାୟୋଲି ଏକ୍ସପ୍ରେସ୍' ଏବଂ 'ଗୋଲ୍ଡେନ୍ ଗାର୍ଲ' ବୋଲି କୁହାଯାଏ । ସେ ଏସୀୟ କ୍ରୀଡ଼ା ଏବଂ ଚାମ୍ପିଅନସିପରେ ଅନେକ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୧୯୮୪ରେ ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ସରେ ୪୦୦ ମିଟର ଦୌଡ଼ରେ ଚତୁର୍ଥ ସ୍ଥାନରେ ରହିଥିଲେ। ଜଣେ ଖେଳାଳି, ପ୍ରଶିକ୍ଷକ ସର୍ବୋପରି ଜଣେ ପତ୍ନୀଙ୍କର ଏପରି ଦୁଃଖ ସମୟରେ ପ୍ରଶଂସକ ଏବଂ ଜନସାଧାରଣ ତାଙ୍କୁ ସୋସିଆଲ ମିଡିଆରେ ସାହସ ଏବଂ ଧୈର୍ଯ୍ୟ ଧରିବାକୁ କହିଛନ୍ତି। ପିଟି ଉଷାଙ୍କ ସ୍ୱାମୀଙ୍କ ଦେହାନ୍ତକୁ ନେଇ ଶୋକ ପ୍ରକାଶ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏକ୍ସରେ ସେ ଲେଖିଛନ୍ତି, ' ଏହି କଷ୍ଟକର ସମୟରେ ଶୋକସନ୍ତପ୍ତ ପରିବାରକୁ ମୋର ସମବେଦନା। ସ୍ୱର୍ଗତ ଆତ୍ମାର ଶାନ୍ତି ପାଇଁ ପ୍ରାର୍ଥନା କରୁଛି।'' କେନ୍ଦ୍ର ମନ୍ତ୍ରୀ କିରନ ରିଜିଜୁ ମଧ୍ୟ ଭି. ଶ୍ରୀନିବାସନଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି। ଏକ ପୋଷ୍ଟରେ ସେ କହିଛନ୍ତି, 'ରାଜ୍ୟସଭା ସାଂସଦ ଏବଂ ଭାରତୀୟ ଅଲିମ୍ପିକ୍ ଆସୋସିଏସନ୍ ସଭାପତି ପି.ଟି. ଉଷାଙ୍କ ସ୍ୱାମୀ ଭି. ଶ୍ରୀନିବାସନଙ୍କ ବିୟୋଗ ବିଷୟରେ ଜାଣି ମର୍ମାହତ। ପି.ଟି. ଉଷା ଏବଂ ତାଙ୍କ ପରିବାର ପ୍ରତି ମୋର ଗଭୀର ସମବେଦନା। ଏହି କଷ୍ଟକର ସମୟରେ ସେମାନଙ୍କୁ ସାହସ ଦେବା ପାଇଁ ମୁଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି।'



## କିଙ୍ଗ୍ କୋହଲିଙ୍କ ଇନ୍ଷ୍ଟାଗ୍ରାମ ଆକାଉଣ୍ଟ ବନ୍ଦ

# ୨୭ କୋଟିରୁ ଅଧିକ ଥିଲେ ଫଲୋର୍ସ




ନୂଆଦିଲ୍ଲୀ(ଏଜେନ୍ସି): ସମ୍ପ୍ରତି ସୋସିଆଲ ମିଡ଼ିଆ ନିଜର ସ୍ଥିତି ଜାହିର କରିଚାଲିଥିବାବେଳେ ଆଜିର ଯୁବପୀଢ଼ି ମାନେ ସୋସିଆଲ ମିଡିଆ ବିନା ରହିବା କଷ୍ଟକର ହୋଇ ପଡୁଛି। ସତେ ଯେମିତି ସୋସିଆଲ ମିଡିଆ ତାଙ୍କର ସବୁ କିଛି। ସୋସିଆଲ ମିଡିଆର ବିଭିନ୍ନ ପ୍ଲାଟଫର୍ମରେ ୟୁଜରମାନେ ନିଜର ମନ ପସନ୍ଦ ଲୋକଙ୍କୁ ଫଲୋ କରିବା ସହ ସେମାନଙ୍କ ବିଷୟରେ ଟିକନିକ ଜାଣିବାକୁ ପାଇଥାନ୍ତି। ଯଦି କିଛି ସମୟ ପାଇଁ ସୋସିଆଲ ମିଡିଆ ବନ୍ଦ ହୋଇ ଯାଏ ତେବେ ଆଜିର ଯୁବପୀଢ଼ି ଅସ୍ୱସ୍ଥିବୋଧ କରନ୍ତି। ଏହି ପରିପ୍ରେକ୍ଷୀରେ ବିଶ୍ୱର ଜଣେ ବିଶିଷ୍ଟ କ୍ରୀଡ଼ାବିତଙ୍କ ସୋସିଆଲ ମିଡିଆ ହଠାତ ବନ୍ଦ ହୋଇଯିବା ଏପରିକି ତାଙ୍କ ଆକାଉଣ୍ଟକୁ ସର୍ଚ୍ଚ କଲେ ମଧ୍ୟ କୌଣସି ପ୍ରୋଫାଇଲ ନମିଳିବା ନେଇ କୋଟି କୋଟି ୟୁଜର୍ସ ଏବେ ବିବ୍ରତ ହୋଇ ପଡ଼ିଥିବା ଦେଖିବାକୁ ମିଳିଛି।

ବିଶ୍ୱର ଷ୍ଟାର କ୍ରିକେଟରମାନଙ୍କ ମଧ୍ୟରୁ ଜଣେ ପୂର୍ବତନ ଭାରତୀୟ ଅଧିନାୟକ ବିରାଟ କୋହଲି। ରାତିରେ ହଠାତ୍ ଇନଷ୍ଟାଗ୍ରାମ୍ ଆକାଉଣ୍ଟ ବନ୍ଦ ହୋଇଯାଇଛି। ଇନଷ୍ଟାଗ୍ରାମରେ ବିରାଟଙ୍କ ନାମ ଖୋଜିବା ପରେ ମଧ୍ୟ ତାଙ୍କ ପ୍ରୋଫାଇଲ୍ ଜଣାପଡୁନାହିଁ। ଯାହା ଫଳରେ କୋହଲିଙ୍କ ପ୍ରଶଂସକମାନେ ଦ୍ୱନ୍ଦ୍ୱ ଏବଂ ଚିନ୍ତିତ ହୋଇପଡ଼ିଛନ୍ତି। କୋହଲି ଏହି ପଦକ୍ଷେପ ନିଜେ ନେଇଛନ୍ତି କି କୌଣସି ଯାନ୍ତ୍ରିକ ସମସ୍ୟା ଥିଲା ସେ ବିଷୟରେ କୌଣସି ବୟାନ ଦିଆଯାଇ ନାହିଁ। କୋହଲିଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟ ଡିଆକ୍ଟିଭ ହେବା ଯୋଗୁଁ, ସୋସିଆଲ ମିଡିଆରେ ତାଙ୍କର ଲକ୍ଷ ଲକ୍ଷ ପ୍ରଶଂସକ ନିରନ୍ତର ପ୍ରଶ୍ନ ପଚାରୁଛନ୍ତି ଯେ, ବିଶ୍ୱର ଏହି କିମ୍ବଦନ୍ତୀ କ୍ରିକେଟରଙ୍କ ଆକାଉଣ୍ଟ କାହିଁକି ମିଳୁନାହିଁ। ଇନଷ୍ଟାରେ ୨୭ କୋଟି ଫଲୋର୍ସ- ବିରାଟ କୋହଲିଙ୍କ ଇନ୍ଷ୍ଟାରେ ୨୭୪ ନିୟୁତ ବା ୨୭ କୋଟିରୁ ଅଧିକ ଫଲୋର୍ସ ଅଛନ୍ତି। ତାଙ୍କ ଆକାଉଣ୍ଟ ହଠାତ୍ ଗାଏବ ହୋଇଯିବା କ୍ରିକେଟ ପ୍ରେମୀଙ୍କ ମଧ୍ୟରେ ଆଲୋଚନାର ବିଷୟ ପାଲଟିଛି। ବିରାଟ କୋହଲିଙ୍କ ପ୍ରଶଂସକମାନେ ଇନଷ୍ଟାଗ୍ରାମ ଏବଂ ଇନଷ୍ଟାଗ୍ରାମରେ ସ୍କ୍ରିନସଟ୍ ସେୟାର କରି ବିଭିନ୍ନ କଳ୍ପନା ଜଳ୍ପନା ଆରମ୍ଭ କରୁଛନ୍ତି। ପ୍ରୋଫାଇଲ୍ ଗାଏବ ହେବା ଉଦ୍ଦେଶ୍ୟମୂଳକ, ଅସ୍ଥାୟୀ, ନା କୌଣସି ବୈଷୟିକ ତ୍ରୁଟିର ଫଳାଫଳ ଥିଲା ସେ ବିଷୟରେ ବିରାଟ କୋହଲି, କିମ୍ବା ତାଙ୍କ ଟିମ୍ ଇନଷ୍ଟାଗ୍ରାମ ପକ୍ଷରୁ କୌଣସି ଆନୁଷ୍ଠାନିକ ସ୍ପଷ୍ଟୀକରଣ ଦିଆଯାଇ ନାହିଁ। ମିଡିଆ ରିପୋର୍ଟ ଅନୁଯାୟୀ, ରହସ୍ୟକୁ ଆହୁରି ବଢାଇ ଦେଉଛି, ବିରାଟ କୋହଲିଙ୍କ ଭାଇ ବିକାଶ କୋହଲିଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟ ମଧ୍ୟ ସର୍ଚ୍ଚରେ ଦେଖାଯାଉନାହିଁ। ତାଙ୍କ ପ୍ରୋଫାଇଲ୍ ଆକ୍ସେସ୍ କରିବାକୁ ଚେଷ୍ଟା କରୁଥିବା ୟୁଜର ସମାନ 'ପ୍ରୋଫାଇଲ୍ ଅନାବଶ୍ୟକ' ମେସେଜ୍ ପାଉଛନ୍ତି।

## ରଣଜୀ ଟ୍ରଫି ମୁକାବିଲା

# ପ୍ରଦୂଷଣ ପାଇଁ ମାସ୍କ ପିନ୍ଧି ଖେଳିଲେ ମୁମ୍ବାଇ ଖେଳାଳି

ମୁମ୍ବାଇ (ଏଜେନ୍ସି) : ବାନ୍ଦ୍ରା-କୁର୍ଲା କମ୍ପ୍ଲେକ୍ସ ଠାରେ ଘରୋଇ ମୁମ୍ବାଇ ଓ ଦିଲ୍ଲୀ ମଧ୍ୟରେ ଗୁରୁବାର ରଣଜୀ ଟ୍ରଫି ମ୍ୟାଚ୍ ଆରମ୍ଭ ହୋଇଛି। ପ୍ରଥମ ଦିବସର ଶେଷ ଆଡ଼କୁ ଅତ୍ୟଧିକ ପ୍ରଦୂଷଣ ମ୍ୟାଚ୍‌ରେ ବାଧା ସୃଷ୍ଟି କରିଥିଲା। ଗ୍ରାଉଣ୍ଡ ନିକଟସ୍ଥ ଏକ ନିର୍ମାଣାଧୀନ କୋଠାରୁ ଧୂଳି ଉଡ଼ିବା କାରଣରୁ କୁହୁଡ଼ି ସଦୃଶ ପ୍ରତୀୟମାନ ହୋଇଥିଲା। ଫଳରେ ଫିଲ୍ଡିଂ କରୁଥିବା ମୁମ୍ବାଇ ଦଳର ଖେଳାଳିମାନେ ମାସ୍କ ପିନ୍ଧିବାକୁ ବାଧ୍ୟ ହୋଇଥିଲେ। ଏପରିକି ପଡ଼ିଆ ଅମ୍ପାୟାର ସହଳ ଷ୍ଟମ୍ପ ଘୋଷଣା କରିବାକୁ ନିଷ୍ପତ୍ତି ନେଇଥିଲେ। ଘଟଣାକୁ ନେଇ ମୁମ୍ବାଇ କ୍ରିକେଟ୍ ବୋର୍ଡ଼ (ଏମ୍‌ସିଏ) ପକ୍ଷରୁ ମହାରାଷ୍ଟ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼କୁ ଲିଖିତ ଭାବେ ଅବଗତ କରାଯାଇଥିବା ଜଣାପଡ଼ିଛି। ପ୍ରଥମ ଦିବସରେ ଦିଲ୍ଲୀ ପ୍ରଥମେ ବ୍ୟାଟିଂ କରି ୨୨୧ ରନରେ ଅଲଆଉଟ୍ ହୋଇ ଯାଇଥିଲା। ଦଳ ପକ୍ଷରୁ ଓପନର ସନତ୍ ସାଙ୍ଗୱାନ ୧୧୮ (୧୧ଚୌକା, ୨ଛକା), ବୈଭବ କାଣ୍ଡପାଲ ୩୨, ପ୍ରଣବ ରାଜବଂଶୀ ୩୯ରନ୍ କରିଥିଲେ। ମୁମ୍ବାଇ ପକ୍ଷରୁ ମୋହିତ ଅବସ୍ଥି ୫ଟି ୱିକେଟ୍ ନେଇଥିଲେ। ଜବାବରେ ମୁମ୍ବାଇ ପ୍ରଥମ ଇନିଂସ୍ ବ୍ୟାଟିଂ ଆରମ୍ଭ କରି ୧/୧୩ରନ୍ ସଂଗ୍ରହ କରିଛି। ଷ୍ଟମ୍ପ ଘୋଷଣା ସୁଦ୍ଧା ଅଖିଲ ହେରୱାଡକର ୪ ଓ ତୁଷାର ଦେଶପାଣ୍ଡେ କୌଣସି ରନ୍ ନକରି ଅପରାଜିତ ଅଛନ୍ତି।



# ପ୍ରୋ-ଲିଗ୍ ହକି ଲାଗି ସାମ୍ଭାବ୍ୟ ଭାରତୀୟ ଦଳରେ ଓଡ଼ିଶାରୁ ୫

ଭୁବନେଶ୍ୱର(ଏନ୍.ଏମ୍.) : ରାଉରକେଲାରେ ଆସନ୍ତା ମାସରେ ହେବାକୁ ଥିବା ଏଫ୍ଆଇଏଚ୍ ପୁରୁଷ ପ୍ରୋ-ଲିଗ୍ ହକି ପ୍ରତିଯୋଗିତା ଲାଗି ହକି ଲାଗି ହକି ଇଣ୍ଡିଆ ଗୁରୁବାର ୩୩ ଜଣିଆ ସମ୍ଭାବ୍ୟ ଦଳ ଘୋଷଣା କରିଛି। ଏହି ଦଳରେ ଓଡ଼ିଶାରୁ ୫ ଜଣ ଅମିତ ରୋହିଦାସ, ନୀଲମ ସଞ୍ଜୀପ ଖେସ୍, ଶିଳାନନ୍ଦ ଲାକ୍ରା, ଅମନଦୀପ ଲାକ୍ରା ଓ ରୋଶନ କୁଜୁର ସ୍ଥାନ ପାଇଛନ୍ତି। ଏମାନେ ରାଉରକେଲାରେ ଫେବୃଆରି ୧ରୁ ୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଜାତୀୟ ଦଳର ପ୍ରସ୍ତୁତି ଶିବିରରେ ଅଂଶଗ୍ରହଣ କରିବେ। ଏହି ଶିବିରରୁ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଫେବ୍ରୁଆରି ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପ୍ରୋ-ଲିଗ୍ ଲାଗି ଚୂଡ଼ାନ୍ତ ଦଳ ଘୋଷଣା କରାଯିବ। ଶିବିର ପୂର୍ବରୁ ଦଳର ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲଟନ୍ କହିଛନ୍ତି ଯେ ''ହକି ଇଣ୍ଡିଆ ଲିଗ୍ ପ୍ରଦର୍ଶନ ଦେଖି ଆମେ ଏହି ଦଳ ଚୟନ କରିଛୁ। କାର୍ଯ୍ୟଭାର ଯୋଗୁଁ କିଛି ବରିଷ୍ଠ ଖେଳାଳିଙ୍କୁ ବିଶ୍ରାମ ଦେଇଛୁ। ଭଲ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ସୁଯୋଗ ଦେଇଛୁ। ଆଗାମୀ ବିଶ୍ୱକପ୍ ଓ ଏସୀୟ କ୍ରୀଡ଼ା ଆମର ମୁଖ୍ୟ ଲକ୍ଷ୍ୟ ରହିଥିବାରୁ ରାଉରକେଲା ଓ ହୋବର୍ଟ ପ୍ରୋ-ଲିଗ୍ ପ୍ରଦର୍ଶନ ଆମକୁ ଭଲ ଦଳ ଚୟନ କରିବାକୁ ସାହାଯ୍ୟ କରିବ।''




NTV NISHKARSHA
ନିଷ୍କର୍ଷ NISHKARSHA
ପ୍ରତିଦିନ ଆପଣଙ୍କୁ ତାଜା ଖବର ଦେବା ପାଇଁ
ନିଷ୍କର୍ଷ ମିଡିଆ ଅଙ୍ଗୀକାରବଦ୍ଧ
ତେଣୁ ଆପଣ ନିଷ୍କର୍ଷ ସାପ୍ତାହିକଖବରକାଗଜ, ନିଷ୍କର୍ଷ ପୋର୍ଟାଲ, ୟୁଟ୍ୟୁବ ଚାନେଲ ସହ ୨୪ଘଣ୍ଟିଆ ଚାନେଲ ଏନଟିଭି ଦେଖନ୍ତୁ
ସର୍ଚ୍ଚ କରନ୍ତୁ
nishkarsha.com

# ବାଂଲାଦେଶ ସାମ୍ବାଦିକଙ୍କୁ ନୂଆ ଆଶା ଦେଲା ଆଇସିସି

**ମୁମ୍ବାଇ(ଏଜେନ୍ସି) :** ଭାରତ ଓ ଶ୍ରୀଲଙ୍କାରେ ଆୟୋଜିତ ଟି-୨୦ ବିଶ୍ୱକପର ରିପୋର୍ଟିଂ କରିବାକୁ ଚାହୁଁଥିବା ବାଂଲାଦେଶ ସାମ୍ବାଦିକଙ୍କ ମିଡିଆ ଆକ୍ରେଡିସନ ଉପରେ ପୁଣି କାମ ଆରମ୍ଭ କରିଛି ଆଇସିସି। ସୁରକ୍ଷା ଆଳରେ ବାଂଲାଦେଶ ଜାତୀୟ ଟିମ ବିଶ୍ୱକପରୁ ଓହରି ଯାଇଥିଲେ ହେଁ ଢାକାର ସାମ୍ବାଦିକମାନେ ଟୁର୍ଣ୍ଣାମେଣ୍ଟକୁ କଭର କରିବାକୁ ଚାହୁଁଛନ୍ତି। ପ୍ରଥମେ କିଛି ସାମ୍ବାଦିକଙ୍କ ଆବେଦନ ଖାରଜ ହୋଇଥିବା ଜଣାପଡ଼ିଥିଲା। ଏବେ ଆଇସିସି ପୁଣି ଏହା ଉପରେ କାମ ଆରମ୍ଭ କରି ସେମାନଙ୍କୁ ନୂଆ ଆଶା ଦେଇଛି। କିଛି ବାଂଲାଦେଶ ସାମ୍ବାଦିକ ଦାବି କରିଥିଲେ ଯେ ସେମାନଙ୍କ ଆକ୍ରେଡିସନ ଆବେଦନକୁ ଖାରଜ କରି ଦିଆଯାଇଛି। ହେଲେ ଆଇସିସି ଆବେଦନ ପ୍ରକ୍ରିୟାକୁ ପରିବର୍ତ୍ତନ କରି ଏହା ଉପରେ ବିଚାର କରୁଥିବା କହିଛି। ଆଇସିସି ପକ୍ଷରୁ କୁହାଯାଇଛି ଯେ "ଆବେଦନ ସଂଖ୍ୟା ଓ ସୂଚୀରେ ପରିବର୍ତ୍ତନ ହେବାରୁ ପୁନଃ କାର୍ଯ୍ୟକ୍ଷମ ପ୍ରକ୍ରିୟା ଜାରି ରହିଛି। ଆକ୍ରେଡିସନ ତାଲିକା ସେହି ଅନୁସାରେ ପ୍ରସ୍ତୁତ କରାଯିବ।" ସୂତ୍ର ଅନୁସାରେ, ବାଂଲାଦେଶର ୮୦ରୁ ୯୦ ଜଣ ସାମ୍ବାଦିକ ମିଡିଆ ଆକ୍ରେଡିସନ ପାଇଁ ଆବେଦନ କରିଥିଲେ। ଯଦି ବି ସେମାନଙ୍କ ଟିମ ବିଶ୍ୱକପରେ ଭାଗ ନେଇଥାଆନ୍ତା, ତା'ହେଲେ ମଧ୍ୟ ଏତେ ସଂଖ୍ୟକ ସାମ୍ବାଦିକଙ୍କ ଆବେଦନକୁ ଗ୍ରହଣ କରା ଯାଇ ନଥାଆନ୍ତା। ଯଦି ଦେଶ ଅନୁସାରେ ସଂରକ୍ଷଣ ବ୍ୟବସ୍ଥାକୁ ଦେଖିବେ, ତା'ହେଲେ ଏହା ୪୦ରୁ ଅଧିକ ହେବ ନାହିଁ। ଆଇସିସି ଦେଶର ବୋର୍ଡ ଅନୁସାରେ ପଦକ୍ଷେପ ନେଇଥାଏ ଓ ସେହି ଅନୁସାରେ ଆବେଦନକୁ ଗ୍ରହଣ ଏବଂ ପ୍ରତ୍ୟାଖ୍ୟାନ କରିଥାଏ। ଏହି ପ୍ରସଙ୍ଗରେ ବାଂଲାଦେଶ କ୍ରିକେଟ ବୋର୍ଡର ମିଡିଆ ଅଧିକାରୀ ଅମଜାଦ ହୁସେନ କହିଛନ୍ତି ଯେ "ଏହି ନିଷ୍ପତ୍ତି ଗତକାଲି ଆସିଛି। ଆମେ ଘଟଣା ସମ୍ପର୍କରେ ତଥ୍ୟ ମାଗିଛୁ। ଆଇସିସିକୁ ଜବାବ ତଲବ କରାଯାଇଛି। ଏହା ଗୋଟିଏ ଆଭ୍ୟନ୍ତରୀଣ ଓ ସମ୍ବେଦନଶୀଳ ପ୍ରସଙ୍ଗ। କାହିଁକି ଏମିତି ଘଟିଲା ଆମେ ଜାଣିବାକୁ ଚାହୁଁଛୁ।" ବାଂଲାଦେଶର ଜଣେ ବରିଷ୍ଠ ସାମ୍ବାଦିକଙ୍କ କହିବା କଥା ଯେ ସେ ୮ରୁ ୯ଟି ଆଇସିସି ବିଶ୍ୱକପର ରିପୋର୍ଟିଂ କରିଛନ୍ତି। ପ୍ରଥମଥର ପାଇଁ ତାଙ୍କ ଆବେଦନ ଖାରଜ ହୋଇଛି। ସେ ପୁନଃ ଆବେଦନ କରିବା ପୂର୍ବରୁ ବିସିବିର ସ୍ପଷ୍ଟୀକରଣକୁ ଅପେକ୍ଷା କରିଥିବା କହିଛନ୍ତି।




Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA).
Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com & nishkarsha.site
Editor : TAPAN KUMAR SAHOO
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
ସମ୍ପାଦକ : ତପନ କୁମାର ସାହୁ